

ପ୍ରଥମ ବର୍ଷ ● ଦ୍ୱିତୀୟ ସଂଖ୍ୟା
ଜାନୁଆରୀ-ଫେବୃଆରୀ, ୨୦୧୬

ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)




ବର୍ତ୍ତମାନ ସମୟରେ ସାଂସ୍କୃତିକ ନବଜାଗରଣର ଅଗ୍ରଦୂତ ହୋଇଥିବା 'ସର୍ବେ ଭବନ୍ତୁ ସୁଖିନଃ' (ଓଟିଭିର) କାର୍ଯ୍ୟକ୍ରମକୁ ଶ୍ରୁତିନ୍ୟାସ ପକ୍ଷରୁ 'ସଂସ୍କୃତି ସମ୍ବର୍ଦ୍ଧନ ସମ୍ମାନ-୨୦୧୫' ପ୍ରଦାନ । ସମ୍ମାନ ଗ୍ରହଣ କରୁଛନ୍ତି ଶ୍ରୀ ଅମରେଶ ବିଶ୍ୱାଳ (କରେଣ୍ଟ ଆଫେୟାର୍ସ ମୁଖ୍ୟ), ଶ୍ରୀ ଅଶୋକ ପଟ୍ଟନାୟକ (ପ୍ରଯୋଜକ) ।




ସାତକଡ଼ି ହୋତାଙ୍କ ଦ୍ୱାରା 'ଶ୍ରୁତି ସୌରଭ' ପତ୍ରିକାର ଉନ୍ମୋଚନ । ମଞ୍ଚାସୀନ ପଦ୍ମନାଭ ସ୍ୱାଇଁ, ବ୍ର. ପ୍ରିୟେଶ, ସ୍ୱାମୀ ସୁଧାନନ୍ଦ ସରସ୍ୱତୀ, ସ୍ୱାମୀ ସଦାନନ୍ଦ ସରସ୍ୱତୀ, ଡଃ. ସୋମଦେବ ଶାସ୍ତ୍ରୀ ଓ  ସୁଧାଂଶୁ ଅଧିକାରୀ ।








ମହର୍ଷିଙ୍କ କର୍ମସ୍ଥଳୀ, ଅନ୍ତିମ ସଂସ୍କାରସ୍ଥଳୀ ଓ ନିର୍ବାଣସ୍ଥଳୀ(ଭିନାୟ କୋଠୀ)ରେ ଶ୍ରୁତିନ୍ୟାସର କର୍ମକର୍ତ୍ତା ।



'ସତ୍ୟାର୍ଥ ପ୍ରକାଶ ନ୍ୟାସ' (ଉଦୟପୁର)ରେ ଅଗ୍ନିବ୍ରତ ନୈଷ୍ଠିକଙ୍କ ସହ ଶ୍ରୁତିନ୍ୟାସର କାର୍ଯ୍ୟକର୍ତ୍ତା ।



ବାନପ୍ରସ୍ଥ ସାଧକ ଆଶ୍ରମ, ରୋଜଡ଼ (ଗୁଜୁରାଟ)ର ଆଚାର୍ଯ୍ୟ ଜ୍ଞାନେଶ୍ୱର ଆର୍ଯ୍ୟଙ୍କ ସହ ଶ୍ରୁତିନ୍ୟାସର କାର୍ଯ୍ୟକର୍ତ୍ତା ।




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର ।



ସେମିଳିଗୁଡ଼ା ପ୍ରେସ୍ କ୍ଲବର ବାର୍ଷିକୋତ୍ସବରେ ସ୍ୱାମୀ ସୁଧାନନ୍ଦ ।




ମୁନିସିପାଲ କଲେଜ, ରାଉରକେଲାରେ ସ୍ୱାମୀ ସୁଧାନନ୍ଦଙ୍କ ଉଦ୍‌ବୋଧନ ।



ଡାଲମିଆ କଲେଜ, ରାଜଗାଙ୍ଗପୁରରେ ସ୍ୱାମୀ ସୁଧାନନ୍ଦ

**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ଦାସ**

କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଶୈଳଶ୍ରୀ ବିହାର**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧**
ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org

**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**
Spiritual Social Vedic Magazine
Bimonthly
Vol-1, Issue-2, Jan-Feb 2016


## ସୂଚୀପତ୍ର


| | | |
|---|---|---|
| ୦୧. | ପ୍ରତିଷ୍ଠାତାଙ୍କ ଲେଖନୀରୁ | ୦୨ |
| ୦୨. | ଧର୍ମଦ୍ୱାରା ହେଉଥିବା କାଳ୍ପନିକ ହାନି | ୦୬ |
| ୦୩. | ଅନ୍ତିମ ସଂସ୍କାରର ସ୍ୱରୂପ | ୧୪ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୪ |


ପ୍ରତ୍ୟେକ ଧର୍ମମତରେ ଅନେକ ବିଦ୍ୱାନ୍ ଅଛନ୍ତି । ସେମାନେ ଯଦି ପକ୍ଷପାତ ତ୍ୟାଗ କରି ସର୍ବତନ୍ତ୍ର-ସିଦ୍ଧାନ୍ତ ଅର୍ଥାତ୍ ଯେଉଁ ସବୁ କଥା ସମସ୍ତଙ୍କ ଅନୁକୂଳ, ସବୁ ମତରେ ସତ୍ୟ ନିହିତ ଅଛି, ସେ ସବୁର ଗ୍ରହଣ ଏବଂ ଯାହା ସବୁ ପରସ୍ପର-ବିରୋଧୀ କଥା ଅଛି, ସେସବୁର ପରିତ୍ୟାଗ କରି ପରସ୍ପର ପ୍ରୀତିପୂର୍ବକ ବ୍ୟବହାର କରିବେ-କରାଇବେ, ତେବେ ଜଗତର ପୂର୍ଣ୍ଣ କଲ୍ୟାଣ ସାଧିତ ହେବ । କାରଣ ବିଦ୍ୱାନଙ୍କ ମଧ୍ୟରେ ବିରୋଧ ଦ୍ୱାରା ଅବିଦ୍ୱାନଙ୍କ ମଧ୍ୟରେ ବିରୋଧ ବୃଦ୍ଧି ପାଇ ଜଗତରେ ଅନେକ ପ୍ରକାର ଦୁଃଖର ଅଭିବୃଦ୍ଧି ଓ ସୁଖର ହାନି ହୋଇଥାଏ ।

**- ମହର୍ଷି ଦୟାନନ୍ଦ ସରସ୍ୱତୀ**


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

**ପ୍ରତିଷ୍ଠାତାଙ୍କ ଲେଖନୀରୁ :**

# ଗୋହତ୍ୟା ନା ରାଷ୍ଟ୍ରହତ୍ୟା ?

ବର୍ତ୍ତମାନ ଗୋହତ୍ୟାକୁ ଅନୁମତି ଦିଆଯିବା-ନଦିଆଯିବା, ଗୋମାଂସ ଖାଇବା-ନଖାଇବାକୁ ନେଇ ଅନେକ ଆଲୋଚନା-ପ୍ରତ୍ୟାଲୋଚନା, ତର୍କ-ବିତର୍କ ଚାଲିଛି। କିଛି ଲୋକ କହନ୍ତି କି- 'ହିନ୍ଦୁମାନେ ଗାଈ ତୁଳନାରେ ମନୁଷ୍ୟର ମୂଲ୍ୟ ବୁଝନ୍ତି ନାହିଁ । କିଏ ଜଣେ କୌଣସି ଗୋଟିଏ ପଶୁକୁ ମାରିଦେଲା ତ କ'ଣ ହୋଇଗଲା ? ମଣିଷ ପାଖରେ ପଶୁର ମୂଲ୍ୟ କ'ଣ ? ସଂସାରର ସବୁ ପ୍ରାଣୀ ମଣିଷ ପାଇଁ ହିଁ ସୃଷ୍ଟି ହୋଇଛନ୍ତି। ସେମାନଙ୍କୁ ମାରିବା-ଖାଇବାରେ କୌଣସି ଅପରାଧ ନାହିଁ...ଇତ୍ୟାଦି।' ସଂସାରର ସମସ୍ତ ବସ୍ତୁ ମଣିଷର ଉପଯୋଗ ପାଇଁ ସୃଷ୍ଟି ହୋଇଛନ୍ତି, ଏ କଥାର ଅଭିପ୍ରାୟ ତ ଏହା ହୋଇପାରିବ ନାହିଁ ଯେ ଆମେ ସେ ସବୁକୁ ନଷ୍ଟ କରିଦେବା । ସଂସାରର ପ୍ରାଣୀମାନେ ମଧ୍ୟ ମଣିଷର ଉପଯୋଗ ନିମନ୍ତେ ସୃଷ୍ଟ। କିନ୍ତୁ ଏମାନଙ୍କୁ ମାରି ଖାଇଯିବା ହିଁ ତ ଏମାନଙ୍କ ଏକମାତ୍ର ଉପଯୋଗ ନୁହେଁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସଂସାରରେ ଯେତେ ବି ବସ୍ତୁ ଓ ପ୍ରାଣୀ ଅଛନ୍ତି, ସେସବୁ ସମଗ୍ର ମନୁଷ୍ୟ ଜାତିର କୋଠ-ସମ୍ପତ୍ତି, କୌଣସି ଜଣକର କି ଗୋଟିଏ ବର୍ଗର ନୁହେଁ। ସେସବୁର ଉପଯୋଗ ସମସ୍ତଙ୍କ ଉପକାର ନିମନ୍ତେ ହେବା ଉଚିତ। ସଂସାରର ପଦାର୍ଥଗୁଡ଼ିକର ଶ୍ରେଷ୍ଠ ଉପଯୋଗ ହିଁ ମନୁଷ୍ୟର ବୁଦ୍ଧିମତ୍ତାର କଷଟି। ଏସବୁର ଉପଯୋଗରୁ ହିଁ ମଣିଷର ବିବେକଶୀଳତାର ପରିଚୟ ମିଳେ। ଯଦି କେହି ବ୍ୟକ୍ତି ନିଜ ଘରେ ନିଆଁ ଲଗାଇ ଏକଥା କହେ ଯେ କାଠ ତ ମୋର ଜାଳିବା ପାଇଁ ହିଁ ଉଦ୍ଦିଷ୍ଟ, ସେ କାମକୁ କ'ଣ ଯଥାର୍ଥ କୁହାଯିବ ? କାଠ ଜାଳିବା କାମରେ ବି ଆସେ, ତା' ବ୍ୟତୀତ ଘର ତିଆରି ଆଦି ବହୁ କାମରେ ବି ଆସେ। ମୂଲ୍ୟବାନ୍ କାଠରେ ନିର୍ମିତ ଘର, ଯାହା କି ଶହେ ବର୍ଷ ପର୍ଯ୍ୟନ୍ତ ଖରା-ବର୍ଷା-ଶୀତରୁ ସୁରକ୍ଷା ଦେଇ ଚାଲିଥାନ୍ତା, ସେଥିରେ ଅଗ୍ନିସଂଯୋଗ କରି ହାତ ସେକିବାକୁ ମହାମୂର୍ଖତା, ଅମଣିଷପଣିଆ ଛଡ଼ା ଆଉ କ'ଣ କୁହାଯାଇପାରିବ ? ବସ୍ତୁର ଯଥାଯଥ ଉପଯୋଗ କରିବା ହିଁ ମଣିଷର ଧର୍ମ ।

କୌଣସି ବ୍ୟକ୍ତି ଯଦି ଅନ୍ୟର ଅହିତ କରି ନିଜ ହିତ ସାଧନ କରିବାକୁ ଚାହେଁ, ତେବେ ତାକୁ ଏପରି କରିବାର ଅଧିକାର ଦିଆଯାଇପାରିବ ନାହିଁ । ସମାଜରେ ବ୍ୟକ୍ତିଗତ ଆଚରଣ ପାଇଁ ପୂର୍ଣ୍ଣ ସ୍ୱାଧୀନତା ଅଛି ସେ ପର୍ଯ୍ୟନ୍ତ, ଯେତେବେଳ ଯାଏ ତାହା ସାମାଜିକ କଲ୍ୟାଣର ପରିପନ୍ଥୀ ହୋଇନଥିବ। ସାମାଜିକ ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତିକୁ ସମାଜର ନିୟମର ଅଧୀନ ଚାଲିବାକୁ ପଡ଼େ। ଯେଉଁମାନେ ଗୋମାଂସ ଖାଇବାକୁ ସେମାନଙ୍କ ଅଧିକାର ବୋଲି ମାନୁଛନ୍ତି, ସେମାନେ ମଣିଷର ମାଂସ ଖାଇବା ବି ସେମାନଙ୍କ ଅଧିକାର ବୋଲି ମାନିପାରନ୍ତି। କିନ୍ତୁ ସମାଜରେ ଯଦି କେହି ଏପରି କରେ, ତେବେ ତାକୁ ଅପରାଧୀ ବୋଲି ମାନି ନିଆଯାଏ, ତାକୁ ଦଣ୍ଡ ଦିଆଯାଏ, ଯେମିତିକି ନିଠାରୀ କାଣ୍ଡରେ ହୋଇଥିଲା। ମଣିଷ ମାରିବା ଯେପରି ଅପରାଧ ବୋଲି ଆମ ସମାଜରେ ସ୍ୱୀକୃତ, ସେହିପରି ଭାରତର ହିନ୍ଦୁ ସମାଜରେ ଗୋହତ୍ୟାକୁ ଅପରାଧ ଓ ନିଷିଦ୍ଧ ବୋଲି କୁହାଯାଇଛି। କିଛି ବ୍ୟକ୍ତି ଆଇନ୍ ଓ ସାମାଜିକ ନିୟମର ବିରୁଦ୍ଧାଚରଣ କରି ଗୋମାଂସ ଭକ୍ଷଣକୁ ନିଜ ଅଧିକାର ବୋଲି କହୁଛନ୍ତି । ଗୋଟିଏ ବର୍ଗ = ବହୁସଂଖ୍ୟକ ବର୍ଗ ଯେତେବେଳେ ଗୋହତ୍ୟାକୁ ଅନୁମତି ଦେଉ ନାହିଁ, ସେତେବେଳେ ଯଦି କେହି ଏପରି କରେ, ତେବେ ତା'ର ଉଦ୍ଦେଶ୍ୟ ହେଲା ଦେଶ ଓ ସମାଜର ଦ୍ରୋହ କରିବା, ସମାଜରେ ବର୍ଗ-ବିଦ୍ୱେଷ ସୃଷ୍ଟି କରିବା, ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ କରିବା। ଏପରି ପରିସ୍ଥିତିରେ ଯେତେବେଳେ ଏକ ବର୍ଗ ନିୟମ ମାନିବାକୁ ମନା କରୁଛି, ଅନ୍ୟକୁ ଉସ୍‌କାଇବା ଭଳି କର୍ମ କରୁଛି, ତ ଅନ୍ୟ ବର୍ଗ ଭିତରେ ସ୍ୱାଭାବିକ

ପ୍ରତିକ୍ରିୟା ହେଉଛି, ସେ ବର୍ଗ ବି ଆଇନ୍ ଭାଙ୍ଗୁଛି । ଏ ଉଭୟ ସ୍ଥିତି ସମାଜରେ ଅରାଜକତା ଉତ୍ପନ୍ନ କରୁଛି । ଏ ଉଭୟ ସମାଜର ହିତ ସାଧକ ନୁହେଁ। ଆମେ ସମାଜର ହିତକୁ ସର୍ବୋପରି ସ୍ଥାନ ଦେବା ଉଚିତ। ଜଣେ ଗୋହତ୍ୟା ଦ୍ୱାରା ଅନ୍ୟର ଭାବନାକୁ ଆଘାତ ଦେଲେ ଅନ୍ୟ ବର୍ଗ ଘୁଷୁରି ହତ୍ୟା କରି ତୁମ ଭାବନାକୁ ଆଘାତ ଦେବ । ଏହା ଅନାବଶ୍ୟକ ସଂଘର୍ଷକୁ ନିମନ୍ତ୍ରଣ ଦେବ। ତେଣୁ ଉଭୟ ବର୍ଜନୀୟ।

ଯେଉଁମାନେ ଗୋମାଂସ ଭକ୍ଷଣକୁ ନିଜ ଅଧିକାର ବୋଲି କହନ୍ତି ଓ ତର୍କ ଦିଅନ୍ତି ଯେ ଈଶ୍ୱର ପଶୁମାନଙ୍କୁ ମନୁଷ୍ୟର ଭୋଜନ ନିମିତ୍ତ ସୃଷ୍ଟି କରିଛନ୍ତି, ସେମାନଙ୍କୁ ପଚରାଯିବା ଉଚିତ ଯେ କ'ଣ ଘୁଷୁରୀକୁ ଈଶ୍ୱର ତିଆରି ନ କରି ମଣିଷ ତିଆରି କରିଛି ? ଯଦି ଈଶ୍ୱର ତିଆରି କରିଛନ୍ତି, ତେବେ ଘୁଷୁରୀକୁ କାହିଁକି ନ ଖାଇବେ ? ଯଦି କୁହାଯାଏ ଯେ, ଅମୁକ ଧର୍ମଶାସ୍ତ୍ରରେ ଘୁଷୁରୀ ଖାଇବାକୁ ମନା କରାଯାଇଛି । ତେବେ ଗାଈ ମାରିବା ପାଇଁ ବି ତ କୌଣସି ଧର୍ମଶାସ୍ତ୍ରରେ ମନା କରାଯାଇଛି। ଯେଉଁ ବର୍ଗ ସେହି ଧର୍ମଶାସ୍ତ୍ରକୁ ମାନନ୍ତି, ସେମାନେ ପ୍ରାଣ ଦେଇ ମଧ୍ୟ ଗୋହତ୍ୟା ରୋକିବାକୁ ଚେଷ୍ଟା କରିବେ । ଅନିବାର୍ଯ୍ୟ ସଂଘର୍ଷ ହେବ। ଆଉ ଗୋଟିଏ କଥା ଯେ ଯଦି ଉତ୍ତର ଦିଆଯାଏ କି ଘୁଷୁରୀ ଅପବିତ୍ର। ତେବେ ପ୍ରଶ୍ନ ହେବ ଯେ ଈଶ୍ୱର କ'ଣ ଅପବିତ୍ର ପ୍ରାଣୀ ବି ତିଆରି କରନ୍ତି ? ବସ୍ତୁ ଓ ପ୍ରାଣୀର ପବିତ୍ରତା-ଅପବିତ୍ରତା ମନୁଷ୍ୟର ଅପେକ୍ଷା, ଦୃଷ୍ଟିକୋଣ ଆଧାରରେ ହୋଇଥାଏ। ପରମେଶ୍ୱରଙ୍କ ଦୃଷ୍ଟିରେ ତାଙ୍କର ସବୁ ରଚନା ପବିତ୍ର । ଯଦି ମଣିଷ କହେ ଯେ ସିଏ ପବିତ୍ର ଓ ଅନ୍ୟ କିଛି ପ୍ରାଣୀ ଅପବିତ୍ର, ତେବେ ସେ ଯୋଗଦର୍ଶନର କଥା ସ୍ମରଣ କରିନେବା ଉଚିତ ଯେଉଁଠି କି ବ୍ୟାସଭାଷ୍ୟରେ ଭଲଭାବେ ବୁଝାଇ ଦିଆଯାଇଛି ମଣିଷର ଶରୀର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅପବିତ୍ରତାର ଗନ୍ତାଘର। ପୁଣି କୌଣସି ନିର୍ଦ୍ଦିଷ୍ଟ ପ୍ରାଣୀ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ହୋଇଥିବାରୁ ପବିତ୍ର-ଅପବିତ୍ର କିପରି ହୋଇପାରିବ ? ପରମେଶ୍ୱରଙ୍କ ସବୁ ରଚନା ପବିତ୍ର । ମନୁଷ୍ୟ ନିଜ ଜ୍ଞାନ, ରୁଚି ଓ ଆବଶ୍ୟକତା ଅନୁସାରେ ବର୍ଗୀକରଣ କରିଦିଏ।

ଯେଉଁମାନେ ଗୋହତ୍ୟାର ପକ୍ଷଧର, ସେମାନେ ନିଜ ଭୋଜନ ଚିନ୍ତାରେ ସମଗ୍ର ସମାଜର ଭୋଜନରେ ସଂକଟ ଉତ୍ପନ୍ନ କରୁଛନ୍ତି । ଗାଈର ମାଂସ ତ ମାତ୍ର କିଛି ଲୋକଙ୍କ ଆବଶ୍ୟକତା, କିନ୍ତୁ ଗାଈର କ୍ଷୀର ପୂରା ସମାଜର ଆବଶ୍ୟକତା । ଗାଈ କ୍ଷୀର ତ ଗୋମାଂସ-ଖାଦକଙ୍କ ବି ଆବଶ୍ୟକତା । ଗୋମାଂସ-ଖାଦକଙ୍କ ଯୋଗୁଁ ଆଦି ସମାଜରେ କ୍ଷୀରର ଭୟଙ୍କର ସଙ୍କଟ ଉତ୍ପନ୍ନ ହୋଇଯାଇଛି। ସମସ୍ତଙ୍କୁ କ୍ଷୀର ଦରକାର ନା ନାହିଁ ? ଛୋଟ ଛୁଆଙ୍କୁ କ୍ଷୀର ଦରକାର, ବଡ଼ ଲୋକଙ୍କୁ ଦରକାର, ରୋଗୀକୁ ବି ନୀରୋଗକୁ ବି । ଘରେ ଦୁଧ, ଦହି, ଲହୁଣୀ, ଘିଅ, ଛେନା, ପନିର୍, ଚହ୍ଲା, ମିଠାଇ ଆଦି ପାଇଁ ପ୍ରତିଦିନ ଯେତେ ଦୁଧ ଆବଶ୍ୟକ, ଦୁଧ ଉତ୍ପାଦନ ତା' ଅପେକ୍ଷା ବହୁତ କମ୍ ହେଉଛି । ଏଣୁ ଦୁଧ, ଦହି, ମିଠାଇରେ ଅପମିଶ୍ରଣ ହେଉଛି। ଦୁଧରେ ତିଆରି ପ୍ରତ୍ୟେକ ପଦାର୍ଥରେ ଆଜି ଅପମିଶ୍ରଣ, କାରଣ ଗୋହତ୍ୟା ନିରନ୍ତର ବୃଦ୍ଧି ପାଉଥିବାରୁ ଗୋ-ମହିଷାଦି ଗୃହପାଳିତ ପଶୁ ଦ୍ରୁତଗତିରେ ହ୍ରାସ ପାଇଚାଲିଛନ୍ତି। ଯଦି ଏହି କ୍ରମ ଜାରି ରହେ ତେବେ ଭବିଷ୍ୟତରେ କ୍ଷୀର ବଦଳରେ ସୋୟାବିନ ଅଟା ଗୋଳି ପିଇବା ବ୍ୟତୀତ ଅନ୍ୟ ଉପାୟ ନଥିବ ।

ଗୋମାଂସ ଖାଇବା ଓ ଗୋମାଂସ ବ୍ୟାପାର କାରଣରୁ ଦେଶ ଗମ୍ଭୀର ସଂକଟ ଆଡ଼କୁ ଅଗ୍ରସର ହେଉଛି । ଭୋଜନରୁ ଗୋଦୁଗ୍ଧଜାତ ପଦାର୍ଥକୁ ଯଦି ବାହାର କରିଦିଆଯାଏ, ତେବେ ଭୋଜନରେ ଆଉ ରହିଲା କ'ଣ ? ଆମର ଧାରଣା ଯେ କଳ-କାରଖାନା, ଉଦ୍ୟୋଗ ଦ୍ୱାରା ସମୃଦ୍ଧି ଆସେ; କିନ୍ତୁ ସମୃଦ୍ଧିର ବାସ୍ତବିକ ଆଧାର ହେଲା ପଶୁସମ୍ପଦ । ମନୁଷ୍ୟର ଯେତେ ଆବଶ୍ୟକତାର ପୂରଣ ପଶୁଙ୍କ ଠାରୁ ପ୍ରାପ୍ତ ପଦାର୍ଥ ଦ୍ୱାରା ହୁଏ, ସେତିକି ଅନ୍ୟ ପଦାର୍ଥରୁ ହଏ ନାହିଁ। ଜୀବିତ ପଶୁ ଆମକୁ ଅଧିକ ଲାଭ ପହଞ୍ଚାଇଥାନ୍ତି । ଆପେ ମରୁଥିବା ପଶୁଙ୍କ ଉପଯୋଗ କମ୍ ନୁହେଁ । ଏଣୁ ପଶୁବଧର ଆବଶ୍ୟକତା ହିଁ ନାହିଁ । ଗୋଦୁଗ୍ଧ ଓ ସେଥିରେ ନିର୍ମିତ ପଦାର୍ଥ ମନୁଷ୍ୟର ବଳ, ବୁଦ୍ଧି ବୃଦ୍ଧିକାରକ ହୋଇଥିବା ବେଳେ ମାଂସ ତମୋଗୁଣୀ ଭୋଜନ ଅଟେ। ଏଣୁ ମହର୍ଷି ଦୟାନନ୍ଦ ସରସ୍ୱତୀ ବହୁ ପୂର୍ବରୁ ହିଁ

ଘୋଷଣା କରିଛନ୍ତି ଯେ, ଗବାଦି ପଶୁଙ୍କ ନାଶ ଦ୍ୱାରା ରାଜା ଓ ପ୍ରଜାଙ୍କର ବି ବିନାଶ ହୋଇଥାଏ । ଇଂରେଜମାନେ ଭାରତର ସମୃଦ୍ଧିର ଦୁଇଟି ସୂତ୍ରକୁ ବୁଝିଥିଲେ ଏବଂ ଏ ଦେଶର ବିନାଶ ପାଇଁ ସେ ଉଭୟର ପୂର୍ଣ୍ଣ ନାଶର ପ୍ରଯତ୍ନ କରିଥିଲେ । ପ୍ରଥମ ହେଲା ଆମ ଶିକ୍ଷା, ଯାହାକି ଆମ ବିଚାର ଓ ଚିନ୍ତନର ଉତ୍କର୍ଷର ଆଧାର ଥିଲା, ତାକୁ ନଷ୍ଟ କଲେ ତଥା ଦ୍ୱିତୀୟରେ ପଶୁସମ୍ପଦ, ମୁଖ୍ୟତଃ ଗାଈ ଯାହାକି ଆମର ସମୃଦ୍ଧିର ମୂଳ, ତା'ର ନାଶ କରି ଏହି ଦେଶକୁ ଦରିଦ୍ର କରିଦେଲେ । ସେମାନଙ୍କ ଦଲାଲ ଭାବେ ଆଜି ଯେଉଁମାନେ ଏହି ଦେଶରେ ସେମାନଙ୍କ ଠାରୁ ପୋଷଣ ପାଉଛନ୍ତି, ସେମାନଙ୍କ ଇଶାରାରେ କାମ କରୁଛନ୍ତି, ଗୋମାଂସ ଭକ୍ଷଣ ଓ ଗୋହତ୍ୟା ସପକ୍ଷରେ ପ୍ରଚାର-ଆଲୋଚନା ସେମାନଙ୍କର ହିଁ ଷଡ଼ଯନ୍ତ୍ର । ସେମାନେ ଗୋମାଂସ ଭକ୍ଷଣ ରୂପକ ବିଷୟକୁ ଚର୍ଚ୍ଚାର ବିଷୟ କରି ସମାଜରେ ବିଦ୍ୱେଷର ବିଷ ପ୍ରସାର କରୁଛନ୍ତି, ବିଦେଶରେ ଆମ ଦେଶର ଛବି ଖରାପ କରିବାର ଅପପ୍ରୟାସରେ ଲାଗିଛନ୍ତି ।

ଗାଈ ଆମ ଆଗରେ ହିନ୍ଦୁ-ମୁସଲମାନଙ୍କ ପରିଚୟ ନୁହେଁ । ଗାଈ ତ ସମସ୍ତଙ୍କର । କ୍ଷୀରି ହେଉ କି ସିମେଇ, କ୍ଷୀର ତ ଦରକାର । ଉପଯୋଗିତା ଦୃଷ୍ଟିରୁ କ୍ଷୀର ଦେଉନଥିବା ଗାଈ ମଧ୍ୟ ଉପଯୋଗୀ । ତା'ର ଗୋବରରୁ ଖତ ଓ ଗୋମୂତ୍ରରୁ ଔଷଧ ତିଆରି ହୁଏ । ଗତ ଦିନମାନଙ୍କରେ ଗାଈ ଉପରେ କରାଯାଇଥିବା ଗବେଷଣାରୁ ପ୍ରମାଣିତ ହୋଇଛି ଯେ ଗାଈ ନିଜ ଦୁଧ ଦ୍ୱାରା କେବଳ ଆମ ଭୋଜନର ସମୃଦ୍ଧିକୁ ବଢାଏନି, ଅପିତୁ ଗୋବର ଖତ ଦ୍ୱାରା ଖେତର ଉର୍ବରତାକୁ ବି ବଢ଼ାଏ । ଆମେରିକା ଭଳି ଦେଶରେ ଗୋମୂତ୍ରରୁ କ୍ୟାନ୍‌ସର୍‌ର ଔଷଧ ତିଆରି କରାଯାଏ । ମହର୍ଷି ଦୟାନନ୍ଦ ସ୍ୱ ଜୀବନ କାଳରେ ଗୋରକ୍ଷା ପାଇଁ ବହୁ ପ୍ରଯତ୍ନ କରିଥିଲେ । ସ୍ୱାମୀଜୀ ଗୋହତ୍ୟା ବିରୁଦ୍ଧରେ କୋଟିଏ ଲୋକଙ୍କ ଦସ୍ତଖତ କରାଇ ମହାରାଣୀ ଭିକ୍ଟୋରିଆଙ୍କ ନିକଟକୁ ପଠାଇବା ଓ ଗୋହତ୍ୟା ବନ୍ଦ କରାଇବାର ଅଭିଯାନ ଚଳାଇଥିଲେ । ଗୋଟିଏ ଗାଈ ତା' ଜୀବନ କାଳରେ ଦେଉଥିବା କ୍ଷୀର ଦ୍ୱାରା କେତେ ଲୋକଙ୍କର ପାଳନ-ପୋଷଣ କରିଥାଏ ଏବଂ ଗୋଟିଏ ଗାଈର ମାଂସ ଦ୍ୱାରା ଥରେ ମାତ୍ର କେତେ ଲୋକଙ୍କର ପେଟ ପୂରେ, ତା'ର ଏକ ତୁଳନାତ୍ମକ ବିବରଣୀ ସ୍ୱ 'ଗୋକରୁଣାନିଧି' ପୁସ୍ତକରେ ଦର୍ଶାଇ ଗାଈ ପଛରେ ଥିବା ଅର୍ଥନୀତିକୁ ବୁଝାଇଛନ୍ତି । ଗାଈକୁ ହିନ୍ଦୁମାନେ ପବିତ୍ର ମାନନ୍ତି, ଏହା କେବଳ ଏକ ଧାର୍ମିକ ଭାବନାର ବିଷୟ ନୁହେଁ, ଏହା ପଛରେ ଅର୍ଥନୈତିକ, ଜୈବିକ ଆଦି ବହୁ କାରଣ ଅଛି । ଭାରତୀୟ ଗାଈର ଦୁଧର ଗୁଣର ମହତ୍ତ୍ୱ କାରଣରୁ ଭାରତୀୟ ଗାଈର ପ୍ରଜାତିର ସଂରକ୍ଷଣ ବ୍ରାଜିଲ୍ ଓ ଡେନ୍‌ମାର୍କ ଭଳି ଦେଶରେ କରାଯାଉଛି । ସେଠାରେ ଗୋସମ୍ବର୍ଦ୍ଧନର କାର୍ଯ୍ୟ ବଡ଼ ବ୍ୟାପକ ରୂପେ କରାଯାଉଛି । ଏଭଳି ସ୍ଥିତିରେ ଆମ ଦେଶରେ ଗୋହତ୍ୟା ନିଷେଧ ବିରୁଦ୍ଧରେ ବିବାଦ ନିନ୍ଦନୀୟ ଓ ଚିନ୍ତାଜନକ । ଭାରତୀୟ ପ୍ରଜାତିର ଗାଈଙ୍କ ତୁଳନାରେ ବିଦେଶୀ ପ୍ରଜାତିର ଗାଈଙ୍କ ଦୁଧ କେତେ ନିକୃଷ୍ଟ ତା'ର ବ୍ୟାପକ ଗବେଷଣା ହୋଇସାରିଲାଣି । ଭାରତୀୟ ଗୋ-ପ୍ରଜାତି ଆଦି ସମାପ୍ତ ହେବା ସ୍ଥିତିରେ ଆସି ପହଞ୍ଚିଗଲାଣି । ଭବିଷ୍ୟତରେ ପିଲାଙ୍କୁ ଗାଈ ଦେଖାଇବା ପାଇଁ ମଧ୍ୟ ଚିଡ଼ିଆଖାନା ନେବାକୁ ପଡ଼ିପାରେ । ଏପରି ସ୍ଥିତିରେ ଗୋହତ୍ୟା ସପକ୍ଷରେ ହେଉଥିବା ଆଲୋଚନା, ତର୍କ-ବିତର୍କକୁ ସ୍ୱାଭାବିକ ବୋଲି କୁହାଯାଇନପାରେ । ସାମାଜିକ ସୌହାର୍ଦ୍ଦ୍ୟକୁ ଛିନ୍ନ-ଭିନ୍ନ କରି ରାଷ୍ଟ୍ରୀୟ ପ୍ରଗତିକୁ ପ୍ରତିହତ କରିବାକୁ ଚାହୁଁଥିବା ଲୋକଙ୍କ ଏହା କାମ । ଏଥିରୁ ଅନ୍ତଃରାଷ୍ଟ୍ରୀୟ ଷଡ଼ଯନ୍ତ୍ରର ଗନ୍ଧ ବାରିହେଉଛି ।

ଭୋଜନର ସ୍ୱାଧୀନତା ନାମରେ ଯେଉଁମାନେ ଆଇନ୍ ଓ ବହୁସଂଖ୍ୟକଙ୍କ ସାମାଜିକ ନିୟମକୁ ଭଙ୍ଗ କରିବାକୁ ଚାହାନ୍ତି, ସେମାନଙ୍କୁ ନିଶ୍ଚୟ ଏକଥା ଜଣାଥିବ ଯେ ସ୍ୱାଧୀନତା କଥା ତ ସେତେବେଳେ ଉଠିବ, ଯେତେବେଳେ ଆପଣଙ୍କ ପାଖରେ କୌଣସି ବସ୍ତୁ ସୁଲଭ, ପ୍ରଚୁର ପରିମାଣରେ ଥିବ । ଯଦି କେହି ବିଚାର କରୁଥାଏ, ଯେ ତା'ର ଗୋମାଂସ ଖାଇବାର ସ୍ୱାଧୀନତା ଓ ଅଧିକାର ଅଛି, ତେବେ ପ୍ରଶ୍ନ ଉଠେ ଯେ ଗୋମାଂସ-ଖାଦକଙ୍କ ଅଧିକାର ଗୋଦୁଗ୍ଧ ପିଇବା ଓ ଗୋବର ଖତ ଓ ଗୋମୂତ୍ର ଦ୍ୱାରା ଉପକୃତ ହେଉଥିବା ଲୋକଙ୍କ ଅଧିକାରକୁ ସମାପ୍ତ କରିପାରିବ କି ? ଗୋଦୁଗ୍ଧ

ପାନ ଏବଂ ଗୋବର ଖତ ଓ ଗୋମୂତ୍ର ଦ୍ୱାରା ଉପକୃତ ହେବା ଅଧିକାର ଦ୍ୱାରା ସମସ୍ତେ ଉପକୃତ ହେଉଛନ୍ତି; କିନ୍ତୁ ଜଣଙ୍କର ଗୋମାଂସ ଭକ୍ଷଣ ଅଧିକାର ଦ୍ୱାରା ଅନ୍ୟ ସମସ୍ତଙ୍କ ଅଧିକାର ପ୍ରତିହତ ହେଉଛି । ଏଣୁ ଗୋଦ୍ୱାରା ସମସ୍ତେ ଉପକୃତ ହେବା ଅଧିକାରକୁ ପ୍ରତିହତ କରି ଗୋମାଂସ ଭକ୍ଷଣ ମୁଷ୍ଟିମେୟଙ୍କ ଅଧିକାର ଯୋଗୁଁ କରଣୀୟ ବୋଲି କହିବା ମୂର୍ଖତାର ପରାକାଷ୍ଠା ବ୍ୟତୀତ ଆଉ କ'ଣ ହୋଇପାରେ ? ନବୀନ ବୈଜ୍ଞାନିକ ଅନୁସନ୍ଧାନ ଏହା ପ୍ରମାଣିତ କରିଛି ଯେ ପ୍ରାଣୀମାନଙ୍କ ପ୍ରତି ନିରନ୍ତର ବୃଦ୍ଧି ପାଉଥିବା ହିଂସା ଓ କ୍ରୂରତା ଯୋଗୁଁ ପୃଥିବୀର ପର୍ଯ୍ୟାବରଣ ସନ୍ତୁଳନ ବିଗିଡ଼ିଚାଲିଛି । ନୂତନ ପ୍ରଯୁକ୍ତି କୌଶଳର ପ୍ରୟୋଗ ଦ୍ୱାରା ପ୍ରାଣୀମାନଙ୍କ ହତ୍ୟା ବଡ଼ ବ୍ୟାପକ ସ୍ତରରେ କରାଯାଉଛି । ତେଣୁ ପରିବେଶରେ, ବାତାବରଣରେ କ୍ରୂରତା ମଧ୍ୟ ସେତିକି ପରିମାଣରେ ବଢ଼ିଯାଇଛି । ମଣିଷ କୋମଳ ଚମଡ଼ା ଲୋଭରେ ପଶୁମାନଙ୍କ ଗର୍ଭସ୍ଥ ଶିଶୁମାନଙ୍କୁ ବି ନିର୍ମମ ଭାବରେ ହତ୍ୟା କରୁଛି ଏବଂ ଖାଦ୍ୟ ନାମରେ ପଶୁମାନଙ୍କୁ ଅକଥନୀୟ ଯନ୍ତ୍ରଣା ଦେଉଛି । ଏସବୁ ଯାତନା କାରଣରୁ ମଣିଷର ସ୍ୱଭାବରେ କ୍ରୂରତା ବଢ଼ିଚାଲିଛି । ଆଜିକାଲି ଆମ ସମାଜରେ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ, ଗାଆଁଠୁ ନଗର ପର୍ଯ୍ୟନ୍ତ ସମସ୍ତଙ୍କ ସ୍ୱଭାବରେ ଅସହିଷ୍ଣୁତା ଓ କ୍ରୂରତାର ସମାବେଶ ହୋଇଯାଇଛି । ଏହାର ମୁଖ୍ୟ କାରଣ ହେଲା ଆମ ବ୍ୟବହାରରେ ଆସିଥିବା ହିଂସା । ଯେଉଁ ଧର୍ମରେ ଦୟା ଓ ସଂଯମର ସ୍ଥାନ ନାହିଁ, ତାକୁ ଧର୍ମ କହିବା ହିଁ ଉଚିତ ନୁହେଁ । ଅହିଂସା ଓ ସଂଯମ ବିନା ସମାଜରେ କଦାପି ମର୍ଯ୍ୟାଦାର ରକ୍ଷା ହୋଇପାରିବ ନାହିଁ । ଗୋ ଆଦି ପ୍ରାଣୀଙ୍କ ରକ୍ଷଣ ଓ ପାଳନ ଦ୍ୱାରା ସମାଜରେ ସମୃଦ୍ଧି ସାଙ୍ଗକୁ ସଦ୍‌ଗୁଣର ମଧ୍ୟ ସମାବେଶ ହୋଇଥାଏ ।

ଗାଈକୁ ମାତା କହିବା କଥାକୁ କିଛି ଲୋକ ପରିହାସର ବିଷୟ କରିବାର ପ୍ରୟନ୍ କରିଥାନ୍ତି । ଏଭଳି ଲୋକେ ଜାଣନ୍ତି ନାହିଁ କି ଏସବୁ ଶବ୍ଦର ଭାବନାତ୍ମକ ମୂଲ୍ୟ କ'ଣ ? ଭାରତୀୟ ପରମ୍ପରାରେ ଯେତେବେଳେ ବି ଲୋକେ ସଂସାରର ପଦାର୍ଥଗୁଡ଼ିକର ଗୁଣ ବୁଝନ୍ତି ଏବଂ ସେସବୁ ଦ୍ୱାରା ଉପକୃତ ହୁଅନ୍ତି, ସେସବୁ ସହ ଆତ୍ମୀୟତାର ଭାବ ବିକଶିତ କରନ୍ତି । ଏହାର କାରଣ ହେଲା ଯେ, ମଣିଷର ଯାହା ସହ ଆତ୍ମୀୟତା ଥାଏ, ମଣିଷ ତାହାକୁ ଭଲ ପାଏ, ତା'ର ସୁରକ୍ଷା କରେ । ଭାରତୀୟ ପରମ୍ପରାରେ ଆମକୁ ପାଳନ-ପୋଷଣ କରୁଥିବା ଭୂମିକୁ ମାତା କୁହାଯାଇଛି, ନଦୀକୁ ମାତା କୁହାଯାଇଛି, ଗାଈକୁ ମାତା କୁହାଯାଇଛି, ପ୍ରକୃତିକୁ ମାତା କୁହାଯାଇଛି । ସମ୍ବନ୍ଧ ଆଧାରରେ ନିଜଠୁ ବଡ଼ ଥିବା ଗୁରୁ, ରାଜା ଆଦିଙ୍କ ପତ୍ନୀଙ୍କୁ ମାତା କୁହାଯାଇଛି । ଏ ଶବ୍ଦ ତାଙ୍କ ପ୍ରତି ସମ୍ମାନର ଭାବ ଓ କର୍ତ୍ତବ୍ୟ ବୋଧ ଜାଗ୍ରତ କରାଇଥାଏ ।

ଆଜି ଗାଈକୁ ବଞ୍ଚାଇବା ପାଇଁ ଗୋମାଂସ ରପ୍ତାନୀ ଉପରେ ପ୍ରତିବନ୍ଧକ ଲଗାଇବାର ଆବଶ୍ୟକତା ଅଛି । ବିଦେଶକୁ, ବିଶେଷ ରୂପେ ଉପସାଗରୀୟ ଅଞ୍ଚଳକୁ ଗୋମାଂସ ରପ୍ତାନୀ ହେଉଛି । ମାଂସ ବ୍ୟାପାରୀ ଧନ ଲୋଭରେ ଅଧିକରୁ ଅଧିକ ଗୋମାଂସ ରପ୍ତାନୀ କରୁଛନ୍ତି । ଏହା ଉପରେ ପ୍ରତିବନ୍ଧକ ଲଗାଇବାର ଜରୁରୀ ଆବଶ୍ୟକତା ଅଛି । ବୈଧାନିକ ବ୍ୟବସ୍ଥାନୁଯାୟୀ ଗୋହତ୍ୟା ରାଜ୍ୟର ବିଷୟ ହୋଇଥିବାରୁ କିଛି ରାଜ୍ୟରେ ଗୋହତ୍ୟା ଉପରେ ପ୍ରତିବନ୍ଧକ ଥିବା ବେଳେ ଅନ୍ୟ କେତେକ ରାଜ୍ୟରେ ନାହିଁ । ଅର୍ଥନୀତି, ଜୈବ ସନ୍ତୁଳନ, କୃଷି, ସ୍ୱାସ୍ଥ୍ୟ ଆଦି ରାଷ୍ଟ୍ରର ବ୍ୟାପକ କ୍ଷେତ୍ରର ସମୃଦ୍ଧିରେ ଗୋରକ୍ଷାର ପ୍ରମୁଖ ଭୂମିକା ଥିବାରୁ, ଗୋହତ୍ୟା ଦ୍ୱାରା ସମଗ୍ର ବ୍ୟବସ୍ଥା ଦ୍ରୁତଗତିରେ ନଷ୍ଟ-ଭ୍ରଷ୍ଟ ହୋଇ ଚାଲିଛି । ଏହି ପରିପ୍ରେକ୍ଷୀରେ ଗୋରକ୍ଷା ହିଁ ରାଷ୍ଟ୍ରରକ୍ଷା ଓ ଗୋହତ୍ୟା ହିଁ ରାଷ୍ଟ୍ରହତ୍ୟା ନୁହେଁ କି ? ଗୋହତ୍ୟା କରୁଥିବା ଓ ଏହାକୁ ପ୍ରୋତ୍ସାହିତ କରୁଥିବା ଲୋକଙ୍କୁ ରାଷ୍ଟ୍ରଦ୍ରୋହୀ କୁହାଯିବ ନାହିଁ କି ? ଯଜୁର୍ବେଦରେ ତ ଶାସକଙ୍କ କର୍ତ୍ତବ୍ୟ ନିର୍ଦ୍ଧାରଣ କରାଯାଇଛି ଯେ ଗାଈ ରାଷ୍ଟ୍ରର ସମୃଦ୍ଧିର ମୂଳ ଆଧାର, କୃଷକର ମେରୁଦଣ୍ଡ ହୋଇଥିବାରୁ ଗୋହତ୍ୟାକାରୀକୁ ପ୍ରାଣଦଣ୍ଡ ଦିଆଯିବା ଉଚିତ - **'ଅନ୍ତକାୟ ଗୋଘାତମ୍ ।'** (ଯଜୁଃ. ୩୦:୧୮)

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସିଦ୍ଧାନ୍ତ ଚର୍ଚ୍ଚା :

# ଧର୍ମଦ୍ୱାରା ହେଉଥିବା କାଳ୍ପନିକ ହାନି

ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ

ଆଜିକାଲି ଅନେକ ଦିନ ହେଲାଣି ଲୋକଙ୍କର ଏକ ଧାରଣା ହେଉଛି ଯେ ଧର୍ମ ଏକ ଅତି ହାନିକାରକ ବସ୍ତୁ, ଏହାକୁ ଯେତେ ଶୀଘ୍ର ସମ୍ଭବ ସଂସାରରୁ ହଟାଇଦେବା ଉଚିତ । ପାଶ୍ଚାତ୍ୟ ଦେଶର କେତେକ ଖ୍ୟାତନାମା ବ୍ୟକ୍ତି ଧର୍ମ ବିରୋଧରେ ଅନେକ ବଡ଼-ବଡ଼ ଆନ୍ଦୋଳନ କରିଛନ୍ତି ଏବଂ ଭାରତବର୍ଷର କିଛି ନବଯୁବକ ବି ସେମାନଙ୍କ ପଦାଙ୍କ ଅନୁସରଣ କରିବାକୁ ଗୌରବାବହ ମନେକରନ୍ତି ।

ଯଦି ଧର୍ମଦ୍ୱାରା ମନୁଷ୍ୟ-ଜାତିର ହାନି ହେଉଥାଏ ତେବେ ଏହାକୁ ଅବଶ୍ୟ ସବୁଦିନ ପାଇଁ ବହିଷ୍କାର କରିଦେବା ଉଚିତ ; କିନ୍ତୁ ଧର୍ମ ଯଦି ଲାଭଦାୟକ ବସ୍ତୁ ତେବେ ତାହାକୁ ଅନାଦର କରିବା ମନୁଷ୍ୟ ପକ୍ଷେ ହିତକର ହୋଇ ନପାରେ ।

ପ୍ରାଚୀନ କାଳରେ ତ ଧର୍ମକୁ ସବୁଠାରୁ ଆବଶ୍ୟକ ବସ୍ତୁ ବୋଲି ବିଚାର କରାଯାଉଥିଲା । ଲୋକେ କହୁଥିଲେ ଯେ ଯଦି ଧର୍ମ ଗଲା, ତେବେ ସର୍ବସ୍ୱ ଗଲା । ଏଣୁ ଯଦି କେହି କାହାକୁ ଅଧର୍ମୀ ବୋଲି କହିଦେଉଥିଲା ତେବେ ତାହାକୁ ଗାଳି ଦିଆଗଲା ବୋଲି ବୁଝାଯାଉଥିଲା । ଲୋକେ ବୁଝୁଥିଲେ ଯେ ଧର୍ମରୁ ସୁଖ ଓ ଅଧର୍ମରୁ ଦୁଃଖ ମିଳେ । ଏଥିପାଇଁ ଲୋକେ ବହୁ ଶ୍ରମ ସ୍ୱୀକାର କରି ଧର୍ମର ସନ୍ଧାନରେ ଅନେକ ସ୍ଥାନ ଭ୍ରମଣ କରୁଥିଲେ ଏବଂ ଯିଏ ସେମାନଙ୍କୁ ଧର୍ମର ଉପଦେଶ ଦେଉଥିଲେ ସେମାନେ ତାଙ୍କଠାରେ କୃତଜ୍ଞ ରହୁଥିଲେ । ସେତେବେଳେ ସେମାନଙ୍କର ଏହା ହିଁ ପ୍ରଶ୍ନ ହେଉଥିଲା ଯେ ଧର୍ମ କ'ଣ ?

କିନ୍ତୁ ଆଜିକାଲି ଏପରି ପ୍ରଶ୍ନ କରୁଥିବା ଲୋକଙ୍କୁ ମହାମୂର୍ଖ ବା ଧୂର୍ତ୍ତ ଓ ପାଖଣ୍ଡୀ ମନେକରାଯାଏ । ଅନେକ ଉଚ୍ଚଶିକ୍ଷିତ ଲୋକ ଧର୍ମ ନାମ ଶୁଣିଲେ ଏପରି ଚମକି ଉଠନ୍ତି, ସତେ ଯେପରି ଏହା କୌଣସି ଭୟଙ୍କର ବସ୍ତୁ । କିଛି ଲୋକ କହିଥାନ୍ତି କି ଧର୍ମ ଏକ ନିଶା, ଯାହାକି ମନୁଷ୍ୟ ଜାତିକୁ ଉନ୍ମତ୍ତ କରି ରଖିଛି ଏବଂ ଯାହା ଯୋଗୁଁ ଆମର ସମସ୍ତ କାର୍ଯ୍ୟ, ସମସ୍ତ ପ୍ରଗତି ଅଟକି ଯାଇଛି ।

ବର୍ତ୍ତମାନ ଧର୍ମ ଉପରେ କରାଯାଉଥିବା କିଛି ଆକ୍ଷେପକୁ ଦେଖନ୍ତୁ —

## ପ୍ରଥମ ଆକ୍ଷେପ

ଧର୍ମ ଓ ଈଶ୍ୱରଙ୍କ କାରଣରୁ କଳହ-ସଂଘର୍ଷ ଆଦି ହୋଇଥାଏ । ଦେଖୁନାହାନ୍ତି କି ହିନ୍ଦୁ-ମୁସଲମାନମାନେ ପରସ୍ପର ମଧ୍ୟରେ ପ୍ରତିଦିନ ମାରପିଟ-ହାଣକାଟ ହେଉଛନ୍ତି ? ଯଦି ଏମାନେ ହିନ୍ଦୁ ଧର୍ମ ଓ ମୁସଲମାନ ଧର୍ମକୁ ଛାଡ଼ିଦିଅନ୍ତେ, ତେବେ ଭାଇ-ଭାଇ ଭଳି ରହନ୍ତେ, ଏମାନଙ୍କ ମଧ୍ୟରୁ ସମସ୍ତ ଭେଦଭାବ ଦୂର ହୋଇଯାଆନ୍ତା । ୟୁରୋପରେ ପ୍ରଥମେ କ୍ୟାଥେଲିକ୍ ଓ ପ୍ରୋଟେଷ୍ଟାଣ୍ଟଙ୍କ ମଧ୍ୟରେ କେତେ ଭୟଙ୍କର ଯୁଦ୍ଧ ହେଲା ! ଏକ ମତାବଲମ୍ବୀମାନେ ଅନ୍ୟ ମତବାଦୀଙ୍କ ଉପରେ କେତେ ଅତ୍ୟାଚାର କରନ୍ତି ! କ୍ୟାଥେଲିକ୍‌ମାନେ ଶହଶହ ପ୍ରୋଟେଷ୍ଟାଣ୍ଟଙ୍କୁ ଜୀବନ୍ତ ଜଳାଇଦେଲେ କେବଳ ଏଥିପାଇଁ ଯେ, ସେମାନେ ଏମାନଙ୍କ ଧର୍ମକୁ ସ୍ୱୀକାର କରୁନଥିଲେ । ଖ୍ରୀଷ୍ଟିଆନ ଓ ମୁସଲମାନ୍‌ଙ୍କ କ୍ରୁଶ ସଂଘର୍ଷ ବହୁତ ଦିନରୁ ଲାଗିରହିଛି । ଖ୍ରୀଷ୍ଟିଆନମାନେ ଇହୁଦୀମାନଙ୍କୁ ରହିବାକୁ ଦିଅନ୍ତି ନାହିଁ, କାରଣ ସେମାନେ ଏମାନଙ୍କ ଧର୍ମର ବିରୋଧୀ । ପ୍ରତ୍ୟେକ ମନୁଷ୍ୟ ସମାନ, ଏଥିରେ ଭେଦଭାବ କାହିଁକି ? ଏ ସମସ୍ତ ସଂଘର୍ଷର ମୂଳ କାରଣ ହେଲେ ଧର୍ମ ଓ ଈଶ୍ୱର । ଏଣୁ ଧର୍ମକୁ ଛାଡ଼ିଦିଅନ୍ତୁ ଏବଂ ଈଶ୍ୱରଙ୍କ ନାମ ନେବା ବନ୍ଦ

କରି ଦିଅନ୍ତୁ, ତା' ପରେ ଦେଖିବେ ସଂଘର୍ଷ ବନ୍ଦ ହୋଇଯିବ ।

ଏହି ଆକ୍ଷେପ ଉପରେ ବିଚାର କରିବା ଆବଶ୍ୟକ । ଏହାର ଦୁଇଟି ଅଙ୍ଗ ରହିଛି । ଯଥା —

୧. କ'ଣ ଧର୍ମ ଓ ଈଶ୍ୱରଙ୍କୁ ତ୍ୟାଗ କରିଦେଲେ ସଂଘର୍ଷ ବନ୍ଦ ହୋଇଯିବ ?

୨. କ'ଣ ଧର୍ମ କାରଣରୁ ଯୁଦ୍ଧ ହୋଇଥାଏ ?

ଆସନ୍ତୁ, ପ୍ରଥମ ଅଙ୍ଗ ଉପରେ ବିଚାର କରିବା—

**ପ୍ରଶ୍ନ–** ଧର୍ମରେ ଏପରି କେଉଁ ବସ୍ତୁ ରହିଛି ଯେଉଁ କାରଣରୁ ସଂଘର୍ଷ ହୋଇଥାଏ ?

**ଉତ୍ତର–** ଲୋକେ ଈଶ୍ୱରଙ୍କୁ ଭିନ୍ନ-ଭିନ୍ନ ପ୍ରକାରର ବୋଲି ମାନିଥାନ୍ତି ଏବଂ ଭିନ୍ନ -ଭିନ୍ନ ପ୍ରକାରେ ପୂଜା କରିଥାନ୍ତି । କିଏ କହେ ଈଶ୍ୱର ସାକାର, କିଏ କହେ ନିରାକାର । କିଏ ଈଶ୍ୱରଙ୍କର ମୂର୍ତ୍ତି ତିଆରି କରି ପୂଜା କରେ ତ କିଏ ମୂର୍ତ୍ତି ଗଢ଼ିବା ପାପ ବୋଲି ମନେକରେ । ଯେହେତୁ ଭେଦଭାବ ହେଲା, ତେଣୁ ସଂଘର୍ଷ ଆରମ୍ଭ ହୋଇଗଲା ।

**ପ୍ରଶ୍ନ–** ଆମେ କିଛି ସମୟ ପାଇଁ ମାନି ନେଉଛୁ କି ଈଶ୍ୱରଙ୍କ କାରଣରୁ ସଂଘର୍ଷ ହୋଇଥାଏ । ଆଚ୍ଛା, ଆପଣ ଏହି ରୋଗକୁ କିପରି ହଟାଇବାକୁ ଚାହାନ୍ତି ?

**ଉତ୍ତର–** ଧର୍ମ ଓ ଈଶ୍ୱରଙ୍କୁ ତ୍ୟାଗ କରିଦେବା ଦ୍ୱାରା ।

**ପ୍ରଶ୍ନ–** ଧର୍ମ ଓ ଈଶ୍ୱରଙ୍କୁ ମନୁଷ୍ୟଠାରୁ ଛଡ଼ାଇବାକୁ ଆପଣ କି କି ଉପାୟ ଅବଲମ୍ବନ କରିବେ ?

**ଉତ୍ତର–** ଆମେ ଏ ଉଭୟଙ୍କ ବିରୋଧରେ ଆନ୍ଦୋଳନ କରିବୁ । ଆମେ ଭାଷଣ ଦେବୁ, ପୁସ୍ତକ ଲେଖିବୁ ଏବଂ ଲୋକଙ୍କ ମଧ୍ୟରେ ପ୍ରଚାର କରିବୁ ଯେ ଈଶ୍ୱର ଓ ଧର୍ମ କାଳ୍ପନିକ ପଦାର୍ଥ, ପ୍ରହସନ ଏବଂ ମନୁଷ୍ୟକୁ ଠକିବା ପାଇଁ ସ୍ୱାର୍ଥୀ ଲୋକମାନେ ଏହା ଗଢ଼ିଛନ୍ତି । ଆମେ ଆମର ବିଚାରର ବ୍ୟାପକ ପ୍ରଚାର ନିମନ୍ତେ ସଂଘ, ସମିତି ଆଦି ଗଠନ କରିବୁ ।

**ପ୍ରଶ୍ନ–** କ'ଣ ଆପଣ ଭାବୁଛନ୍ତି ଯେ ଏପରି କରିବା ଦ୍ୱାରା ସଂଘର୍ଷ କମ୍ ହୋଇଯିବ ?

**ଉତ୍ତର–** ନିଶ୍ଚୟ କମ୍ ହୋଇଯିବ । ଯେତେବେଳେ କେହି ବି ଈଶ୍ୱରଙ୍କୁ ମାନିବେ ନାହିଁ, ସେତେବେଳେ ଆଉ କଳହ କରିବେ କାହିଁକି ?

**ପ୍ରଶ୍ନ–** ଆଚ୍ଛା, ଆପଣ କହନ୍ତି କି ସ୍ୱାର୍ଥୀ ଲୋକମାନେ ସାଧାରଣ ଲୋକଙ୍କୁ ଠକିବା ପାଇଁ ଧର୍ମ ଓ ଈଶ୍ୱରଙ୍କ ନାମରେ ନାନା ପ୍ରକାର ଫନ୍ଦି-ଫିକର କରିଛନ୍ତି। ଯଦି ଏହି କଥା ଠିକ୍, ତେବେ କ'ଣ ଭିନ୍ନ-ଭିନ୍ନ ଧର୍ମର ପ୍ରଚାରକମାନେ ଆପଣଙ୍କ ବିରୋଧ କରିବେ ନାହିଁ ?

**ଉତ୍ତର–** କରିବେ ତ ଅବଶ୍ୟ ! ଆପଣ ହିଁ କରୁଛନ୍ତି । ଦେଖୁନାହାନ୍ତି, ଅତୀତରେ ଧର୍ମାନ୍ଧ ଖ୍ରୀଷ୍ଟିଆନମାନେ କେତେ ବୈଜ୍ଞାନିକଙ୍କୁ ଜୀବନ୍ତ ଦଗ୍ଧ କରିଦେଲେ, ଅନେକଙ୍କୁ ଅସହ୍ୟ ନିର୍ଯାତନା ଦେଲେ । ଗ୍ୟାଲିଲିଓଙ୍କୁ ଏଥିପାଇଁ କାରାବାସ ଭୋଗିବାକୁ ପଡ଼ିଲା ଯେ ସେ ପୃଥିବୀ ସୂର୍ଯ୍ୟ ଚାରିପଟେ ଘୁରୁଥିବା ସିଦ୍ଧାନ୍ତର ପ୍ରଚାର କରୁଥିଲେ । ବ୍ରୁନୋଙ୍କୁ ନିଜର ଜୀବନ ଦେବାକୁ ପଡ଼ିଲା, କାରଣ ସେ ବିଜ୍ଞାନର ପ୍ରଚାର କରୁଥିଲେ ।

**ପ୍ରଶ୍ନ–** ବର୍ତ୍ତମାନ ତ ଏପରି ହେଉନାହିଁ ।

**ଉତ୍ତର–** ବର୍ତ୍ତମାନ ବି କେଉଁଠି-କେଉଁଠି ହେଉଛି । ଆମେରିକାର ଖ୍ରୀଷ୍ଟିଆନମାନେ ଜଣେ ବୈଜ୍ଞାନିକଙ୍କୁ ବିଶ୍ୱବିଦ୍ୟାଳୟରୁ ବାହାର କରିଦେଲେ, କାରଣ ସେ ଡାର୍‌ଉଇନ୍‌ଙ୍କ ବିକାଶବାଦର ପ୍ରଚାରକ ଥିଲେ । କିନ୍ତୁ ବର୍ତ୍ତମାନ ଆମମାନଙ୍କର ବ୍ୟାପକ ପ୍ରଚାର ଯୋଗୁଁ ଧର୍ମାନ୍ଧ ଲୋକଙ୍କୁ ନିୟନ୍ତ୍ରଣ କରାଗଲା, ନତୁବା ସେମାନଙ୍କ ଉପଦ୍ରବ କ'ଣ କମିଥାନ୍ତା ? କେତେବେଳେ ଆମକୁ ବି ଜୀବନ୍ତ ଜଳାଇ ଦିଅନ୍ତେ । ଦେଖନ୍ତୁ ବ୍ରେଡଲା (Breadlagh), ହୋଲିଓକ୍ (Holyoake) ଆଦି ସଜ୍ଜନଙ୍କୁ ଇଂଲଣ୍ଡରେ ଖ୍ରୀଷ୍ଟିଆନମାନଙ୍କ ସହ ଘୋର ସଂଘର୍ଷ କରିବାକୁ ପଡ଼ିଲା ।

**ପ୍ରଶ୍ନ–** ତେବେ ତ ଏହା କହିବା ଉଚିତ ଯେ ସଂଘର୍ଷ

ବଢ଼ିଗଲା, ହ୍ରାସ ପାଇଲା କେଉଁଠି ?

**ଉତ୍ତର–** କିପରି ?

**ପ୍ରଶ୍ନ–** ପ୍ରଥମେ ତ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଇହୁଦୀ ପରସ୍ପର ମଧ୍ୟରେ ସଂଘର୍ଷ କରୁଥିଲେ, କିନ୍ତୁ ବର୍ତ୍ତମାନ ଏଥିରେ ଆପଣ ବି ଆସି ମିଶିଗଲେ ଏବଂ ସଂଘର୍ଷ କରିବା ଲୋକ ଚାରି ପରିବର୍ତ୍ତେ ପାଞ୍ଚ ହୋଇଗଲେ । ଅର୍ଥାତ୍ ହିନ୍ଦୁ, ମୁସଲମାନ୍, ଖ୍ରିଷ୍ଟିଆନ, ଇହୁଦୀ ଓ ନିରୀଶ୍ୱରବାଦୀ ନାସ୍ତିକ ।

**ଉତ୍ତର–** ଆମେ ସଂଘର୍ଷ ହ୍ରାସ କରୁଛୁ, ବୃଦ୍ଧି କରୁନାହୁଁ ।

**ପ୍ରଶ୍ନ–** କିପରି ? ଯେତେବେଳେ କୌଣସି ମୁସଲମାନ ନମାଜ ପଢ଼ିବାକୁ ମସ୍‌ଜିଦ୍‌କୁ ଯାଏ ବା ନିଜର ଧର୍ମ ପ୍ରଚାର କରେ, ସେତେବେଳେ ଆପଣ ତା'ର ବିରୋଧରେ ପ୍ରଚାର କରନ୍ତି ଏବଂ ସେ ଉତ୍ତେଜିତ ହୁଏ । ଏପରି ଅବସ୍ଥାରେ ସଂଘର୍ଷ ବୃଦ୍ଧି ହୁଏ ନା ହ୍ରାସ ପାଏ ? ଯେଉଁ ବ୍ରେଡ଼ଲା ଆଦିଙ୍କର ବିଷୟ ଆପଣ ଉଲ୍ଲେଖ କଲେ ସେମାନେ ଇଂଲଣ୍ଡରେ ନିୟମାନୁସାରେ ସଙ୍ଗଠନ ସ୍ଥାପନ କରିଥିଲେ ଯେଉଁଗୁଡ଼ିକ କି ଖ୍ରୀଷ୍ଟିଆନମାନଙ୍କୁ ବିରୋଧ କରୁଥିଲେ । ବର୍ତ୍ତମାନ ୟୁରୋପରେ ଏବଂ ବିଶେଷ ଭାବେ ଋଷରେ ତ ଈଶ୍ୱରଙ୍କ ନାମ ନେଉଥିବା ଲୋକଙ୍କର ଅବସ୍ଥା ଶୋଚନୀୟ କରିଦିଆଯାଉଛି ।

**ଉତ୍ତର–** ଯେତେବେଳେ ସଂସାରରେ କେହି ଈଶ୍ୱରବାଦୀ ହୋଇ ରହିବେ ନାହିଁ ସେତେବେଳେ ପୂର୍ଣ୍ଣ ଶାନ୍ତି ସ୍ଥାପନ ହୋଇଯିବ, ପୁଣି ଲୋକେ ଶାନ୍ତିର ବୀଣାବାଦନ କରିବେ । ସମସ୍ତ ପ୍ରକାର ଭେଦଭାବ ଲୋପ ପାଇଯିବ । ଏଣୁ ଋଷରେ ଗୀର୍ଜାଗୁଡ଼ିକୁ ଭାଙ୍ଗି ପ୍ରେକ୍ଷାଳୟ କରିଦିଆଗଲା ଏବଂ ବର୍ତ୍ତମାନ ସେଠାରେ ଶାନ୍ତିର ରାଜତ୍ୱ ଚାଲିଛି ।

**ପ୍ରଶ୍ନ–** ଏହା ତ ଆପଣ ଅନ୍ୟ ଧର୍ମ ପରି ଆତ୍ମବଡ଼ିମା ପ୍ରକାଶ କରୁଛନ୍ତି । ଆପଣ କହନ୍ତି କି ଯେତେବେଳେ ସଂସାରରେ ସମସ୍ତେ ନାସ୍ତିକ ହୋଇଯିବେ ସେତେବେଳେ ସଂଘର୍ଷ ବନ୍ଦ ହୋଇଯିବ । ମୁସଲମାନମାନେ ବି ଏହା ହିଁ କହନ୍ତି ଯେ ଯେତେବେଳେ ସମସ୍ତେ ମୁସଲମାନ ହୋଇଯିବେ ସେତେବେଳେ ଶାନ୍ତି ସ୍ଥାପନ ହୋଇଯିବ– ନା ହିନ୍ଦୁ ରହିବେ ନା ଏମାନଙ୍କ ସହ କଳହ ହେବ । ଖ୍ରୀଷ୍ଟିଆନମାନେ ମଧ୍ୟ ଏହା ହିଁ କହନ୍ତି କି ସଂଘର୍ଷ ସେତେବେଳ ପର୍ଯ୍ୟନ୍ତ ରହିବ ଯେତେବେଳ ଯାଏ ସମସ୍ତେ ଖ୍ରୀଷ୍ଟିଆନ ହୋଇନାହାନ୍ତି । ଆର୍ଯ୍ୟସମାଜୀମାନେ ବି ଦୃଢ଼ କଣ୍ଠରେ ଘୋଷଣା କରନ୍ତି କି ଯେତେବେଳ ପର୍ଯ୍ୟନ୍ତ ତାଙ୍କର ବୈଦିକ ଧର୍ମର ପୂର୍ଣ୍ଣ ପ୍ରଚାର ନ ହୋଇଛି ସେତେବେଳ ପର୍ଯ୍ୟନ୍ତ ଏହି ସଂଘର୍ଷର ପରିସମାପ୍ତି ଘଟିବ ନାହିଁ । ଏହିପରି ଭାବେ ଯେଉଁ କଥା ଏମାନେ କହନ୍ତି ତାହା ହିଁ ଆପଣ ବି କହୁଛନ୍ତି । ସେମାନେ ସେମାନଙ୍କ ମତର ପ୍ରଚାର କରନ୍ତି ଏବଂ ଆପଣ ଆପଣଙ୍କର ମତର । ଏହିପରି ଭାବେ ଆପଣ ଏହି ସଂଘର୍ଷ କରିବା ଗୋଷ୍ଠୀଙ୍କ ସଂଖ୍ୟା ହ୍ରାସ କଲେ ନାହିଁ, ବରଂ ବଢ଼ାଇଦେଲେ । ଏହାଦ୍ୱାରା ତ ଶାନ୍ତିର କୌଣସି ଲକ୍ଷଣ ଦେଖାଯାଉନାହିଁ ।

**ଉତ୍ତର–** ଆପଣ ତ ଅଯଥା ତର୍କ କରୁଛନ୍ତି । ଈଶ୍ୱରଙ୍କ ନାମ ଲୋପ ପାଇବା ସଙ୍ଗେ-ସଙ୍ଗେ ମତମତାନ୍ତର ଭିତରର କଳହ ତୁଟିଯିବ ।

**ପ୍ରଶ୍ନ–** ଆଚ୍ଛା, ଏଥିପାଇଁ କୌଣସି ପ୍ରମାଣ ଅଛି ନା ଆମେ ଆପଣଙ୍କ କଥାକୁ ଏମିତି ହିଁ ମାନିନେବୁ ?

**ଉତ୍ତର–** ପ୍ରମାଣ କାହିଁକି ନାହିଁ ! ଯଦି କଳହର ମୂଳକୁ କାଟି ଦିଆଯାଏ, ତେବେ ସଂଘର୍ଷର ବୃକ୍ଷ ଆପେ-ଆପେ ଶୁଖିଯିବ ।

**ପ୍ରଶ୍ନ–** କଳହର ମୂଳ କ'ଣ ?

**ଉତ୍ତର–** ଈଶ୍ୱର ।

**ପ୍ରଶ୍ନ–** ଯେଉଁମାନେ ଈଶ୍ୱରଙ୍କୁ ମାନନ୍ତି ନାହିଁ ବା କୌଣସି ଧର୍ମ ସହିତ ସମ୍ବନ୍ଧ ରଖନ୍ତି ନାହିଁ ସେମାନେ କ'ଣ ଝଗଡ଼ା କରନ୍ତି ନାହିଁ ?

**ଉତ୍ତର–** ନା, ସେମାନେ କାହିଁକି ଝଗଡ଼ା କରିବେ ?

**ପ୍ରଶ୍ନ–** କ'ଣ ଏପରି କୌଣସି ଐତିହାସିକ ପ୍ରମାଣ ଦେଇପାରିବେ, ଯେତେବେଳେ କୌଣସି ଦେଶ ବା ଜାତି ସର୍ବଥା ନାସ୍ତିକ ହୋଇଗଲେ ଏବଂ ସେମାନଙ୍କ ମଧ୍ୟରେ କୌଣସି ସଂଘର୍ଷ, କଳହ ହୋଇନାହିଁ ?

**ଉତ୍ତର–** ଏପରି ତ ଆଜି ପର୍ଯ୍ୟନ୍ତ ହୋଇନାହିଁ । ଐତିହାସିକ କାଳରୁ ତ ଲୋକମାନେ କୌଣସି ନା କୌଣସି ଧର୍ମର ଅନୁଗାମୀ ହୋଇ ରହିଛନ୍ତି । ଏଣୁ ଯୁଦ୍ଧ ବି ହୋଇଆସିଛି । କିନ୍ତୁ ଆମେ ଅବଶ୍ୟ ଏପରି ସମୟ ଆଣିବାକୁ ଚାହୁଁଛୁ ଯେତେବେଳେ କେହି ଈଶ୍ୱରଙ୍କ ନାମ ନେବେ ନାହିଁ ଏବଂ ସମସ୍ତେ ଭାଇ-ଭାଇ ଭଳି ପ୍ରେମର ସହ ରହିବେ ।

**ପ୍ରଶ୍ନ–** ଆଚ୍ଛା, ଯଦି ଆପଣ ମାନନ୍ତି ଯେ ଈଶ୍ୱରଙ୍କ ନାମକୁ ନେଇ ହିଁ ଯୁଦ୍ଧ, ସଂଘର୍ଷ, କଳହ ଆଦି ହୁଏ, ତେବେ କୁକୁରମାନେ କାହିଁକି ଲଢ଼େଇ କରନ୍ତି ? ସେମାନେ ତ ନା ଖ୍ରୀଷ୍ଟିଆନ, ନା ହିନ୍ଦୁ, ନା ମୁସଲମାନ, ନା ଆର୍ଯ୍ୟ ?

**ଉତ୍ତର–** ସେମାନେ ଈଶ୍ୱରଙ୍କ ନାମକୁ ନେଇ କଳି କରନ୍ତି ନାହିଁ, ବରଂ ସେମାନେ ପଶୁ ହୋଇଥିବାରୁ କଳି କରନ୍ତି ।

**ପ୍ରଶ୍ନ–** ତେବେ ନିଷ୍କର୍ଷ ଏହା ବାହାରିଲା ଯେ ଲୋକେ ଧର୍ମ ଓ ଈଶ୍ୱରଙ୍କ କାରଣରୁ କଳହ କରନ୍ତି ନାହିଁ, ବରଂ କୁକୁରଙ୍କ ଭଳି ସେମାନଙ୍କଠାରେ ଯେତେବେଳେ ପାଶବିକ ପ୍ରବୃତ୍ତି ଜାଗ୍ରତ ହୋଇଯାଏ ସେତେବେଳେ ଝଗଡ଼ା କରନ୍ତି ଏବଂ ଧର୍ମ ଓ ଈଶ୍ୱରଙ୍କ ନାମର କେବଳ ବାହାନା କରିଥାନ୍ତି ।

**ଉତ୍ତର–** ଏହା ତ ଆପଣ ବି ସ୍ୱୀକାର କଲେ ଯେ ବାହାନା ହୋଇଥାଏ । ଆମେ ସେହି ବାହାନାର କାରଣକୁ ବି ହଟାଇବାକୁ ଚାହୁଁ । ଯେତେବେଳେ ଧର୍ମ ଓ ଈଶ୍ୱରଙ୍କ ବାହାନା ହିଁ ରହିବ ନାହିଁ, ସେତେବେଳେ କେଉଁ ଆଧାରରେ ସଂଘର୍ଷ କରିବେ ?

**ପ୍ରଶ୍ନ–** ଆପଣ ପୁଣି ସେହି କଥା କହିଲେ । କୁକୁରଙ୍କ ପାଖରେ ଏହିଭଳି କୌଣସି ବାହାନା ନାହିଁ, ତଥାପି ସେମାନେ ଲଢ଼ନ୍ତି । ସେହିପରି ଯେତେବେଳେ ମନୁଷ୍ୟଙ୍କ ପାଶବିକ ପ୍ରବୃତ୍ତିସମୂହ ଜାଗ୍ରତ ହୋଇଯିବେ, ସେତେବେଳେ ଧର୍ମ ଓ ଈଶ୍ୱର ନଥିଲେ ନଥାନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ, ସେମାନେ ଅନ୍ୟ କୌଣସି ବାହାନା ଖୋଜି ବାହାର କରିବେ – ଧନ-ସମ୍ପତ୍ତି ଏବଂ ଜମି-ଜମା ପାଇଁ ଲଢ଼େଇ କରିବେ । ଧର୍ମ ଓ ଈଶ୍ୱରଙ୍କ ସମ୍ବନ୍ଧୀୟ ଯଥାର୍ଥ ବିଚାର ମନୁଷ୍ୟର ପାଶବିକ ବୃତ୍ତିଗୁଡ଼ିକୁ ପ୍ରତିରୋଧ କରିଥାଏ, ଉତ୍ତେଜିତ କରେନାହିଁ । ଯଦି ଲୋକେ ଯଥାର୍ଥତଃ ଧାର୍ମିକ ଓ ଈଶ୍ୱରଙ୍କ ଶ୍ରଦ୍ଧାଳୁ ହୋଇଯିବେ ତେବେ ସେମାନେ ନିଜର ପାଶବିକ ପ୍ରବୃତ୍ତିଗୁଡ଼ିକୁ ନିୟନ୍ତ୍ରଣରେ ରଖିବେ, ପରୋପକାର କରିବେ ଏବଂ କଳହ ବନ୍ଦ ହୋଇଯିବ । ଏଣୁ ଆପଣ ଯଦି ସଂସାରରେ ଶାନ୍ତି ସ୍ଥାପନ କରିବାକୁ ଚାହାନ୍ତି, ତେବେ ଯଥାର୍ଥ ଧର୍ମ ଓ ଈଶ୍ୱର ପରାୟଣତାର ପ୍ରଚାର କରନ୍ତୁ ।

**ଉତ୍ତର–** ନାହିଁ ଆଜ୍ଞା, ଆପଣ ତ ବୃଥା ତର୍କ-ବିତର୍କ କରୁଛନ୍ତି । ଦେଖନ୍ତୁ, ଯେତେବେଳ ପର୍ଯ୍ୟନ୍ତ ଲୋକେ ଏହା ମାନୁଥିବେ ଯେ ଏହି ସୃଷ୍ଟିର କର୍ତ୍ତା ଈଶ୍ୱର ବୋଲି କେହି ଅଛନ୍ତି ସେତେବେଳ ପର୍ଯ୍ୟନ୍ତ ଲୋକଙ୍କ ଭିତରେ ମତଭେଦ ରହିବ ହିଁ ରହିବ ।

**ପ୍ରଶ୍ନ–** ତେବେ କ'ଣ ନାସ୍ତିକଙ୍କ ମଧ୍ୟରେ ମତଭେଦ ନାହିଁ ? କ'ଣ ସମସ୍ତ ନାସ୍ତିକ ସୃଷ୍ଟି ରଚନା ବିଷୟରେ ଏକମତ ଅଟନ୍ତି ?

**ଉତ୍ତର–** ହଁ । ନିଶ୍ଚିତ ରୂପେ ସମସ୍ତେ ମାନନ୍ତି କି ସୃଷ୍ଟିର ରଚୟିତା କୌଣସି ଈଶ୍ୱର ନୁହନ୍ତି ।

**ପ୍ରଶ୍ନ–** ସାମାନ୍ୟ ରୂପେ ତ ସମସ୍ତ ଧର୍ମର ଲୋକ ମାନନ୍ତି ଯେ ଈଶ୍ୱର ଏହି ସୃଷ୍ଟିର ରଚୟିତା ଅଟନ୍ତି । ତେଣୁ ଈଶ୍ୱରଙ୍କ ବିଷୟରେ ଏତିକି ଅଂଶ ପର୍ଯ୍ୟନ୍ତ ଆସ୍ତିକମାନେ ବି ତ ଏକମତ ହେଲେ ।

**ଉତ୍ତର–** ଅନ୍ୟ ବିଷୟରେ ତ ମତଭେଦ ରହିଛି ; ଯଥା— ଈଶ୍ୱରଙ୍କ ନାମ, ସ୍ୱରୂପ, ସ୍ଥାନ ଆଦି ବିଷୟରେ ।

କିଏ କହେ ଈଶ୍ୱରଙ୍କ ନାମ ଆଲ୍ଲା, କିଏ କହେ ଓମ୍ ତ ଆଉ କିଏ ଆଉ କ'ଣ କହିଥାଏ ।

**ପ୍ରଶ୍ନ–** ତେବେ କ'ଣ ନାସ୍ତିକମାନେ କେବଳ ଈଶ୍ୱରଙ୍କ ନାମକୁ ତ୍ୟାଗ କରିବା ମାତ୍ରେ ଏକମତ ହୋଇଗଲେ ? କ'ଣ ସେମାନଙ୍କ ମଧ୍ୟରେ ଅନ୍ୟ ସିଦ୍ଧାନ୍ତ ସମ୍ବନ୍ଧୀୟ କୌଣସି ମତଭେଦ ନାହିଁ ? ଯଦି ଆପଣ ଈଶ୍ୱରଙ୍କୁ ମାନିବା ଛାଡ଼ିଦିଅନ୍ତି ତେବେ ସୃଷ୍ଟି ଉତ୍ପତ୍ତିର କାରଣ କ'ଣ ବୋଲି ମାନିବେ ? କିଏ କହେ ଯେ ସୃଷ୍ଟି ଏକ ଆକସ୍ମିକ ଘଟଣା ଯାହାରକି କୌଣସି କାରଣ ନାହିଁ । କିଏ କହେ କି ଭିନ୍ନ-ଭିନ୍ନ ବସ୍ତୁରେ ଭିନ୍ନ-ଭିନ୍ନ ସ୍ୱଭାବ ରହିଛି, ତଦ୍ୱାରା ପ୍ରେରିତ ହୋଇ ସେମାନେ ସୃଷ୍ଟି ରୂପରେ ପରିବର୍ତ୍ତିତ ହୋଇଯାଆନ୍ତି । ଏହିଭଳି ଭାବେ ନାସ୍ତିକମାନଙ୍କର ବି ତ ଅନେକ ମତ ରହିଛି । ଯେତେବେଳେ ନାସ୍ତିକମାନେ ଆସ୍ତିକମାନଙ୍କୁ ସଂସାରରୁ ବହିଷ୍କାର କରିଦେବେ ସେତେବେଳେ ନିଜେ ପରସ୍ପର ମଧ୍ୟରେ କଳହ କରିବେ ।

**ଉତ୍ତର–** ଆଦୌ ଝଗଡ଼ା କରିବେ ନାହିଁ, କାରଣ ପୂଜାପାଠର ତ ପ୍ରଶ୍ନ ରହିବ ନାହିଁ ; ଝଗଡ଼ା ପୂଜାପାଠ ବିଷୟକୁ ନେଇ ହୋଇଥାଏ ।

**ପ୍ରଶ୍ନ–** ନା, ଆପଣ ଭୁଲ୍ କହୁଛନ୍ତି । ଆପଣଙ୍କର ଅନୁଭୂତି ହିଁ ନାହିଁ ଯେ ଈଶ୍ୱରଙ୍କୁ ଛାଡ଼ିଦେବା ଏବଂ ନାସ୍ତିକ ହେବାର ଅର୍ଥ କ'ଣ ? ବର୍ତ୍ତମାନ ତ ଈଶ୍ୱର-ବିଶ୍ୱାସରେ କୌଣସି ପ୍ରକାର ନ୍ୟୂନତା ଆସିଗଲେ ଲୋକମାନଙ୍କର ପାଶବିକ ପ୍ରବୃତ୍ତି ତୁରନ୍ତ ଜାଗ୍ରତ ହେଉଛି । କିନ୍ତୁ ଯେତେବେଳେ ଈଶ୍ୱର-ବିଶ୍ୱାସ ସଂପୂର୍ଣ୍ଣ ଲୋପପାଇଯିବ ସେତେବେଳେ ତ ଲୋକେ ମୁକ୍ତ ଭାବରେ ପଶୁ ଭଳି ବିଚରଣ କରିବେ ।

**ଉତ୍ତର–** କ'ଣ ବର୍ତ୍ତମାନ ନାସ୍ତିକମାନେ ପଶୁଭଳି ବିଚରଣ କରୁଛନ୍ତି ଏବଂ କ'ଣ ମତମତାନ୍ତରକୁ ମାନୁଥିବା ଲୋକଙ୍କ ମଧ୍ୟରେ ଦୁଷ୍ଟ ଲୋକ ନାହାନ୍ତି ?

**ପ୍ରଶ୍ନ–** ମୁଁ ଏହା କହୁନାହିଁ କି ସମସ୍ତ ନାସ୍ତିକ ଲୋକ ଦୁଷ୍ଟ । ନା-ନା, ଏମାନଙ୍କ ମଧ୍ୟରେ ତ ଅନେକ ବଡ଼-ବଡ଼ ସଜ୍ଜନ ବି ଅଛନ୍ତି ଏବଂ ଧର୍ମଧୁରନ୍ଧର ଦେଖାଯାଉଥିବା ଲୋକଙ୍କ ମଧ୍ୟରେ ଶହଶହ ଲୋକଙ୍କର ଜୀବନ ପଶୁମାନଙ୍କଠାରୁ ବି ନିକୃଷ୍ଟ । କିନ୍ତୁ ଏଠାରେ ପ୍ରଶ୍ନ ହିଁ କିଛି ଅଲଗା ରହିଛି ।

**ଉତ୍ତର–** ପ୍ରଶ୍ନ କ'ଣ ?

**ପ୍ରଶ୍ନ–** ପ୍ରଶ୍ନ ଦୁଇଟି । ପ୍ରଥମ ପ୍ରଶ୍ନ ଏହା କି ଈଶ୍ୱରଙ୍କ ନାମ ନେବା ଲୋକଙ୍କ ମଧ୍ୟରେ ଦୁଷ୍ଟ କାହିଁକି ଅଛନ୍ତି ? ଦ୍ୱିତୀୟ ଏହା କି ନାସ୍ତିକ ଲୋକଙ୍କ ଭିତରେ ସଦାଚାରର ବିଚାର କାହିଁକି ଦେଖିବାକୁ ମିଳେ ?

**ଉତ୍ତର–** ହଁ, ଠିକ୍ କଥା ! ବୁଝାଇ କହନ୍ତୁ !

**ପ୍ରଶ୍ନ–** ଆମେ ପୂର୍ବରୁ କହିଛୁ କି ଯଥାର୍ଥତଃ ଈଶ୍ୱର-ବିଶ୍ୱାସୀ ଓ ଆସ୍ତିକ ହେବା ଗୋଟିଏ କଥା ଏବଂ କେବଳ ମୁହଁରେ ଈଶ୍ୱର-ବିଶ୍ୱାସୀ ବୋଲି କହିବା ଅନ୍ୟପ୍ରକାର କଥା ।

**ଉତ୍ତର–** ତେବେ କ'ଣ ଯେଉଁମାନେ ନିଜକୁ ଈଶ୍ୱର-ବିଶ୍ୱାସୀ କହନ୍ତି ସେମାନେ ମିଥ୍ୟା କହନ୍ତି ?

**ପ୍ରଶ୍ନ–** ହଁ, ଅଧିକାଂଶ ମିଥ୍ୟା କହନ୍ତି । ପ୍ରକୃତ ଆସ୍ତିକ କୁକର୍ମ କରନ୍ତି ନାହିଁ କି ଅନ୍ୟମାନଙ୍କୁ ଦୁଃଖ ଦେଇପାରନ୍ତି ନାହିଁ । ସିଏ ଧର୍ମାତ୍ମା ଅଟନ୍ତି ଯିଏ ମନୁଷ୍ୟ ଜାତିର ଉପକାର କରନ୍ତି । ପାଖଣ୍ଡୀଙ୍କୁ ଧର୍ମାତ୍ମା କୁହାଯାଇ ପାରିବ ନାହିଁ । ଏ ଯେଉଁ ଧର୍ମସମ୍ବନ୍ଧୀ ଦଙ୍ଗାସବୁ ହୁଏ, ସେହି ଲୋକଙ୍କ ତରଫରୁ ହୁଏ ଯେଉଁମାନେ ଧର୍ମର ମର୍ମକୁ ତ ବୁଝି ନାହାନ୍ତି ଏବଂ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଧର୍ମ ନାମରେ ଲଢ଼େଇ କରନ୍ତି । କ'ଣ ଆପଣ ଇତିହାସରେ ପଢ଼ିନାହାନ୍ତି କି ଅନେକ ବିଜେତା ରାଜ୍ୟ ଲୋଭରେ ଯୁଦ୍ଧ କଲେ ଅଥଚ ଧର୍ମକୁ ଢାଲ କରିନେଲେ ।

**ଉତ୍ତର–** ହଁ, ଏପରି ଅନେକ ହୋଇଛି ।

**ପ୍ରଶ୍ନ–** ଫେରେ ଆପଣ ସେମାନଙ୍କ ପାଇଁ ଧର୍ମକୁ ଉତ୍ତରଦାୟୀ କରୁଛନ୍ତି କାହିଁକି ?

**ଉତ୍ତର–** ଏଇଥି ପାଇଁ ଯେ ଧର୍ମ ଏପରି ଏକ ବସ୍ତୁ, ଲୋକେ ଯାହାର ବାହାନା ଶୀଘ୍ର ନିଅନ୍ତି । ଏହା ବି ତ କିଛି ସାମାନ୍ୟ ଦୋଷ ନୁହେଁ ।

**ପ୍ରଶ୍ନ–** ଏଠାରେ ବି ଆପଣ ଭୁଲ୍ କରନ୍ତି ।

**ଉତ୍ତର–** କ'ଣ ?

**ପ୍ରଶ୍ନ–** ଯଦିଓ ଧର୍ମ ନାମରେ ଯୁଦ୍ଧ ଓ ଦଙ୍ଗା ହୋଇଛି ; କିନ୍ତୁ ସେଠାରେ ଧର୍ମ କାରଣ ନଥିଲା । ଯେଉଁଠି ଧର୍ମକୁ ଢାଲ କରିନିଆଯାଇଛି, ତା'ର ସଂଖ୍ୟା ବି ସେମିତି କିଛି ଅଧିକ ନଥିଲା । ଏହାଠାରୁ ଅନେକ ଗୁଣ ଅଧିକ ଏପରି ଯୁଦ୍ଧ ହୋଇଛି ଯେଉଁଥିରେ ଧର୍ମର କୌଣସି ସମ୍ପର୍କ ନଥିଲା ଏବଂ କେବଳ ଏଥିପାଇଁ ଯୁଦ୍ଧ କରାଯାଇଛି କି ଜଣେ ରାଜା ଅନ୍ୟ ଜଣେ ରାଜାଙ୍କୁ ପରାସ୍ତ କରି ତାଙ୍କର ରାଜ୍ୟକୁ ଛଡ଼ାଇ ନେବାକୁ ଚାହିଁଥିଲେ । ଆଲେକଜାଣ୍ଡର୍‌ଙ୍କର ଆକ୍ରମଣ ଧର୍ମ ପାଇଁ ହୋଇନଥିଲା । କାର୍ଥେଜ ବୀର ହାନିବଲ୍ ଧର୍ମ ନିମନ୍ତେ ଯୁଦ୍ଧ କରିନଥିଲେ । ରାଜପୁତାନାରେ ଶହ ଶହ ରାଜପୁତ ପରସ୍ପର ମଧ୍ୟରେ ସଂଘର୍ଷ କରି ମୃତ୍ୟୁବରଣ କଲେ । ତାହାର କାରଣ ଧର୍ମ ନଥିଲା । ସେମାନେ ନିଜ ପ୍ରତିଷ୍ଠା, ଅହଂକାର, ଅଧିକାର ଜାହିର ପାଇଁ ବା ରାଜ୍ୟ ଜୟ କରିବା ପାଇଁ କିମ୍ବା ମହିଳାଙ୍କ ପାଣିଗ୍ରହଣ ପାଇଁ ଯୁଦ୍ଧ କଲେ । ଯଦି ଲୋକେ ଧର୍ମକୁ ତ୍ୟାଗ ବି କରିଦିଅନ୍ତି, ତଥାପି ବି ଏ ଦୁର୍ବଳତାଗୁଡ଼ିକ ରହିବେ ଏବଂ ଏସବୁ ମନୁଷ୍ୟକୁ କଳିଗୋଳ, ଯୁଦ୍ଧ-ସଂଘର୍ଷ ପାଇଁ ପ୍ରେରିତ କରିଚାଲିବେ । ବର୍ତ୍ତମାନ କଚେରୀମାନଙ୍କରେ ଯେଉଁସବୁ ମାମଲା ଚାଲୁଛି ତା'ର ସଂଖ୍ୟା ଦେଖନ୍ତୁ । ହୁଏତ ଶହ ଶହ ମାମଲା ଭିତରେ ଗୋଟିଏ-ଦୁଇଟି ହିଁ ଧର୍ମ ସମ୍ବନ୍ଧୀୟ ହୋଇଥିବ, ଅନ୍ୟ ସବୁ ମାମଲାର କାରଣ କ'ଣ ?

**ଉତ୍ତର–** ଆଚ୍ଛା, ଦ୍ୱିତୀୟ କଥା ଉପରେ ବିଚାର କରନ୍ତୁ । ନାସ୍ତିକମାନେ କାହିଁକି ସଦାଚାରୀ ହୁଅନ୍ତି ?

**ପ୍ରଶ୍ନ–** ସମସ୍ତ ନାସ୍ତିକ ସଦାଚାରୀ ନଥାନ୍ତି । କିଛି ଥାଆନ୍ତି, କିଛି ନଥାନ୍ତି । କିନ୍ତୁ ଯେଉଁମାନେ ସଦାଚାରୀ ଅଟନ୍ତି ତାହାର କାରଣ ଏହା କି ଆସ୍ତିକତାର ନିରନ୍ତର ପ୍ରଚାର ଯୋଗୁଁ ବାୟୁମଣ୍ଡଳରେ ସଚ୍ଚରିତ୍ରତାର ଆବଶ୍ୟକତା ପ୍ରବେଶ କରିଯାଇଛି । ନାସ୍ତିକମାନେ ତା'ର ଆନ୍ତରିକ ଅନୁଭବ କରନ୍ତି ଏବଂ ତାକୁ ଛାଡ଼ିପାରନ୍ତି ନାହିଁ, ଯେପରିକି ମୂଳ କଟିଗଲା ପରେ ବି ବୃକ୍ଷର ଡାଳଗୁଡ଼ିକ କିଛି ଦିନ ସବୁଜ ରହିଥାନ୍ତି ଏବଂ ଶେଷରେ ଶୁଖିଯାଆନ୍ତି । ଯଦି ଆସ୍ତିକତାର ପ୍ରଭାବ ସର୍ବଥା ଲୋପପାଇଯାଏ, ତେବେ ସଦାଚାର ବି ଶୀଘ୍ର ଲୁପ୍ତ ହୋଇଯିବ ।

**ଉତ୍ତର–** କିପରି ?

**ପ୍ରଶ୍ନ–** ଶୁଣନ୍ତୁ ! ଯଦି ଆପଣ ସମଗ୍ର ମନୁଷ୍ୟ ଜାତିଠାରୁ ଈଶ୍ୱର ସମ୍ବନ୍ଧୀୟ ବିଚାର ବାହାର କରିନେବେ, ତେବେ ତା' ବଦଳରେ କ'ଣ ଦେବେ ? ଯଦି ଲୋକେ ଅକସ୍ମାତ୍‌ବାଦୀ ହୋଇଯାଆନ୍ତି ତେବେ ସଦାଚାରର ମୂଳ ସଂପୂର୍ଣ୍ଣ ଉପୁଡ଼ିଯିବ । କାରଣ ଯଦି ଏତେ ବଡ଼ ସୃଷ୍ଟିରେ କାରଣ-କାର୍ଯ୍ୟର ନିୟମ ଲାଗୁ ହୁଏନାହିଁ ଏବଂ ଏପରି ସୁନ୍ଦର ସୂର୍ଯ୍ୟ ଓ ତାରାଗଣ ଅକସ୍ମାତ୍ ସୃଷ୍ଟି ହୋଇଯାଆନ୍ତି ତେବେ କିଏ ପୁଣି କାହିଁକି ସଦ୍‌ବ୍ୟବହାର କରିବ ? ଯେଉଁ କୃଷକ ବିଚାରେ ଯେ ଅକସ୍ମାତ୍ ଗହମ ଗଛ ଉଠିଯିବ, ସେ ପରିଶ୍ରମ କରି ବିହନ କାହିଁକି ବୁଣିବ ଏବଂ ବିହନ ବୁଣି ପାଣି ଦେବ କାହିଁକି ? ଆଉ ଯଦି ମନୁଷ୍ୟ ସ୍ୱଭାବବାଦୀ ହୋଇଯାଏ, ତେବେ ବି ଏହି ସମସ୍ୟା ହେବ । ସଦାଚାରର ମୂଳ ତ ମନୁଷ୍ୟର ସ୍ୱତନ୍ତ୍ରତା ଉପରେ ପ୍ରତିଷ୍ଠିତ । ଯେତେବେଳେ ଉତ୍ତମ ସ୍ୱଭାବ ଗୋଟିଏ ହିଁ ଶୈଳୀରେ କାର୍ଯ୍ୟ କରେ ଏବଂ ସେଥିରେ କୌଣସି ପରିବର୍ତ୍ତନ ହୋଇପାରେ ନାହିଁ ସେତେବେଳେ ସତ୍ ଓ ଅସତ୍ ମଧ୍ୟରେ ଥିବା ପ୍ରଭେଦକୁ ଜାଣିବା ଏବଂ ଅସତ୍‌କୁ ତ୍ୟାଗ କରି ସତ୍‌କୁ ଗ୍ରହଣ କରିବା କିପରି ? ମନୁଷ୍ୟର ସ୍ୱତନ୍ତ୍ରତା ତ ସେତେବେଳେ ରହିପାରେ ଯେତେବେଳେ ସୃଷ୍ଟିରେ ଏପରି କୌଣସି ବୁଦ୍ଧିମତୀ ଶକ୍ତି ରହିବ ଯାହା ସଦାଚାରୀକୁ ଏକ ପ୍ରକାର ଏବଂ ଦୁରାଚାରୀକୁ ଅନ୍ୟ ପ୍ରକାର ଫଳ ଦେଇପାରିବ । ଯେତେବେଳେ ଏକ ଅଟଳ ଜ୍ଞାନରହିତ ନିୟମ କାର୍ଯ୍ୟକରିଥାଏ ସେତେବେଳେ ମନୁଷ୍ୟ ବି ସେହି ନିୟମର ଅଧୀନ ହେବ ଏବଂ ନା କିଛି ସତ୍ ରହିବ ନା ଅସତ୍, କାରଣ ତାହାର ହାତ ବାନ୍ଧି ହୋଇଯିବ

ଓ ତା'ର ବିଚାର କରିବା, କହିବା କିମ୍ବା କୌଣସି କାର୍ଯ୍ୟକରିବାର ସ୍ୱତନ୍ତ୍ରତା ରହିବ ନାହିଁ ।

**ଉତ୍ତର–** ଯଦି ଏହା ଠିକ୍, ତେବେ ବୈଜ୍ଞାନିକମାନେ ନାସ୍ତିକ ଅଟନ୍ତି ?

**ପ୍ରଶ୍ନ–** ଏହା ବି ଭୁଲ୍ । ଏକଥା ସତ୍ୟ ଯେ ଯେହେତୁ ଖ୍ରୀଷ୍ଟିଆନମାନେ ବୈଜ୍ଞାନିକମାନଙ୍କ ଉପରେ ଘୋର ଅତ୍ୟାଚାର କଲେ, ତେଣୁ ବୈଜ୍ଞାନିକଙ୍କ ମନ ସେହି ଧର୍ମରୁ ଉଠିଗଲା ଏବଂ ସେମାନେ ଖ୍ରୀଷ୍ଟଧର୍ମ ସହିତ ଧର୍ମମାତ୍ରର ବିରୋଧୀ ହୋଇଗଲେ । ସେମାନେ ଏପରି ଈଶ୍ୱରଙ୍କୁ ଛାଡ଼ିଦେଲେ ଯିଏ ନିଜର ଭକ୍ତଙ୍କ ଦ୍ୱାରା ଅତ୍ୟାଚାର କରାଉଥିବେ । ବୈଜ୍ଞାନିକମାନଙ୍କର ଏହି କଥନ ସଂପୂର୍ଣ୍ଣ ଠିକ୍ ଥିଲା । କିନ୍ତୁ ଘୋର ବିରୋଧ କରି କରି ବର୍ତ୍ତମାନ ବିଶିଷ୍ଟ ବୈଜ୍ଞାନିକମାନେ ସ୍ୱୀକାର କଲେଣି କି ଯେତେବେଳ ପର୍ଯ୍ୟନ୍ତ ମନୁଷ୍ୟ ଧାର୍ମିକ ହୁଏ ନାହିଁ ସେତେବେଳ ପର୍ଯ୍ୟନ୍ତ ତାହାର ସମୁଚିତ ବିକାଶ ହୋଇପାରିବ ନାହିଁ ।

**ଉତ୍ତର–** କୌଣସି ଉଦାହରଣ ଦିଅନ୍ତୁ ।

**ପ୍ରଶ୍ନ–** ଦେଖନ୍ତୁ ! ଜଣେ ବିଶିଷ୍ଟ ବୈଜ୍ଞାନିକ ହେଉଛନ୍ତି ମେକ୍ସ ପ୍ଲାଙ୍କ୍ (Max plank) । ସେ ଜର୍ମାନ ଭାଷାରେ ଏକ ପୁସ୍ତକ ରଚନା କରିଛନ୍ତି ଯାହାର ନାମ ହେଲା 'ବିଜ୍ଞାନର ଗତି କୁଆଡ଼େ ?' ଆଉ ଜଣେ ବିଶିଷ୍ଟ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ (Einstein) ତା'ର ଭୂମିକା ଲେଖିଛନ୍ତି । ତା'ର କିଛି ଉଦ୍ଧୃତାଂଶ ପଢ଼ନ୍ତୁ—

1. Science thus brings us to the threshold of the ego and there leaves us to ourselves. (P-167)

'ବିଜ୍ଞାନ ଆମକୁ ଆତ୍ମାର ଦ୍ୱାର ପର୍ଯ୍ୟନ୍ତ ନେଇ ଛାଡ଼ିଦିଏ । ଏଠାରୁ ଆଗକୁ ସେ ଆମକୁ ସହାୟତା କରେ ନାହିଁ ।'

କେବଳ ଭୌତିକ ବିଜ୍ଞାନ ଦ୍ୱାରା ସମସ୍ତ କାର୍ଯ୍ୟ ହେବା ସମ୍ଭବ ନୁହେଁ । ମନୁଷ୍ୟ ନିମନ୍ତେ ଅଧ୍ୟାତ୍ମବାଦର ଆବଶ୍ୟକତା ବି ରହିଛି ।

2. The law of causation is the guiding rule of science, but the Categorical Imperative that is to say, the dictate of duty - is the guiding rule of life. Here intelligence has to give place to character and scientific knowledge to religious belief. (P.168)

'ବିଜ୍ଞାନ କାରଣବାଦର ଆଶ୍ରିତ ଅଟେ, କିନ୍ତୁ ଜୀବନ କର୍ତ୍ତବ୍ୟବାଦର ଆଶ୍ରିତ। ଏଠାରେ ବୁଦ୍ଧି ସ୍ଥାନରେ ଆଚାର ଏବଂ ବିଜ୍ଞାନ ସ୍ଥାନରେ ଧର୍ମରେ ବିଶ୍ୱାସ ଆସେ ।'

ଅର୍ଥାତ୍ ଧର୍ମ ବିନା ଜୀବନ ଧାରଣ ସମ୍ଭବ ନୁହେଁ ।

3. The religious element in his nature must be recognised and cultivated if all the powers of the human soul are to act together in perfect balance and harmony. (P-168)

'ଯଦି ମନୁଷ୍ୟର ଆତ୍ମାର ସମସ୍ତ ଶକ୍ତିର ପୂର୍ଣ୍ଣ ଓ ସର୍ବାଙ୍ଗୀଣ ଉନ୍ନତି କରିବାର ଅଛି ତେବେ ତାହାର ଆକୃତି (ଗଠନ)ର ଧାର୍ମିକ ଅଂଶକୁ ମାନିବା ଓ ବିକଶିତ କରିବାକୁ ହେବ ।'

4. And indeed it was not by any accident that the greatest thinkers of all ages were also deeply religious souls. (P. 169)

'ପ୍ରତେକ ଯୁଗ (ସମୟ)ର ବଡ଼-ବଡ଼ ବିଚାରକ ଧାର୍ମିକ ଥିଲେ, ଏ କଥା ତ ଅକାରଣ ନଥିଲା ।'

**ଉତ୍ତର–** ତେବେ କ'ଣ ଏହା ମାନିନେବା ଉଚିତ କି ବୈଜ୍ଞାନିକମାନଙ୍କୁ ବି ଧର୍ମର ଆବଶ୍ୟକତା ହେଲାଣି ?

**ପ୍ରଶ୍ନ–** ଅବଶ୍ୟ ।

**ଉତ୍ତର–** ତେବେ ପୁଣି କଳହ କିପରି ଦୂର ହେବ ?

**ପ୍ରଶ୍ନ–** କଳହ, ସଂଘର୍ଷ ସେତେବେଳ ପର୍ଯ୍ୟନ୍ତ ଦୂର ହୋଇପାରିବ ନାହିଁ ଯେତେବେଳ ପର୍ଯ୍ୟନ୍ତ ପ୍ରକୃତ ଧର୍ମର ରାଜତ୍ୱ ନ ହୋଇଛି । ଅଧର୍ମ ଯେତେ ରହିବ କଳହ ସେତେ ରହିବ । ଏଣୁ ଲୋକଙ୍କୁ ପ୍ରେରିତ କରିବା ଉଚିତ କି ସେମାନେ ଆନ୍ତରିକତା ସହକାରେ ଧର୍ମର ଶୁଦ୍ଧ ସ୍ୱରୂପକୁ ଅନ୍ୱେଷଣ କରିଚାଲନ୍ତୁ ଏବଂ ନିଜର ନୀଚ ପ୍ରବୃତ୍ତିଗୁଡ଼ିକୁ ଦମନ କରିଚାଲନ୍ତୁ ।

**ଉତ୍ତର–** ଏକଥା ତ ଠିକ୍ ଜଣାଯାଉଛି, କିନ୍ତୁ ବର୍ତ୍ତମାନ ଏହି ବିଷୟରେ ମେଷାନୁସରଣ ଚାଲିଛି ।

**ପ୍ରଶ୍ନ–** କିଛି ତ ଫେସନ ହୋଇଗଲାଣି । ପୂର୍ବେ ଯେପରି ଧର୍ମ ବିଷୟରେ ମେଷାନୁସରଣ ଥିଲା, ଆଜିକାଲି ସେହିପରି ବିଜ୍ଞାନ ବିଷୟରେ ବି ମେଷାନୁସରଣ ଚାଲିଛି ।

**ଉତ୍ତର–** ହଁ, ସତ କଥା । ଏହି ପ୍ରବୃତ୍ତିର ପରିବର୍ତ୍ତନ ଆବଶ୍ୟକ ।

## ଧର୍ମ କ'ଣ ?

୧. ପକ୍ଷପାତରହିତ ନ୍ୟାୟ ଓ ସତ୍ୟାଚରଣ ଯୁକ୍ତ ହେବା ।

୨. ପରସ୍ପର ପ୍ରୀତି ପୂର୍ବକ ଚଳିବା ।

୩. ନିଜର ଜ୍ଞାନକୁ ସର୍ବଦା ବୃଦ୍ଧି କରି ଚାଲିବା ।

୪. ଧର୍ମାତ୍ମା-ବିଦ୍ୱାନଙ୍କ ସଙ୍ଗ ଲାଭ କରି ଶୁଭ କର୍ମ କରିବା ।

୫. ସତ୍ୟ-ଅସତ୍ୟର ବିଚାର ସମ୍ମିଳିତ ଭାବରେ କରିବା ।

୬. ସମସ୍ତଙ୍କ ସହ ସତ୍ୟାଚରଣ କରିବା ।

୭. ସମସ୍ତ ଜୀବଙ୍କର କଲ୍ୟାଣ ନିମନ୍ତେ ପୁରୁଷାର୍ଥ କରିବା ।

୮. ପ୍ରଭୁଙ୍କ ଆଜ୍ଞା(ବେଦ)ର ଅନୁକୂଳ ଆଚରଣ କରିବା ।

୯. ନିଜର ଅନ୍ତଃକରଣକୁ ଶୁଦ୍ଧ ଓ ପବିତ୍ର ରଖିବା ।

୧୦. ମିଥ୍ୟା ଆଚରଣରୁ ଦୂରେଇ ରହିବା ।

୧୧. ନିଜର ସୁଖ ବୃଦ୍ଧିର ସାଧନର ଚିନ୍ତନ କରିବା, କିନ୍ତୁ କାହାକୁ ଦୁଃଖ ଦେଇ ନୁହେଁ ।

୧୨. ସତ୍ୟାଚରଣରେ ଈଶ୍ୱରଙ୍କର ସହାୟତା କାମନା କରିବା ।

୧୩. ନିଜର ବସ୍ତୁର ହିଁ ବ୍ୟବହାର ବା ଉପଯୋଗ କରିବା ।

୧୪. ବୀର୍ଯ୍ୟ ଆଦି ଧାତୁର ଶୁଦ୍ଧି ଓ ରକ୍ଷାକରିବା ।

୧୫. ପରୋପକାର କରି ନିଜର ଯଶ ବଢ଼ାଇବା ।

୧୬. ସାତ୍ତ୍ୱିକ ଭୋଜନ ଗ୍ରହଣ କରିବା ଏବଂ ସ୍ୱଚ୍ଛ ପୋଷାକ ପରିଧାନ କରିବା ।

୧୭. ଶରୀରକୁ ସୁସ୍ଥ ଓ ପବିତ୍ର ରଖିବା ।

୧୮. ଆଳସ୍ୟ ଓ ପ୍ରମାଦଠାରୁ ଦୂରେଇ ରହିବା ।

୧୯. ଗୁରୁଜନ ଅର୍ଥାତ୍ ମାତା, ପିତା, ଆଚାର୍ଯ୍ୟ, ଅତିଥି, ବିଦ୍ୱାନ୍, ଧର୍ମାତ୍ମାମାନଙ୍କର ସେବା କରିବା ।

୨୦. ତପସ୍ୟା ପୂର୍ବକ ଜୀବନ ନିର୍ବାହ କରିବା ।

୨୧. ଦାନ ଦେବା ଓ ଯଜ୍ଞ କରିବା ।

୨୨. ବ୍ରହ୍ମଙ୍କର ଉପାସନା ଦ୍ୱାରା ମୋକ୍ଷ ପ୍ରାପ୍ତ କରିବା ।

❖❖❖

## ଦୁଃଖ ପ୍ରକାଶ

'ଶ୍ରୁତିସୌରଭ' ସମ୍ପର୍କରେ ଭୁବନେଶ୍ୱରରୁ ପ୍ରାପ୍ତ ସୂଚନା ଅନୁଯାୟୀ ସେପ୍ଟେମ୍ବର-ଅକ୍ଟୋବର, ୨୦୧୫ରେ ପ୍ରଥମ ସଂଖ୍ୟା ପ୍ରକାଶିତ ହୋଇଥିଲା । ତା'ର ଏକ ନକଲ ଅକ୍ଟୋବର ମାସରେ ପଞ୍ଜିକରଣ ପାଇଁ ଦିଲ୍ଲୀର ତତ୍ସମ୍ବନ୍ଧୀୟ କାର୍ଯ୍ୟାଳୟକୁ ପଠାଯାଇଥିଲା । କିନ୍ତୁ ଦିଲ୍ଲୀରୁ ସୂଚନା ଆସିଲା ନଭେମ୍ବର-ଡିସେମ୍ବର, ୨୦୧୫ ସଂଖ୍ୟାକୁ ପ୍ରଥମ ସଂଖ୍ୟା ରୂପେ ପୁନଃ ପ୍ରକାଶନ ପାଇଁ । ଏଣୁ ସରକାରୀ ଆବଶ୍ୟକତା ମୁତାବକ ନଭେମ୍ବର-ଡିସେମ୍ବର ସଂଖ୍ୟାକୁ ପ୍ରଥମ ସଂଖ୍ୟା କରି ଛାପି ପଞ୍ଜିକରଣ ପାଇଁ ପଠାଗଲା । ପଞ୍ଜିକରଣ ଜନିତ ବ୍ୟବସ୍ଥା ଯୋଗୁଁ ଜାନୁଆରୀ-ଫେବ୍ରୁଆରୀ ସଂଖ୍ୟା ଦ୍ୱିତୀୟ ସଂଖ୍ୟା ରୂପେ ପ୍ରକାଶ କରାଯାଉଛି । ଅନିଚ୍ଛାକୃତ ବିଳମ୍ବ ପାଇଁ ଆମେ ଦୁଃଖିତ ।

– **ସମ୍ପାଦକ**

# ଅନ୍ତିମ ସଂସ୍କାରର ସ୍ୱରୂପ

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ର.କ.** — ଅନ୍ତିମ ସଂସ୍କାରର ସ୍ୱରୂପ କ'ଣ ?

**ସ୍ୱାମୀଜୀ** — 'ସଂସ୍କାର' ଶବ୍ଦର ଅର୍ଥ ହେଉଛି ପରିଷ୍କାର । ସଂସ୍କାର କରିବା ମାନେ ସଫା କରିବା, ପରିଷ୍କାର କରିବା, ତା'ର ଗୁଣ ବଢ଼େଇବା । ଋଷିମାନେ ମଣିଷର ଆତ୍ମା, ମନ, ଶରୀର ଏ ତିନୋଟିକୁ ସଫା କରିବା ପାଇଁ, ଉନ୍ନତ କରିବା ପାଇଁ ଷୋହଳଟି ସଂସ୍କାରର ବିଧାନ କରିଛନ୍ତି । ଷୋହଳ ସଂସ୍କାର ଭିତରୁ ଅନ୍ତିମ ସଂସ୍କାର, ଶେଷ ସଂସ୍କାର ହେଉଛି 'ଅନ୍ତ୍ୟେଷ୍ଟି ସଂସ୍କାର' । ଅନ୍ତ୍ୟେଷ୍ଟି = ଅନ୍ତ୍ୟ + ଇଷ୍ଟି । ଅନ୍ତ୍ୟ ଶବ୍ଦର ଅର୍ଥ ଶେଷ, ଇଷ୍ଟି ଶବ୍ଦର ଅର୍ଥ ଯଜ୍ଞ । ତେଣୁ ଅନ୍ତ୍ୟେଷ୍ଟି ଶବ୍ଦର ଅର୍ଥ ହେଲା ମନୁଷ୍ୟ ଶରୀରରେ କରାଯାଉଥିବା ଅନ୍ତିମ ଯଜ୍ଞ । ଧ୍ୟାନ ଦିଅନ୍ତୁ, ଗୋଟିଏ ଶରୀର ପାଇଁ ଯେତେ ସଂସ୍କାର କରାଯାଏ, ସବୁ ସେହି ବ୍ୟକ୍ତି କରେ ନାହିଁ । କିଛି ସଂସ୍କାର ମାତା-ପିତା ସନ୍ତାନ ପାଇଁ କରନ୍ତି; ଯେମିତି କି ସନ୍ତାନଟିଏ ମା' ଗର୍ଭକୁ ଆସିବା ପୂର୍ବରୁ, ଗର୍ଭରେ ଥିବା ସମୟରେ ଓ ତା'ର ବାଲ୍ୟାବସ୍ଥାରେ ଯେଉଁ ସଂସ୍କାରଗୁଡ଼ିକ କରାଯାଏ । ପ୍ରାୟତଃ ଉପନୟନ, ବେଦାରମ୍ଭ ବି ଅନ୍ୟମାନେ କରାନ୍ତି । ମଣିଷ ନିଜ ଇଚ୍ଛାରେ କରିବା ସଂସ୍କାର ହେଲା ବିବାହ, ବାନପ୍ରସ୍ଥ ଓ ସନ୍ନ୍ୟାସ ।

ପୂର୍ବରୁ ମୁଁ କହିଲି, ଅନ୍ତ୍ୟେଷ୍ଟି ସଂସ୍କାର ହେଲା ଶେଷ ସଂସ୍କାର ଅର୍ଥାତ୍ ମନୁଷ୍ୟ ଶରୀର ସହିତ ସମ୍ବନ୍ଧିତ ଅନ୍ତିମ ଯଜ୍ଞ । ଏହାକୁ 'ପୁରୁଷମେଧ', 'ନରମେଧ' ବୋଲି ମଧ୍ୟ କହନ୍ତି । ବହୁତ ଲୋକ ଯେଉଁ କଥା କହନ୍ତି ଯେ 'ଅତୀତରେ ନରମେଧ ଯଜ୍ଞ କରାଯାଉଥିଲା, ଯଜ୍ଞରେ ମଣିଷକୁ ବଳି ଦିଆଯାଉଥିଲା' ଇତ୍ୟାଦି । ସେମାନେ ନରମେଧ ବା ପୁରୁଷମେଧର ଯଥାର୍ଥ ଅର୍ଥ ବୁଝିନାହାନ୍ତି । ତେଣୁ ସେପରି କହନ୍ତି । **'ମେଧୃ ସଂଗମନେ'** ଧାତୁରୁ ମେଧ ଶବ୍ଦର ଉତ୍ପତ୍ତି । ମେଧ ଶବ୍ଦର ଅର୍ଥ ହେଉଛି ସଙ୍ଗମ କରିବା ଅର୍ଥାତ୍ ପବିତ୍ରତା ପୂର୍ବକ ମିଶାଇ ଦେବା । ଚିତାରେ ଘୃତ ଏବଂ ହବନ-ସାମଗ୍ରୀର ଆହୁତି ଦେଇ ମୃତ ଶରୀରକୁ ଧୀରେ-ଧୀରେ ପଞ୍ଚଭୂତରେ ବିଲୀନ କରିଦେବାର ନାମ ହେଉଛି ନରମେଧ । ନର ବା ପୁରୁଷ ଅର୍ଥାତ୍ ମନୁଷ୍ୟ ସହ ସମ୍ବନ୍ଧିତ ବୃହତ୍ତର ଯାଗ ହୋଇଥିବାରୁ ଏହାକୁ 'ନରଯାଗ' ବା 'ପୁରୁଷଯାଗ' କହନ୍ତି ।

ତେଣୁ ଅନ୍ତ୍ୟେଷ୍ଟି କୁହନ୍ତୁ, ନରମେଧ କୁହନ୍ତୁ କି ନରଯାଗ କୁହନ୍ତୁ - ଏକା କଥା । ମନୁଷ୍ୟ ଶରୀର ସହିତ ସମ୍ବନ୍ଧିତ ଅନ୍ତିମ କର୍ମ, ଅନ୍ତିମ ଯଜ୍ଞ । ଶରୀରରୁ ଆତ୍ମା ଚାଲିଯିବା ପରେ ଶରୀରକୁ ବିଧିପୂର୍ବକ ଦାହ କରିବା, ଏ ଶରୀରକୁ ଦୁର୍ଗନ୍ଧ ହେବାକୁ ଛାଡ଼ି ନ ଦେଇ ପଞ୍ଚଭୂତରେ ମିଶାଇ ଦେବା ।

**ପ୍ର.କ.**— ଆଚ୍ଛା । ଯେତେବେଳେ ଶବ ନିଆଯାଏ ସେତେବେଳେ ତା' ଉପରେ ଗୋଟିଏ ଧଳା କନା ଘୋଡ଼ା ହୋଇଥାଏ, ଗୋଟିଏ ପାତ୍ର କି ପାଳ ଦଉଡ଼ିରେ ନିଆଁ ଥାଏ, କୋକେଇ ଆଗରେ ଖଇ, କଉଡ଼ି, ପଇସା ପକାଯାଉଥାଏ, 'ରାମ ନାମ ସତ୍ୟ ହୈ' ଆଦି ଉଚ୍ଚାରଣ କରାଯାଉଥାଏ । ଏ ସବୁ କଥା କାହିଁକି କରାଯାଏ ?

**ସ୍ୱାମୀଜୀ** — ପ୍ରକୃତିରେ ତିନୋଟି ବସ୍ତୁ ଅଛି- ସତ୍ତ୍ୱ, ରଜ ଓ ତମ । ଉପନିଷଦରେ କୁହାଯାଇଛି - **'ଅଜାମେକାଂ ଲୋହିତଶୁକ୍ଳକୃଷ୍ଣାମ୍ ।'** ସତ୍ତ୍ୱର ରଙ୍ଗ ଧଳା, ରଜର ଲାଲ ଓ ତମର କଳା । ଶବ ଉପରେ ଧଳା ବସ୍ତ୍ରଟିଏ ଘୋଡ଼ାଇ ଦିଆଯାଏ । କାରଣ ଧଳା ବସ୍ତ୍ର ହେଉଛି ସାତ୍ତ୍ୱିକତାର ପ୍ରତୀକ । ସାତ୍ତ୍ୱିକତା ମନକୁ ସ୍ଥିରତା ଦିଏ, ଶାନ୍ତି ଦିଏ,

ଅନ୍ତର୍ମୁଖୀ କରେ । ଆମେ ଯେଉଁ ପ୍ରକାର ପଦାର୍ଥ ଦେଖୁ, ସେଇ ପ୍ରକାର ବିଚାର ଆମ ମନକୁ ଆସେ । ଆପଣ ଯଦି ଗୋଟିଏ ଛିଟ କନା ଦେଖିବେ, ରଙ୍ଗୀନ କନା ଦେଖିବେ, ଚମକଦାର ବସ୍ତ୍ର ଦେଖିବେ ଆପଣଙ୍କ ମନରେ ରାଜସିକ ବିଚାର ଆସିବ । ରାଜସିକ ବିଚାରେ ଆକର୍ଷଣ, ଅହମିକା ଉତ୍ପନ୍ନ କରେ । ତେଣୁ ଏସବୁ ସ୍ଥିତିରେ ଆକର୍ଷଣୀୟ ବସ୍ତ୍ର ପରିଧାନ ବି କରାଯାଏ ନାହିଁ । ଅନ୍ୟମାନେ ବି ପ୍ରାୟତଃ ଧଳା ବସ୍ତ୍ର ପିନ୍ଧନ୍ତି । ଏହାର ଅର୍ଥ ହେଉଛି- ଏହାଦ୍ୱାରା ଆମ ଭିତରେ ଗୋଟିଏ ବୈରାଗ୍ୟର ଭାବନା ଆସୁ, ସାତ୍ତ୍ୱିକ ଭାବନା ଆସୁ । ସେଇଥିପାଇଁ କରାଯାଏ ।

ଆପଣ ପଚାରିଲେ- "ନିଆଁ କାହିଁକି ନିଆଯାଏ" ? ଆଜିକାଲି ନିଆଁ ନେବାର କିଛି ଆବଶ୍ୟକତା ନାହିଁ । ଅତୀତରେ ଆବଶ୍ୟକତା ଥିଲା । ଶ୍ମଶାନରେ ଆମେ ଅନ୍ତ୍ୟେଷ୍ଟି କରିବା, ଚିତାରେ ଅଗ୍ନି ସଂଯୋଗ କରିବା । ତେଣୁ ଅଗ୍ନି ଦରକାର । ଦିନ ଥିଲା ଦିଆସିଲି ନଥିଲା ଆମ ସାଙ୍ଗରେ । ଦ୍ୱିତୀୟରେ ବର୍ଷା ଦିନ ଯଦି ହୋଇଥିବ, ଅନେକ ସମୟରେ ଦିଆସିଲି ମାରୁଥିବେ ଅଥଚ ଜଳୁନଥିବ । ଅନ୍ତ୍ୟେଷ୍ଟି କରିବେ କେମିତି ? ସେଥିପାଇଁ ଘରୁ ହିଁ ନିଆଁ ନେଇ ଯାଉଥିଲେ । କୁଟା ମଧ୍ୟ ସାଙ୍ଗରେ ନେଇ ଯାଉଥିଲେ । କାରଣ କୁଟାରେ ନିଆଁ ଲଗେଇ ଦେଲେ ଚିତାରେ ଶୀଘ୍ର ନିଆଁ ଧରିଯିବ । ଯେହେତୁ ଅନ୍ତ୍ୟେଷ୍ଟି ପାଇଁ ଅଗ୍ନିର ଆବଶ୍ୟକତା ଅଛି ଓ ଅନ୍ୟ ଉପାୟରେ ନିଆଁ ଉପଲବ୍ଧ ନ ହେଲେ ଅସୁବିଧା, ତେଣୁ ସୁରକ୍ଷା ଦୃଷ୍ଟିରୁ ଘରୁ ନିଆଁ ନେଇକି ଯାଆନ୍ତି । ପାଳ ଦଉଡ଼ିରେ ନିଆଁ ନେଲେ ସେଥିରେ ଜଳି ରହିଥିବ, ଲିଭିବ ନାହିଁ ଓ ତୁରନ୍ତ ପ୍ରଦୀପ୍ତ ବି କରିହେବ ।

ଏ ଯେଉଁ ଖଇ ଫିଙ୍ଗିବା କଥା, ପଇସା ଫିଙ୍ଗିବା କଥା ପଚାରିଲେ ଏହା ଠିକ୍ କର୍ମ ନୁହେଁ ।

**ପ୍ର.କ.**— ଠିକ୍ ନୁହେଁ ନା ?

**ସ୍ୱାମୀଜୀ** — ନା । କାରଣ, ଜଣେ କୃଷକ ବହୁତ ପରିଶ୍ରମ କରି ଶସ୍ୟ ଉତ୍ପାଦନ କରେ । ଖରା, ବର୍ଷା, ଶୀତ ସହି ସେ ଧାନ ଉତ୍ପନ୍ନ କରେ । ଧାନରୁ ଖଇ ତିଆରି ହୁଏ । ତାକୁ ଯଦି ଆମେ କୌଣସି ଭଲ ଜାଗାରେ ବିଞ୍ଚିଲେ, ପଶୁ-ପକ୍ଷୀ ବି ଖାଇଲେ । କିନ୍ତୁ ଶବ ଉପରକୁ ଫୋପାଡ଼ିଲେ ତାହା ତଳେ ପଡ଼େ, ପଛରେ ଆସୁଥିବା ଲୋକେ ତାକୁ ମାଡ଼ିକି ଆସନ୍ତି । ତାହା କୌଣସି ପଶୁ-ପକ୍ଷୀ ଆଉ ଖାଇପାରନ୍ତି ନାହିଁ । ଅଯଥା ନଷ୍ଟ ହୁଏ । ତା' ଅପେକ୍ଷା ଆପଣ ତାହା କୌଣସି ପକ୍ଷୀଙ୍କୁ ଖାଇବାକୁ ଦେଲେ ସେମାନେ ଖାଇପାରନ୍ତେ । ତାହା ବଳିବୈଶ୍ୱଦେବ ଯଜ୍ଞ ହୁଅନ୍ତା । ଏହା ଠିକ୍ ହୋଇଥାନ୍ତା । କିନ୍ତୁ ବର୍ତ୍ତମାନ ଯେଉଁ ଶବ ଉପରକୁ ଫୋପାଡୁଛନ୍ତି, ତଳେ ପଡୁଛି ଓ ତା' ଉପରେ ଲୋକେ ଚାଲିକି ଯାଉଛନ୍ତି, ଅଯଥା ନଷ୍ଟ ହେଉଛି ।

ଆଉ ରହିଲା ପଇସା ଫୋପାଡ଼ିବା କଥା । ଏହା ପୂର୍ଣ୍ଣତଃ ଅନୁଚିତ । ହୁଏତ ଲୋକେ କହିପାରନ୍ତି ଯେ ମଲାବେଳକୁ କିଛି ସାଙ୍ଗରେ ଯିବନି, ଜୀବାତ୍ମା କିଛି ନ ନେଇ ଖାଲି ହାତରେ ପଳେଇ ଯାଉଛି — ଏ କଥା ଅନ୍ୟମାନଙ୍କୁ ଜଣାଇବା ପାଇଁ ପଇସା ଫୋପଡ଼ାଯାଏ । କିନ୍ତୁ ତାହା ବି ଠିକ୍ ନୁହେଁ । କାହିଁକି ନା ଆମେ ଦେଖୁଛେ ଯେ, ପଇସା ଯଦି ଆମେ ଫୋପାଡୁଛେ, କିଛି ଲୋକ ତାକୁ ଗୋଟାନ୍ତି । ମଲା ଲୋକ ଯଦି ପଇସା ସାଙ୍ଗରେ ନେଇ ପାରିଲାନି ଏହି କଥା ସଂସାରକୁ ଜଣାଇବା ପାଇଁ ପଇସା ଫୋପଡ଼ାଗଲା, ତେବେ ଏଇ ଯେଉଁ ଲୋକେ ସେ ପଇସା ଗୋଟାଉଛନ୍ତି, ସେମାନେ ବୋଧେ ମଲାବେଳକୁ ସାଙ୍ଗରେ ନେଇ ଯିବେ !

**ପ୍ର.କ.**— କିଛି ଲୋକ ସେ ପଇସାକୁ ରଖନ୍ତି । ସେଇଟା ଶୁଭ ବୋଲି କହନ୍ତି ।

**ସ୍ୱାମୀଜୀ** — ଇଏ ତ ଅନ୍ଧବିଶ୍ୱାସ । ଏଥିରେ ଶୁଭ-ଅଶୁଭ କିଛି ନାହିଁ । ଏକ ତ ପଇସା ହେଉଛି ରାଷ୍ଟ୍ରୀୟ ମୁଦ୍ରା । ତେଣୁ ତା'ର ଅପମାନ କେବେ ମଧ୍ୟ କରିବା ଉଚିତ ନୁହେଁ । ଫୋପାଡ଼ିବା ପାଇଁ ସରକାରଙ୍କ ତରଫରୁ ମୁଦ୍ରା ଛପାଯାଉନାହିଁ । ଅର୍ଥକୁ ସର୍ବଦା ଠିକ୍ ଭାବେ ବିନିଯୋଗ କରିବା ଉଚିତ । ରାସ୍ତାରେ ଫୋପଡ଼ା ଯାଇଥିବା ପଇସାକୁ ଯଦି କେହି ନ ଗୋଟାନ୍ତି ତେବେ ତାହା ନଷ୍ଟ ହେଲା । କିଛି ଲୋକ ତ ଟଣା-ଓଟରା ହୁଅନ୍ତି ପଇସା ଗୋଟାଇବା ପାଇଁ । ଏହା ଦ୍ୱାରା ଆମେ କିଛି ଲୋକଙ୍କୁ ଲୋଭୀ କରୁଛେ । ତା' ଛଡ଼ା ଆପଣ ଯେଉଁ କଥା କହିଲେ

ଯେ, ଆଉ କିଛି ଲୋକ ତ ଶୁଭ ହେବ ବୋଲି ଗୋଟାନ୍ତି । ୟାର ଅର୍ଥ ଏହି କାମ ଦ୍ୱାରା ଆଉ କିଛି ଲୋକଙ୍କ ଅନ୍ଧବିଶ୍ୱାସ ବଢ଼ାଇବାରେ ଆମେ ସହାୟତା କରୁଛେ । ଅତଏବ ପଇସା ଫିଙ୍ଗିବା ଉଚିତ ନୁହେଁ । ଖଇ ବି ଫିଙ୍ଗିବା ଉଚିତ ନୁହେଁ ।

ଶରୀର ନଶ୍ୱର, ସବୁଦିନ ରହିବ ନାହିଁ, ଚଞ୍ଚଳ, କେଉଁ କ୍ଷଣରେ ବି ଜୀବନର ପରିସମାପ୍ତି ଘଟିପାରେ – ଏ ଜ୍ଞାନ ମଣିଷକୁ ପାପରୁ ପୃଥକ୍ କରେ । ଆମେ ଦୀର୍ଘଦିନ ବଞ୍ଚିବା, ସବୁଦିନ ଏ ସଂସାରରେ ବଞ୍ଚିବା – ଏ ଭାବନା ଥିଲେ ମଣିଷ କ'ଣ କରେ ନା, ଆଖିବୁଜି ଅର୍ଥ ଉପାର୍ଜନ କରେ, ଲୁଣ୍ଠନ କରେ, ଶୋଷଣ କରେ । କିନ୍ତୁ ଯେତେ ଅଧିକ ତା' ଭିତରେ ଜ୍ଞାନ ଆସେ ଯେ ଶରୀର ନଶ୍ୱର, ସେତିକି ତା' ଭିତରେ ବୈରାଗ୍ୟ ବଢ଼େ । କମ୍ ସେ କମ୍, ଜଣଙ୍କର ମୃତ୍ୟୁରୁ ଆଉ ଦଶଜଣ ଶିଖନ୍ତୁ, ସଚେତ ହୁଅନ୍ତୁ, ସେମାନେ ସେମାନଙ୍କ ଜୀବନରେ ପଇସା ପଛରେ, ଭୋଗ ପଛରେ ପାଗଳଙ୍କ ଭଳି ନ ଦୌଡ଼ନ୍ତୁ, କିଛି ବୈରାଗ୍ୟ ସେମାନଙ୍କ ଜୀବନରେ ଆସୁ– ସେଇଥିପାଇଁ ସେତେବେଳେ 'ରାମ ନାମ ସତ୍ୟ ହୈ' ଆଦି ଉଚ୍ଚାରଣ କରାଯାଏ । କେଉଁଠି-କେଉଁଠି 'ଓମ୍ ନାମ ସତ୍ୟ ହୈ' ଉଚ୍ଚାରଣ କରାଯାଏ । କାରଣ ବେଦରେ କୁହାଯାଇଛି — **'ଓମ୍ କ୍ରତୋ ସ୍ମର'** (ଯଜୁଃ. ୪୦:୧୫)— ହେ ଜୀବ ! ଓମ୍ ସ୍ମରଣ କର । ଏଣୁ ଆମେ ଶବ ନେଲା ବେଳେ ଉଚ୍ଚାରଣ କରିବା 'ଓମ୍ କ୍ରତୋ ସ୍ମର', 'ଜୀବାତ୍ମା ନିତ୍ୟ ହୈ', 'ଶରୀର ଅନିତ୍ୟ ହୈ', 'ଓମ୍ ନାମ ନିତ୍ୟ ହୈ, ଯେ ସଂସାର ଅନିତ୍ୟ ହୈ','ଜୀବାତ୍ମା ନିତ୍ୟ ହୈ, ଜନ୍ମ-ମୃତ୍ୟୁ ଅନିତ୍ୟ ହୈ' ଇତ୍ୟାଦି । ଯେଉଁ-ଯେଉଁ ବାକ୍ୟ କହିବା ଦ୍ୱାରା ଆମ ଭିତରେ ବୈରାଗ୍ୟର ଭାବନା ଆସିବ ସେହି-ସେହି ବାକ୍ୟ କହିବା ଉଚିତ ।

**ପ୍ର.କ.**— ମୃତ୍ୟୁ ପରେ ଘରେ କ'ଣ କ'ଣ କରାଯିବା ଉଚିତ ?

**ସ୍ୱାମୀଜୀ** — ମୃତ୍ୟୁ ପରେ ଘରେ ଦୁଇ ପ୍ରକାର କର୍ମ କରାଯାଏ । ଗୋଟିଏ ହେଉଛି ତୁରନ୍ତ କରାଯିବା କର୍ମ । ଆଉ ଗୋଟିଏ ହେଉଛି କିଛି ସମୟ ପରେ କରାଯିବା କର୍ମ । ତୁରନ୍ତ କରାଯିବା କର୍ମ କ'ଣ ? ବ୍ୟକ୍ତିର ମୃତ୍ୟୁ ପରେ ଶବକୁ ସ୍ନାନ କରିଦେବା ଉଚିତ । କାରଣ ଯେହେତୁ ଲୋକେ କୋକେଇକୁ କାନ୍ଧେଇ ନେବେ, ଶବ ଦେହରେ ମଳମୂତ୍ର ଆଦି ସଂଲିପ୍ତ ଥାଇପାରେ, ସେମାନଙ୍କୁ ଖରାପ ଲାଗିବ । ତେଣୁ ତାକୁ ଗାଧୁଆ-ପାଧୁଆ କରିଦେବା ଉଚିତ । ଯେତେଶୀଘ୍ର ଶ୍ମଶାନକୁ ନେବେ, ସଂସ୍କାର କରିଦେବେ, ସେତେ ଭଲ । କିନ୍ତୁ ଯଦି ପିଲାମାନେ ଦୂରରେ ରହୁଛନ୍ତି, ସେମାନେ ଆସିବା ଯାଏଁ ପ୍ରତୀକ୍ଷାର ଆବଶ୍ୟକତା ଅଛି, ତେବେ ଉଚିତ ଉପାୟରେ ସୁରକ୍ଷିତ ରଖିବେ । ପୂର୍ବରୁ ମୁଁ କହିଛି ଯେ ଆମ ଋଷିମାନେ ସ୍ୱାସ୍ଥ୍ୟକୁ ଧର୍ମ ସହିତ ଯୋଡ଼ି ଦେଇଥିଲେ । ତେଣୁ ଯେଉଁ ବ୍ୟକ୍ତି ମରିଛନ୍ତି ତାଙ୍କର ଶରୀରରୁ ଯେଉଁ ରୋଗଜୀବାଣୁ ବାହାରୁଥାଆନ୍ତି, ନେବା ଲୋକଙ୍କୁ ସଂକ୍ରମିତ ନ ହୁଅନ୍ତୁ । ସେଇଥିପାଇଁ କୁହାଯାଇଛି ଶବ ଦେହରେ ଚନ୍ଦନ-ହଳଦୀ ବୋଳିଦେବେ । ଚନ୍ଦନ ଦ୍ୱାରା ଦୁର୍ଗନ୍ଧ ଦୂର ହେବ । ଶବ ଦେହରେ ହଳଦୀ ଲଗେଇ ଦେବା ଦ୍ୱାରା ତାଙ୍କ ରୋଗ ଅନ୍ୟକୁ ସଂକ୍ରମିତ ହେବ ନାହିଁ । ଏତିକି କରି ଗୋଟିଏ ବସ୍ତ୍ର ପିନ୍ଧେଇ ଦେବେ । ତା' ପରେ ଶବକୁ କୋକେଇରେ ଶ୍ମଶାନକୁ ନେବେ ।

ସେପଟେ ଶ୍ମଶାନରେ କାଠ ବ୍ୟବସ୍ଥା କରି ଚିତା ପ୍ରସ୍ତୁତ କରି ଦେଇଥିବେ । ଶବ ଶୋଭାଯାତ୍ରା ଶ୍ମଶାନରେ ପହଞ୍ଚିବା ପୂର୍ବରୁ ଅନ୍ତ୍ୟେଷ୍ଟି ପାଇଁ ଘିଅ, ହବନ ସାମଗ୍ରୀ, କର୍ପୂର, ଆଉ ସୁଗନ୍ଧିତ ଦ୍ରବ୍ୟ; ଯଥା – ଝୁଣା, ଗୁଗୁଳ, ଗୁଜୁରାତି, ଲବଙ୍ଗ ଆଦି ବ୍ୟବସ୍ଥା କରି ଦେଇଥିବେ ।

**ପ୍ର.କ.**— ଏ ସବୁର ଆବଶ୍ୟକତା କ'ଣ ?

**ସ୍ୱାମୀଜୀ** — ଶବକୁ ଯେତେବେଳେ ପୋଡ଼ାଯାଏ ସେଇଠୁ ଦୁର୍ଗନ୍ଧ ବାହାରେ । ଚୁଟିଗୁଡ଼ିକ ଯେତେବେଳେ ପୋଡ଼େ, ଚର୍ମ, ମାଂସ, ହାଡ଼ ଗୁଡ଼ିକ ପୋଡ଼େ ତ ଦୁର୍ଗନ୍ଧ ବାହାରେ । ସେ ଦୁର୍ଗନ୍ଧ ପରମାଣୁଗୁଡ଼ିକ ଲୋକଙ୍କୁ ଦୁଃଖ ନ ଦେଉ ସେଥିପାଇଁ ଘୃତାଦି ପଦାର୍ଥରେ ଯଜ୍ଞ କରାଯାଏ । ଆମେ ଗୋଟିଏ ଲୋକକୁ ସଂସାରରୁ ବିଦାୟ ଦେଉଛେ । ଉଚିତ ଓ ସୁନ୍ଦର ଭାବରେ ବିଦାୟ ଦେବା । ସୁନ୍ଦର ପରିବେଶକୁ ଶୁଦ୍ଧ ବି ରଖିବା ।

ଅନ୍ତ୍ୟେଷ୍ଟି ସଂସ୍କାର ପାଇଁ ୧୨୧ଟି ବେଦମନ୍ତ୍ରରେ ଆହୁତିର ବିଧାନ ଅଛି । ସେଥିପାଇଁ ଲମ୍ବା ବାଉଁଶରେ ବଡ଼-ବଡ଼ ଚାମଚ ବା ଡଙ୍କି ବାନ୍ଧି ଦେବେ । ଦୂରରୁ ଠିଆ ହୋଇ ସେହି ଡଙ୍କି ବନ୍ଧା ବାଉଁଶ ସାହାଯ୍ୟରେ ସେହି ୧୨୧ଟି ମନ୍ତ୍ର ପଢ଼ି ଆହୁତି ଦେବେ । ଏହା ଦ୍ୱାରା କ'ଣ ହୁଏ କି ? ବାୟୁ ମଣ୍ଡଳ ଶୁଦ୍ଧ ହୁଏ । ଯଦି କୌଣସି ମନ୍ତ୍ର ଜାଣି ନାହାନ୍ତି, ତେବେ **'ଓ୩ମ୍ ଅଗ୍ନୟେ ସ୍ୱାହା'** ମନ୍ତ୍ର ତ ଜାଣିଛନ୍ତି । ଘିଅ ଓ ହବନ ସାମଗ୍ରୀ ନେଇ ଏହି ମନ୍ତ୍ର ଦ୍ୱାରା ବି ସାଧାରଣ ଲୋକମାନେ ଆହୁତି ଦେଇଦେବେ ।

**ପ୍ର.କ.**— ଶ୍ମଶାନରେ ଯେଉଁ ରନ୍ଧା ହୁଏ, ପିଣ୍ଡ ବଢ଼ାଯାଏ, ତା'ର କାରଣ କ'ଣ ?

**ସ୍ୱାମୀଜୀ** — ଏହାର କାରଣ ହେଉଛି ଅବିଦ୍ୟା, ଅଜ୍ଞାନ । ଆପଣଙ୍କୁ ମୁଁ ପଚାରୁଛି, ଆପଣଙ୍କୁ କେବେ କେବେ ଅନ୍ୟମାନଙ୍କଠାରୁ ନିମନ୍ତ୍ରଣ ମିଳେ ଭୋଜନ ପାଇଁ ?

**ପ୍ର.କ.**— ହଁ ।

**ସ୍ୱାମୀଜୀ** — ଯେଉଁଦିନ ଆପଣଙ୍କର ସାରା ପରିବାର ବାହାରକୁ ଖାଇବାକୁ ଯାଆନ୍ତି, ଘରେ କେହି ବି ଖାଇବାର ନଥାଏ, ସେଦିନ କ'ଣ ଆପଣ ଘରେ ରୋଷେଇ କରନ୍ତି ?

**ପ୍ର.କ.**— ନା ।

**ସ୍ୱାମୀଜୀ** — କେଉଁ ଦିନ ରୋଷେଇ କରନ୍ତି ?

**ପ୍ର.କ.**— ଯେଉଁ ଦିନ ଆମେ ସମସ୍ତେ ଖାଉ ।

**ସ୍ୱାମୀଜୀ** — ସମସ୍ତେ ଖାଆନ୍ତୁ କି ଜଣେ ବି ଖାଆନ୍ତୁ, କେହି ଖାଇବାର ଥିଲେ ହିଁ ରୋଷେଇ କରନ୍ତି, ନ ଖାଇବାର ଥିଲେ ରୋଷେଇ କରନ୍ତିନି । ମୁଁ ପୁଣି ପଚାରୁଛି- ବ୍ୟକ୍ତିକୁ କେତେବେଳେ ଶ୍ମଶାନକୁ ନିଆଯାଏ ?

**ପ୍ର.କ.**— ଯେତେବେଳେ ସେ ମରିଯାଏ ।

**ସ୍ୱାମୀଜୀ** — ମରିଗଲା ବୋଲି ଆମେ କେତେବେଳେ କହୁ ? ଯେତେବେଳେ ସେ ଡାକିଲେ ଶୁଣେନି, କଥା କହେନି, ଉତ୍ତର ଦିଏନି, ଖାଏନି, ଚାଲେନି, ବୁଲେନି, ତା'ର ଶ୍ୱାସ- ପ୍ରଶ୍ୱାସ ବି ଚାଲେନି ଇତ୍ୟାଦି ।

ବର୍ତ୍ତମାନ ବିଚାର କରିବା କଥା - ଯେଉଁ ଲୋକ ଘରେ ପରିଷ୍କାର ସ୍ଥାନରେ ସୁନ୍ଦର ଥାଳିରେ ପାଞ୍ଚ ପ୍ରକାର ବ୍ୟଞ୍ଜନ ଦିଆହେଲା ପରେ ବି ଖାଇଲେନି, ତାଙ୍କର ଖାଇବା ଶକ୍ତି ନାହିଁ, ଶ୍ୱାସ-ପ୍ରଶ୍ୱାସ ଚାଲୁନି ବୋଲି ଆମେ ତାଙ୍କୁ ଦଉଡ଼ିରେ ବାନ୍ଧି ଶ୍ମଶାନକୁ ନେଲେ, ସେହି ଲୋକ ଶ୍ମଶାନରେ ଅପରିଷ୍କାର ବାଲି ଉପରେ କଞ୍ଚା-ସିଝା, ନୂଆ ହାଣ୍ଡିରେ ଦରଫୁଟା ଚାଉଳ ଖାଇବେ ?

**ପ୍ର.କ.**— ନା, ସେ ତ ଖାଇପାରିବେନି ।

**ସ୍ୱାମୀଜୀ** — ଘରେ କେହି ନ ଖାଇବାର ଥିଲେ ଖାଦ୍ୟ ନଷ୍ଟ ହେବାର ଜାଣି ମଧ୍ୟ ରୋଷେଇ କରିବା ଲୋକକୁ ଯେମିତି ମୂର୍ଖ ବୋଲି କୁହାଯାଏ, ଶ୍ମଶାନରେ କେହି ଖାଉ ନଥିଲେ ମଧ୍ୟ ରୋଷେଇ କରିବା ଲୋକଙ୍କୁ ମହାମୂର୍ଖ ବୋଲି କୁହାଯାଏ । ଅତଃ ଶ୍ମଶାନରେ ଯେଉଁ ରୋଷେଇ କରାଯାଏ, ତାହାର କାରଣ ହେଲା ବିଶୁଦ୍ଧ ମୂର୍ଖତା । ଏହାର ଅନ୍ୟ କିଛି କାରଣ ନାହିଁ ।

**ପ୍ର.କ.**— ପିତା କାହିଁକି ଖାଆନ୍ତି ?

**ସ୍ୱାମୀଜୀ** — ମରିବା ପରେ ଶରୀର ତୁରନ୍ତ ସଢ଼ିବାକୁ ଆରମ୍ଭ କରେ, ପଚିବାକୁ ଆରମ୍ଭ କରେ । ଆପଣ ଦେଖିଥିବେ - ମୃତ ବ୍ୟକ୍ତିଙ୍କ ନାକରେ ତୁଳା ବି ଲଗାଯାଇଥାଏ । ପାଟିରେ ବି ତୁଳା ଲଗେଇ ବନ୍ଦ କରି ଦିଆଯାଇଥାଏ । ଏଇଥିପାଇଁ ଯେ, ପ୍ରଥମ କଥା ହେଲା ଶରୀର ଭିତରେ ଥିବା ରୋଗ ଜୀବାଣୁ ବାୟୁମଣ୍ଡଳରେ ନ ମିଶୁ ଏବଂ ଅନ୍ୟକୁ ଆକ୍ରାନ୍ତ ନ କରୁ ।

ଦ୍ୱିତୀୟ କାରଣ ହେଲା - ଯେତିକି ବାୟୁ ମୃତ ଶରୀର ଭିତରକୁ ପଶେ, ସେତେ ଶୀଘ୍ର ସେ ସଢ଼ିବାକୁ ଆରମ୍ଭ କରେ । କାରଣ ବାୟୁମଣ୍ଡଳରେ ଥିବା ଜୀବାଣୁ ଶରୀରକୁ ଶୀଘ୍ର ସଢ଼ାଇ ଚାଲନ୍ତି । ଆମେ କୌଣସି ବସ୍ତୁକୁ ଯେତେବେଳେ ପୂର୍ଣ୍ଣତଃ ନିବୁଜ କରି ରଖିଦେଉ ତାହା ବେଶୀ ଦିନ ସୁରକ୍ଷିତ ରହେ । ଆଉ ଯଦି ବାୟୁ ଯାଏ, ଯେହେତୁ ବାୟୁରେ ଜୀବାଣୁ ବି ଥାଆନ୍ତି, ତେଣୁ ପୋକ ହୋଇଯାଆନ୍ତି । Air tight ରେ ଯେଉଁ ଜିନିଷ ରହେ ସେହି ପଦାର୍ଥ ନ ସଢ଼ି ବହୁତ ସମୟ ପର୍ଯ୍ୟନ୍ତ ରହେ ।

ତେଣୁ ଶବର ନାକ ବନ୍ଦ କରିଦିଅନ୍ତି । ଜଲ୍‌ଦି ନ ସଢ଼ି ଯାଉ, ଦୁର୍ଗନ୍ଧ ନ ହେଉ, ରୋଗଜୀବାଣୁ ଚାରିଆଡ଼େ ନ ବ୍ୟାପିଯାଆନ୍ତୁ ଇତ୍ୟାଦି କାରଣରୁ ।

ତଥାପି ମୃତ ଶରୀର ସମ୍ପର୍କରେ ଆସିଲେ କିଛି ରୋଗ ଜୀବାଣୁ ତ ସଂକ୍ରମିତ ହେବାର ସମ୍ଭାବନା ଥାଏ ସେମାନଙ୍କୁ, ଯେଉଁମାନେ କି ଶବକୁ କାନ୍ଧେଇକି ନିଅନ୍ତି, ଯେଉଁମାନେ କୋକେଇରୁ ଉଠେଇ ନେଇ ଚିତାରେ ରଖନ୍ତି । ତା' ଛଡ଼ା ଯେଉଁମାନେ ଶ୍ମଶାନ ସ୍ଥାନକୁ ଯାଇଥାନ୍ତି ସେମାନଙ୍କୁ ମଧ୍ୟ ରୋଗଜୀବାଣୁ ସଂକ୍ରମଣର ସମ୍ଭାବନା ଥାଏ । ଯେହେତୁ କି ଶ୍ମଶାନ ବି ବହୁତ ଅପରିଷ୍କାର ସ୍ଥାନ ଥାଏ । ଏଣୁ ଋଷିମାନେ କ'ଣ କରିଥିଲେ ନା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କଥାଗୁଡ଼ିକୁ ସିଧା ସ୍ୱାସ୍ଥ୍ୟ ସହ ସମ୍ବନ୍ଧିତ ବୋଲି ନ କହି ସେ ସବୁକୁ ଧର୍ମ ଭିତରେ ଯୋଡ଼ି ଦେଇଥିଲେ; ଯେହେତୁ କି ଶାସ୍ତ୍ରରେ କୁହାଯାଇଛି — **'ଶରୀରମାଦ୍ୟଂ ଖଲୁ ଧର୍ମସାଧନମ୍ ।'** ସେମାନେ କହିଲେ ପିତା ଖାଇବା ଧର୍ମ । ହଳଦୀ ପାଣିରେ ଧୋଇବା ଧର୍ମ । ନିମ୍ବ ଓ ହଳଦୀ ଏ ଦୁଇଟି ଯାକ ହେଲା ଜୀବାଣୁ-ପ୍ରତିରୋଧକ (ଆଣ୍ଟି ବାୟୋଟିକ୍) । ଯଦି ଆପଣ ନିମ୍ବ, ହଳଦୀ ଖାଇବେ, ଏଥିରେ ଧୋଇହେବେ ରୋଗ ପ୍ରତିରୋଧ କ୍ଷମତା ବଢ଼ିବ, ରୋଗଜୀବାଣୁ ସଂକ୍ରମଣରୁ ସୁରକ୍ଷିତ ରହିବେ । ତେଣୁ ଯେଉଁମାନେ ଶ୍ମଶାନକୁ ଯାଇଛନ୍ତି ସେମାନଙ୍କୁ ରୋଗଜୀବାଣୁ ଆକ୍ରାନ୍ତ ନ କରୁ, ସେମାନେ ରୋଗଗ୍ରସ୍ତ ନ ହୁଅନ୍ତୁ, ଏଇଥିପାଇଁ ନିମ୍ବ, ହଳଦୀ ଆଦିର ବ୍ୟବହାର କରାଯାଏ । ପିତା ଖାଇବାର ଏହା ପ୍ରମୁଖ କାରଣ । ଏହା ଛଡ଼ା ଆଉ କୌଣସି ବିଶେଷ କାରଣ ନାହିଁ ।

**ପ୍ର.କ.**— ମୃତ୍ୟୁର ପରେ ପରେ ଘରେ କରାଯିବା କର୍ମ ବିଷୟରେ ତ ଆମେ ଆଲୋଚନା କଲେ । କିନ୍ତୁ କିଛି ସମୟ ପରେ କରାଯିବା କର୍ମ ବିଷୟରେ ଆଲୋଚନା ରହିଗଲା । ଆପଣ କହିନାହାନ୍ତି ।

**ସ୍ୱାମୀଜୀ** — ତୁରନ୍ତ କରାଯିବା କର୍ମ ବିଷୟରେ ମୁଁ କହିଥିଲି । ଦ୍ୱିତୀୟ ଭାଗ ହେଲା ଶବକୁ ଦାହ କରିସାରିବା ପରେ କ'ଣ କରାଯିବ ? ଯେତେବେଳେ ଆମେ ଶବକୁ ଦାହ କରି ସାରିଲେ, ସମସ୍ତେ ଘରକୁ ପଳେଇ ଆସିଲେ, ବସ୍ତ୍ର ପ୍ରକ୍ଷାଳନ କରିଦେଲେ । ବସ୍ତ୍ର ଧୋବା ଧୋଇଲେ ହିଁ ପବିତ୍ର ହେବ, ସେ କଥାର ଯଥାର୍ଥତା ନାହିଁ । ଜୀବାଣୁନାଶକ, ବିଶୋଧକ ଆଦି ପକାଇ ଆପଣ ଭଲ ଭାବେ ଧୋଇ ଦେବେ । ବାସ୍, ବସ୍ତ୍ର ଶୁଦ୍ଧ ହୋଇଗଲା । ବାକି ରହିଲା ସେ ସ୍ଥାନ କଥା, ଯେଉଁ ଘରେ ବ୍ୟକ୍ତିର ମୃତ୍ୟୁ ହୋଇଥିଲା । ସେ ଘରେ ରୋଗଜୀବାଣୁ ଥିବେ । ଏଣୁ ସେ ଘରକୁ ପରିଷ୍କାର-ପରିଚ୍ଛନ୍ନ କରିଦେବେ । ଭଲ ଭାବରେ ପରିଷ୍କାର କରିବେ ଯେମିତିକି ରୋଗଜୀବାଣୁ ଦୂର ହୋଇଯିବେ ।

ଦ୍ୱିତୀୟ କଥା, ସବୁଠୁ ବଡ଼ କଥା ହେଲା, ଧୂଆ-ଧୋଇ ପରେ ଆପଣ ତୁରନ୍ତ ସେ ଘରେ ଯଜ୍ଞ କରିବେ, ହୋମ କରିବେ । ସ୍ୱସ୍ତିବାଚନ, ଶାନ୍ତିକରଣ ମନ୍ତ୍ରରେ ହବନ କରିବାର ବିଧି ଅଛି । ଯେହେତୁ ମୃତ ଶରୀର ଅନେକ ସମୟ ଧରି ଘରେ ରହେ ଏବଂ ଅନେକାଂଶରେ ରୋଗରେ ବି ମୃତ୍ୟୁ ହୋଇଥାଏ, ତେଣୁ ଘରର ପରମାଣୁରେ ବି କିଛି ରୋଗ ଜୀବାଣୁଗୁଡ଼ିକ ବ୍ୟାପକ ହୋଇଯାଇଥାନ୍ତି, ପଦାର୍ଥଗୁଡ଼ିକରେ ମିଶିଯାଇଥାନ୍ତି । ଆପଣ ସିନା ଘରଦ୍ୱାର ସଫା-ସୁତୁରା, ଲିପା-ପୋଛା କରିଦେଲେ । ଏହାଦ୍ୱାରା ସ୍ଥୂଳତଃ ସଫା ହୋଇଗଲା । କିନ୍ତୁ ସୂକ୍ଷ୍ମ ପରମାଣୁଗୁଡ଼ିକ ଏହାଦ୍ୱାରା ସଫା ହୁଅନ୍ତି ନାହିଁ । ତା' ପାଇଁ କ'ଣ କରିବାକୁ ପଡ଼େ ? ତା' ପାଇଁ ଔଷଧୀୟ ପଦାର୍ଥ, ସୁଗନ୍ଧିତ ପଦାର୍ଥ ଏବଂ ଘୃତରେ ଯଜ୍ଞ କରିବାକୁ ପଡ଼େ । ଦିନେ, ଦୁଇଦିନ, ତିନିଦିନ ପର୍ଯ୍ୟନ୍ତ ଘରେ ହବନ କରିବାର ଆବଶ୍ୟକତା ରହିଛି । ଆପଣ ଯେତେ ଅଧିକ ଦିନ ଚାହୁଁଛନ୍ତି, ସେତେ ଅଧିକ ଦିନ ପର୍ଯ୍ୟନ୍ତ ଯଜ୍ଞ କରିପାରନ୍ତି । ଯଜ୍ଞ କରିବା ଦ୍ୱାରା ହିଁ ଶୁଦ୍ଧ ହୁଏ ।

**ପ୍ର.କ.**— କିନ୍ତୁ ଅନେକ ଲୋକ କହନ୍ତି- 'ଘରେ ତ ମୃତ୍ୟୁ ଘଟିଛି, ଅଶୌଚ ହୋଇଛି, ୧୧-୧୨ ଦିନ ପର୍ଯ୍ୟନ୍ତ ତ ପୂଜାପାଠ କରିହେବନି ।

**ସ୍ୱାମୀଜୀ** — ସଂସାରରେ ବଡ଼ ବିଚିତ୍ର ଲୋକ ଅଛନ୍ତି । ଲୋକେ ସେପଟେ ଅନ୍ତ୍ୟେଷ୍ଟି ବି ଠିକ୍‌ରେ କରନ୍ତିନି,

କିରୋସିନି ପକେଇ ପୋଡ଼ି ଦିଅନ୍ତି, ଆଉ ଏପଟେ ଭଲ କାମ କରିବାକୁ କହିଲା ବେଳକୁ କେତେ ପେଞ୍ଚ ବାହାର କରନ୍ତି ।

ଲୋକେ ଯେଉଁ କଥା କହନ୍ତି କି ଅଶୌଚ ଅବସ୍ଥାରେ କେମିତି ଯଜ୍ଞ କରିବ ? ଅଶୌଚ ଅବସ୍ଥାରେ ଯଜ୍ଞ କରିପାରିବେନି ବୋଲି କହିବା, ମଇଳା ବସ୍ତ୍ରରେ ସାବୁନ ଲଗେଇ ପାରିବେନି ବୋଲି କହିବା ସଙ୍ଗେ ସମାନ । ଆରେ ବାବା ! ମଇଳା ଲୁଗାପଟାକୁ ସଫା କରିବା ପାଇଁ ତ ସାବୁନ ଦରକାର ପଡ଼େ, ସଫା ଲୁଗା ପାଇଁ କି ? ଅଶୌଚ, ଅପବିତ୍ର, ଅଶୁଦ୍ଧି ରୋଗଜୀବାଣୁ କାରଣରୁ ହୋଇଥାଏ । ତେଣୁ ଯଜ୍ଞ କରିବା ଦ୍ୱାରା ହିଁ ତ ଶୁଦ୍ଧ ହୁଏ । ଯଦି ଯଜ୍ଞ କରୁନାହାନ୍ତି, ତେବେ ୧୦ ଦିନ କ'ଣ ବର୍ଷକରେ ମଧ୍ୟ ଶୁଦ୍ଧ ହେବ ନାହିଁ, ରୋଗଜୀବାଣୁ ସମାପ୍ତ ହେବେ ନାହିଁ । ଆମେ ଯେଉଁ ଆହୁତି ଦେଉ ଘୃତ ଓ ହବନ ସାମଗ୍ରୀରେ, ତଦ୍ୱାରା ଯଜ୍ଞରୁ ଯେଉଁ ବାଷ୍ପ ବା ଧୂମ ନିର୍ଗତ ହୁଏ ତାହା ଜୀବାଣୁନାଶକ, ଦୁର୍ଗନ୍ଧନିବାରକ ଓ କୃମିରୋଧକ । ଏଥିରେ ଅନେକ Phenol ଜାତୀୟ ପଦାର୍ଥ ଥାଏ । ଏଣୁ ଯଜ୍ଞ କରିବା ଅତ୍ୟନ୍ତ ଆବଶ୍ୟକ ।

**ପ୍ର.କ.**— ସ୍ୱାମୀଜୀ ! ଆଉ ଗୋଟିଏ କଥା । ଲୋକମାନେ କହନ୍ତି ଯେ ଦ୍ୱିତୀୟ ଦିନଠୁଁ ଆମେ କାଉକୁ ଖାଇବାକୁ ଦେବା ଉଚିତ । କାଉକୁ ଖାଇବାକୁ ଦେବାର କାରଣ ବିଷୟରେ କିଛି ଲୋକ କହନ୍ତି ଯେ ଯେଉଁ ବ୍ୟକ୍ତି ମରିଗଲେ, ସେ କାଉ ହୋଇ ଆସି ଖାଆନ୍ତି । ଏହାର ସତ୍ୟାସତ୍ୟ କ'ଣ ?

**ସ୍ୱାମୀଜୀ** — ଆଚ୍ଛା ! ଆମେ ଜାଣିଛେ କାଉଟିଏ ପ୍ରଥମେ ଅଣ୍ଡା ଦିଏ, କିଛି ଦିନ ପରେ ଅଣ୍ଡାରୁ ଛୁଆ ଫୁଟେ, ଛୁଆ ଫୁଟିବାର କିଛି ଦିନ ପରେ ତା'ର ଆଖି ଖୋଲେ, ଡେଣା ସାହାଯ୍ୟରେ ଉଡ଼ିବାକୁ ସମର୍ଥ ହେବା ପାଇଁ ତାକୁ ଆଉ କିଛି ଦିନ ଲାଗେ । ଆଜି ଯେଉଁ ବ୍ୟକ୍ତିଟି ମଲେ, ତାଙ୍କ ଆତ୍ମା ଯଦି କାଉ ହୁଏ, ପ୍ରଥମେ କାଉର ଗର୍ଭକୁ ଯିବ, ତା' ପରେ ଅଣ୍ଡା ହୋଇ ବାହାରିବ, ବାହାରିବା ପରେ ଫୁଟି ଛୁଆ ହେବ, ବଡ଼ ହୋଇ ଡେଣା ମଜବୁତ ହେଲେ ଉଡ଼ିବ ।

ମୋର ପ୍ରଶ୍ନ ହେଲା – ଯେଉଁ କାଉଟି ମୃତକର ମୃତ୍ୟୁର ଦ୍ୱିତୀୟ ଦିନ ଉଡ଼ିକି ଆସୁଛି, ଗୋଟିଏ ଦିନ ଭିତରେ ତା'ର ଏସବୁ ପ୍ରକ୍ରିୟା ହୋଇ ଯାଇଥିବ କି ? ଈଶ୍ୱରଙ୍କ ସ୍ୱାଭାବିକ ନିୟମର ଏଇଟା କ'ଣ ବ୍ୟତିକ୍ରମ ? ଏଇଟା କ'ଣ Special case ?

**ପ୍ର.କ.**— ନା, ନା । ପୂର୍ବରୁ ଥିବା, ଉଡ଼ିପାରୁଥିବା ଗୋଟିଏ ବଡ଼ କାଉ ଭିତରେ ଏହି ଆତ୍ମାଟି ପଶି ପଳେଇ ଆସେ ।

**ସ୍ୱାମୀଜୀ** — ଭଗବାନଙ୍କ ବ୍ୟବସ୍ଥା ଅନୁସାରେ ଏ ଶରୀର ହେଲା ଗୋଟିଏ ଘର । ଭଗବାନ ପଠେଇଛନ୍ତି ଗୋଟିଏ ଆତ୍ମାକୁ ଏ ଭିତରକୁ ଏଇଠି ରହିବ, ଏହାଦ୍ୱାରା ତା'ର କର୍ମଫଳ ଭୋଗ କରିବ ବୋଲି ।

ମନେକରନ୍ତୁ ସରକାରଙ୍କ ବ୍ୟବସ୍ଥା ଅନୁସାରେ ଜଣଙ୍କୁ ଗୋଟିଏ ଘର allotment ହେଲା । ସିଏ ସେଇ ଘରେ ରହିବ । ଜଣେ ଥାଇ ଆଉ ଜଣଙ୍କୁ କେମିତି ସେ ଘର allot ହେବ ? କୌଣସି ମୂର୍ଖ ସରକାର, ବୁଦ୍ଧିହୀନ ବ୍ୟବସ୍ଥା ନ ହେଲେ ଜଣଙ୍କୁ allot କରିଥିବା ଘରକୁ କେବେ ବି ଆଉ ଜଣକୁ ଦେବ ନାହିଁ । ହଁ, ଆଉ ଗୋଟିଏ କଥା ହୋଇପାରେ ଯେ ଜୋର-ଜବରଦସ୍ତି ଜଣେ ପଶିଯାଇପାରେ, ସେ ଘରକୁ ଅଧିକାର କରିନେଇପାରେ । କିନ୍ତୁ ସେ ସ୍ଥିତିରେ ବି ମାନିବାକୁ ପଡ଼ିବ ଯେ, ବ୍ୟବସ୍ଥା ଦୁର୍ବଳ ଅଛି । କିନ୍ତୁ ଈଶ୍ୱରଙ୍କ ବ୍ୟବସ୍ଥା ତ ଦୁର୍ବଳ ନୁହେଁ ଯେ ଈଶ୍ୱର ଗୋଟିଏ ଆତ୍ମାକୁ allot କରିଥିବେ ଏବଂ ଅନ୍ୟ ଏକ ଆତ୍ମା ଈଶ୍ୱରଙ୍କ ବ୍ୟବସ୍ଥା ଭାଙ୍ଗି ଜୋର-ଜବରଦସ୍ତି ସେ ଭିତରେ ପଶିଯିବ ।

ମନେକରନ୍ତୁ ନୂଆ ଆତ୍ମା ପୁରୁଣା କାଉ ଦେହରେ ପଶିଲା । ପୂର୍ବରୁ କାଉ ଭିତରେ ଥିବା ଆତ୍ମା ବର୍ତ୍ତମାନ କୁଆଡ଼େ ଯିବ ? ୮-୧୦ ଦିନ ପାଇଁ ପୁରୁଣା ଆତ୍ମାକୁ ସେ କାଉ ଦେହରୁ ବାହାର କରି ନୂଆ ଆତ୍ମାକୁ ରଖାଯିବ ଓ ତା' ପରେ ପୁଣି ପୁରୁଣା ଆତ୍ମାକୁ ସେ ଭିତରେ ପୂରାଯିବ

ନା କ'ଣ ? ଏ ସବୁ କରିବାର ଆବଶ୍ୟକତା କ'ଣ ? ଈଶ୍ୱର କ'ଣ ପାଇଁ ଏଭଳି ସ୍ୱଳ୍ପକାଳୀନ ବ୍ୟବସ୍ଥା କରିବେ ? ଈଶ୍ୱର ମୂର୍ଖ ନା ବୁଦ୍ଧିମାନ୍ ? ତାଙ୍କର ବୁଦ୍ଧିପୂର୍ଣ୍ଣ ବ୍ୟବସ୍ଥା ଅଛି ନା ଅବ୍ୟବସ୍ଥା ?

**ପ୍ର.କ.**— ଈଶ୍ୱର ବୁଦ୍ଧିମାନ୍ । ତାଙ୍କର ସବୁବେଳେ ଉଚିତ ବ୍ୟବସ୍ଥା ।

**ସ୍ୱାମୀଜୀ** — ମଣିଷ ମଲେ ନିଶ୍ଚିତ ରୂପେ କିଛି ଦିନ ପାଇଁ ହେଉ ପଛକେ କାଉ ହେବ– ଏ କଥା ମାନିଲେ ଆଉ ଗୋଟିଏ ପ୍ରଶ୍ନ ଉଠେ । ଭଗବାନ କର୍ମ ଅନୁସାରେ ଫଳ ଦିଅନ୍ତି । ଯେଉଁ ଜୀବାତ୍ମା ଯେପରି ଶୁଭ-ଅଶୁଭ କର୍ମ କରିଥାଏ ତଦନୁସାରେ ଶରୀର ଦିଅନ୍ତି । ଆଉ ସାଧୁ ମଲା ସେ ବି କାଉ, ଚୋର ମଲା - ସେ ବି କାଉ, ଦାନ ଦେବା ଲୋକ ମଲା - ସିଏ ବି କାଉ, ଏବଂ ଦାନ ନେଇଥିବା ଲୋକ ମଲା - ସିଏ ବି କାଉ । ଇଏ କି ବିଚିତ୍ର ନିୟମ ! ଜଣେ ଏତେ ପୁଣ୍ୟ କରିଥିବ, ଦାନ ଦେଇଥିବ, ଧର୍ମ କରିଥିବ, ସାଧନା କରିଥିବ ଫେରେ ବି କାଉ ! ଇଏ ତ ଅନ୍ୟାୟ ହେଲା ସେ ଜୀବାତ୍ମାମାନଙ୍କ ସହ । ପରମପିତା ପରମେଶ୍ୱରଙ୍କ ନ୍ୟାୟବ୍ୟବସ୍ଥା ହେଲା ତା'ର କର୍ମ ଅନୁସାରେ ଗୋଟିଏ ଶରୀର ଦେବେ । ଯେଉଁ ଶରୀର ଦେଲେ ବି ତ ଖାଇ ପାରିବ ନା ? ପାଟି ତ ସବୁ ଶରୀରରେ ଅଛି । ମଣିଷ, ପଶୁପକ୍ଷୀ କାହାର ପାଟି ନାହିଁ? ତେଣୁ ଜଣେ ମଲା ପରେ କାଉ ହୋଇ ହିଁ କାହିଁକି ଆସି ଖାଇବ ?

**ପ୍ର.କ.**— ତା' ମାନେ ଏଇଟା ଯେଉଁ ଲୋକେ କହନ୍ତି ଯେ, ଜଣେ ମଲା ପରେ କାଉ ହୋଇ ଆସେ, ତାହା ଠିକ୍ କଥା ନୁହେଁ ?

**ସ୍ୱାମୀଜୀ** — ନା । ଏହା ବିଶୁଦ୍ଧ ମୂର୍ଖତା । ଈଶ୍ୱରୀୟ କର୍ମଫଳ ସିଦ୍ଧାନ୍ତର ବିରୁଦ୍ଧ କଥା ।

**ପ୍ର.କ.**— ଏସବୁ କଥା ତ ଠିକ୍ । କିନ୍ତୁ ଦଶାହ ସମୟରେ ସମସ୍ତେ ଯାଇ ପୋଖରୀରେ ଗାଧୋଇବା, ଲଣ୍ଡା ହୋଇଯିବା, ନଖ କାଟିବା– ଏସବୁ କ'ଣ ପାଇଁ ?

**ସ୍ୱାମୀଜୀ** — ଋଷିମାନଙ୍କର ଶାସ୍ତ୍ର ଲୋକେ ପଢ଼ିଲେନି । ନ ପଢ଼ିବା କାରଣରୁ ଯେଉଁ 'ବିଲେଇ ବନ୍ଧା ଶ୍ରାଦ୍ଧ' କଥା ସଂସାରରେ ଶୁଣିବାକୁ ମିଳେ, ଲୋକେ ସେଭଳି କରିବାକୁ ଆରମ୍ଭ କଲେ ।

**ପ୍ର.କ.**— କ'ଣ ସେ 'ବିଲେଇ ବନ୍ଧା ଶ୍ରାଦ୍ଧ' ? ଟିକେ କହନ୍ତୁ ।

**ସ୍ୱାମୀଜୀ** — ଗୋଟିଏ ପୌରାଣିକ କାହାଣୀ ଅଛି । ଜଣେ ଲୋକ ପୌରାଣିକ ବିଧି ମତରେ ପିଣ୍ଡଦାନ କରିବାକୁ, ଶ୍ରାଦ୍ଧ କରିବାକୁ ବ୍ୟବସ୍ଥା କରିଥିଲା । ତା' ଘରେ ଗୋଟିଏ ବିରାଡ଼ି ଥିଲା । ବିରାଡ଼ିର ସ୍ୱଭାବ ହେଲା ସବୁରେ ମୁହଁ ମାରିବା । ତେଣୁ ସେ ଲୋକ କ'ଣ କଲା କି, ସେଇ ବିରାଡ଼ିଟିକୁ ଗୋଟିଏ ଖୁଣ୍ଟରେ ବାନ୍ଧି ଦେଇ ପିଣ୍ଡ ବାଢ଼ିଲା । ତା' ପର ବର୍ଷ ପିଣ୍ଡ ଦେବା ଲୋକ ମରିଯାଇଛି । ସଂଯୋଗବଶତଃ ବିରାଡ଼ିଟି ବି ମରିଯାଇଛି । ତାଙ୍କ ପୁଅ ଯେତେବେଳେ ପିଣ୍ଡ ବାଢ଼ିବାକୁ ଆରମ୍ଭ କଲା, ସେ କହିଲା ଆମ ଘରେ ଏଇଟା ଗୋଟିଏ ପରମ୍ପରା ଯେ, ବିରାଡ଼ିଟିକୁ ଖୁଣ୍ଟରେ ବାନ୍ଧିଲେ ହିଁ ପିଣ୍ଡଟେ ବଢ଼ା ହୋଇପାରିବ, ନଚେତ ନାହିଁ । କାରଣ ମୋ ବାପା ବିରାଡ଼ି ବାନ୍ଧିବା ପରେ ହିଁ ପିଣ୍ଡ ବାଢ଼ିବାର ମୁଁ ଦେଖିଛି ।

ଋଷିମାନେ ଶାସ୍ତ୍ରରେ ଘଟଣା ସହିତ, କାର୍ଯ୍ୟ ସହିତ କାରଣକୁ ବି ଲେଖିଛନ୍ତି । ସେ ସବୁ ଉପରେ ଉଚିତ ବିଚାର ନ କରାଯିବା କାରଣରୁ ଅନାବଶ୍ୟକ କର୍ମ କରାଯାଇଥାଏ । କାହିଁକି ଆମେ ଲଣ୍ଡା ହେବା ? କିଏ ଲଣ୍ଡା ହେବାର ଆବଶ୍ୟକତା ଅଛି ? କେତେବେଳେ ଲଣ୍ଡା ହେବାର ଆବଶ୍ୟକତା ଅଛି ?

ଯେଉଁମାନେ ମୃତକ ସହିତ ବହୁତ ସଂସ୍ପର୍ଶରେ ଥିଲେ, ବହୁତ ନିକଟ ସଂପର୍କରେ ଥିଲେ ଏବଂ ସେ ମୃତକ ଗମ୍ଭୀର ସଂକ୍ରାମକ ରୋଗରେ ମରିଯାଇଛନ୍ତି, ସେତେବେଳେ ସେମାନେ ହୁଏତ ବିଚାର କରୁଥିଲେ– 'ମୃତକ ଶରୀରର ରୋଗଜୀବାଣୁ ଆମ ଶରୀରକୁ ସଂକ୍ରମିତ ହୋଇଥାଇପାରେ' । ସେଥିପାଇଁ ବୋଧହୁଏ ସେମାନେ ଲଣ୍ଡା ହୋଇଯାଉଥିଲେ । କିନ୍ତୁ ଆଜିକାଲି ଯେଉଁ ସ୍ଥିତି ଅଛି, ଏହି ସ୍ଥିତିରେ ଅଥବା ବନ୍ଧୁ-ବାନ୍ଧବ ଓ ସନ୍ତାନମାନେ ଦୂରରେ

କୌଣସି ସ୍ଥାନରେ ଅଛନ୍ତି, ଯେଉଁମାନେ କି ମୃତକର ସଂସ୍ପର୍ଶରେ ଆସିନାହାନ୍ତି ସେମାନଙ୍କ ଚୁଟି, ନଖ ସହିତ ମୃତକର କ'ଣ ସଂପର୍କ ? ଆଜି ତ ଉନ୍ନତମାନର ଔଷଧୀୟ ସାମ୍ପୁ ବାହାରିଲାଣି । ଆପଣ ସାମ୍ପୁ କରି ମୁଣ୍ଡ ଧୋଇ ହୋଇପାରିବେ, ନଖକୁ ବି ଭଲଭାବେ ସଫା କରିଦେଇ ପାରିବେ । ନଖକୁ ତ ଆମେ ଏମିତି ୫-୭ ଦିନରେ କାଟୁଛେ । କିନ୍ତୁ ମୁଖ୍ୟ କଥା ହେଲା ଏହା ପଛରେ ଅନ୍ଧବିଶ୍ୱାସ ଅଛି- ଲୋକେ କହିବେ- 'ତା' ବାପା-ମାଆ ମରିଗଲେ - ଲଣ୍ଡା ହେବନି ? ବାପା-ମାଆଙ୍କୁ ଚୁଟି ଟିକିଏ ଦେବନି ? ବାପା-ମାଆଙ୍କ ଆତ୍ମାକୁ ତୃପ୍ତ କରିବନି ?'

କେହି ଟିକିଏ ବୁଦ୍ଧି ଲଗେଇ ବିଚାର ବି କରୁନାହାନ୍ତି ଯେ, ଲଣ୍ଡା କାହିଁକି ହେବା ? ତା' ଛଡ଼ା ପୁଅମାନେ ହିଁ ଚୁଟି କାଟିବେ, ଚୁଟି ଦେବେ ? ଝିଅ-ବୋହୂମାନେ କାହିଁକି ଦେବେ ନି ? ଓହୋ ! ସେମାନେ ଅସୁନ୍ଦର ଦେଖାଯିବେ, ସେଇଥିପାଇଁ ଲଣ୍ଡା ହେବେ ନାହିଁ ?

ମନେକରନ୍ତୁ ଶହ-ଶହ ଲୋକ ଦଶାହ ତୁଠରେ ଚୁଟି-ନଖ ସବୁ ମୃତାତ୍ମାକୁ ଅର୍ପଣ କରିବେ । ଏସବୁ ମୃତାତ୍ମାର କ'ଣ କାମରେ ଲାଗିବ ? ମୋର ପ୍ରଶ୍ନ ହେଲା- ମଣିଷଟିଏ ଖାଇଲା ବେଳକୁ ଯଦି ଖାଦ୍ୟରେ ଗୋଟିଏ ବାଳ ବାହାରେ, ତେବେ ସେ ସେହି ଖାଦ୍ୟ ବାହାର କରି ଦିଏ, ଖାଏନି । ଆଉ ଏତେ ଗୁଡ଼ିଏ ବାଳ, ଯେଉଁଥିରେ କି କିଛି ଉକୁଣି ଥିବେ, କିଛି ନିଖ, କିଛି ରୁପି ଥିବେ, ସେସବୁ ନେଇ ସେ ମୃତାତ୍ମା କ'ଣ କରିବ ? ନଖ-ବାଳ ପାଇ କିପରି ତୃପ୍ତ ହେବ ? ମାଳ କରି ପିନ୍ଧିବ ନା ତରକାରୀ କରି ଖାଇବ ? ଅତଃ ଏଠି ମୃତାତ୍ମା ପାଇଁ ନଖ-ବାଳ କିଛି ଆବଶ୍ୟକ ନାହିଁ । ପରିଷ୍କାର ହେବା ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏକ ଆବଶ୍ୟକ କାର୍ଯ୍ୟ । ଏଥିପାଇଁ ଲଣ୍ଡା ହେବାର କିଛି ଆବଶ୍ୟକତା ନାହିଁ । ଔଷଧୀୟ ସାବୁନ ଆଦି ଦ୍ୱାରା ମୁଣ୍ଡରୁ ଗୋଡ଼ ଯାଏଁ ଭଲ ଭାବେ ଧୋଇ ହେଲେ କାମ ସରିଲା ।

ଆଉ ଗୋଟିଏ ବିଚିତ୍ର କଥା - ଦଶାହରେ ଘରେ ଗାଧୋଇ ପାରିବେନି, ତୁଠରେ ଗାଧୋଇବେ । ପ୍ରକୃତ କଥା କ'ଣ କି ଆଜିକାଲି ଘର-ଘରକୁ ଯେମିତି ଜଳଯୋଗାଣ ବ୍ୟବସ୍ଥା ହେଲାଣି, ଆଗରୁ ସେମିତି ନଥିଲା । ଆଗରୁ ଗାଁ-ଗାଁରେ ପୋଖରୀ ବହୁତ ଥିଲା । ନଦୀ, ନାଳ, ପୋଖରୀ ଆଦି ସାର୍ବଜନୀନ ସ୍ଥାନ ହିଁ ଲୋକମାନଙ୍କର ଶୌଚାଦି କ୍ରିୟା କରିବା ପାଇଁ ସ୍ଥାନ ଥିଲା ଏବଂ ସେଗୁଡ଼ିକ ପରିଷ୍କାର ଥିଲା । ତେଣୁ ସେଇଠି ସ୍ନାନାଦି କରୁଥିଲେ । ସେତେବେଳେ ପୋଖରୀକୁ ପରିଷ୍କାର ରଖିବା ପୁଣ୍ୟ ବୋଲି ଲୋକମାନେ ଭାବୁଥିଲେ, ନଦୀକୁ ପରିଷ୍କାର ରଖିବା ପୁଣ୍ୟ ବୋଲି ଭାବୁଥିଲେ । କିନ୍ତୁ ଆଜି ବୋଧହୁଏ ସବୁଠୁ ଅପରିଷ୍କାର ସ୍ଥାନ ହେଲା ପୋଖରୀ ଓ ନଦୀ । ତେଣୁ ଏଇଠି ଗାଧୋଇବାର ଅର୍ଥ ହେଲା ଅଯଥା ରୋଗକୁ ନିମନ୍ତ୍ରଣ କରିବା । ଏଣୁ ଦଶାହ ତୁଠକୁ ଯାଇ ବହୁତ ଲୋକ ସ୍ନାନ-ଶୌଚ ହେବାକୁ ପଡ଼ିବ ଏ କାର୍ଯ୍ୟ ପୂର୍ଣ୍ଣତଃ ଅନାବଶ୍ୟକ ।

ଯିଏ ଯେଉଁଠି ପାରିବେ ସଫା ପାଣିରେ ଗାଧୋଇବେ । କୌଣସି ପୋଖରୀରେ ବୁଡ଼ିବା ଦରକାର ନାହିଁ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା- ଦଶାହ ତୁଠରେ ବି କିଛି କରିବାକୁ ପଡ଼ିବ ମୃତକ ସମ୍ବନ୍ଧୀୟ ଦଶ ଦିନ କାମ- ଏହା ବି କିଛି ଲୋକଙ୍କ ଧୂର୍ତ୍ତତା ଓ ଅନ୍ୟ କିଛି ଲୋକଙ୍କ ମୂର୍ଖତାରୁ ବାହାରିଛି । ଲୋକେ ଆଖିବୁଜି ଏହାର ଅନ୍ଧାନୁକରଣ କରିଚାଲିଛନ୍ତି ।

**ପ୍ର.କ.**— ଆଚ୍ଛା, ଯେଉଁ ଅନ୍ନଦାନ କରାଯାଏ, ତାକୁ ଆପଣ କ'ଣ କହିବେ ?

**ସ୍ୱାମୀଜୀ** — ଅନ୍ନଦାନ ୨ ପ୍ରକାରେ କରନ୍ତି ମୃତାତ୍ମା ଖାଇବ ବୋଲି । ଗୋଟିଏ ହେଉଛି ଯେଉଁ ପୁରୋହିତ ପ୍ରେତ କର୍ମ କରିବା ପାଇଁ ଆସିଥାଆନ୍ତି, ସେ କହନ୍ତି - ପ୍ରଥମେ ମୃତାତ୍ମା ପ୍ରତିଦିନ ଖାଇବ, ତା' ପରେ ମାସକୁ ଥରେ ଖାଇବ, ତା' ପରେ ବର୍ଷକୁ ଥରେ । ଏଣୁ ତଦନୁସାରେ ଅନ୍ନଦାନ ଦେବା ପାଇଁ ସେ ମୃତକର ଘର ଲୋକଙ୍କୁ କହନ୍ତି ।

ଆଉ କିଛି ଲୋକ ବିଚାର କରନ୍ତି, ଆମର ଯେତେ ବନ୍ଧୁବାନ୍ଧବ ଅଛନ୍ତି, ସେମାନଙ୍କୁ ୫,୭,୯,୧୦, ୧୧, ୧୨ ଦିନ ଆଦି ଭିନ୍ନ-ଭିନ୍ନ ଦିନରେ ଖାଇବାକୁ ଦେଲେ ମୃତକକୁ ମିଳିବ, ତା' ଆତ୍ମା ତୃପ୍ତ ହେବ । ଧ୍ୟାନ ଦିଅନ୍ତୁ,

ଯିଏ ଖାଇବ, ତା' ପେଟ ପୂରିବ । ଜଣେ ଖାଇଲେ ଅନ୍ୟ ଜଣଙ୍କର ପେଟ ପୂରିବାର ସମ୍ଭାବନା ନାହିଁ । ଆଚ୍ଛା, ସଂସାରରେ ଥିବା ବେଳେ ମଧ୍ୟ ଭାଇଟିଏ ଖାଇଲେ ଆଉ ଗୋଟିଏ ଭାଇର ପେଟ ପୂରୁଛି କି ? ସ୍ୱାମୀଟିଏ ଖାଇଲେ ସ୍ତ୍ରୀର ପେଟ ପୂରୁଛି କି ? ପୂରୁନି । ତେବେ ଅନ୍ୟ ଲୋକ ଖାଇଲେ କେମିତି ମୃତ ଆତ୍ମାକୁ ପ୍ରାପ୍ତ ହେବ ?

ଦ୍ୱିତୀୟ କଥା ହେଉଛି - କେତେକ କହନ୍ତି ଡାକ ଘର ଦ୍ୱାରା ଗୋଟିଏ ସ୍ଥାନର ଚିଠି-ପତ୍ର ଅନ୍ୟସ୍ଥାନରେ ପହଞ୍ଚିବା ଭଳି ଅନ୍ୟମାନେ ଖାଇଲେ ବି ଖାଦ୍ୟ ମୃତାତ୍ମାଙ୍କ ପାଖରେ ପହଞ୍ଚିଯିବ । କେମିତି ପହଞ୍ଚିବ ? ଆଚ୍ଛା, ମୃତକ ଭୋଜି ଖାଉଥିବା ଲୋକମାନେ କ'ଣ ପ୍ରତ୍ୟେକେ ଗୋଟିଏ ଗୋଟିଏ Letter Box ? ହଉ, ମାନିନେବା ଯେ, ମୃତକ ଭୋଜି ଖାଉଥିବା ଲୋକଙ୍କ ପେଟ ଗୋଟିଏ-ଗୋଟିଏ ପତ୍ର-ପେଟିକା (Letter Box) । ତଥାପି ଗୋଟିଏ ଚିଠିରେ ଯଦି ଠିକଣା ଲେଖାଥିବ, ତେବେ ସିନା ଚିଠି ଯାଇ ପହଞ୍ଚିବ । ଶରୀରରୁ ଚାଲିଯାଇଥିବା ଜୀବାତ୍ମା କେଉଁଠି ଅଛି ଆମକୁ ଜଣା ନାହିଁ । ତେଣୁ ଏମାନେ ଖାଇଲେ ତା' ପାଖରେ କେମିତି ପହଞ୍ଚିବ ? ବିନା ଠିକଣାର ଚିଠି ତ ଡାକ ବାକ୍ସରେ ପକାଇଲେ Barring letter ହୋଇ ନଷ୍ଟ ହେବ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା - ଶରୀର ଥିଲେ ଭୋଜନର ଆବଶ୍ୟକତା ଥାଏ । ଗାଡ଼ି ଥିଲେ ପେଟ୍ରୋଲ ପକାଇବାକୁ ପଡ଼େ ନା ବିନା ଗାଡ଼ିରେ ପେଟ୍ରୋଲ ପଡ଼େ ?

**ପ୍ର.କ.**— ଗାଡ଼ି ଥିଲେ ଯାଇ ପେଟ୍ରୋଲ ଦରକାର ।

**ସ୍ୱାମୀଜୀ** — ଶରୀର ହେଉଛି ଜୀବାତ୍ମାର ଗାଡ଼ି ଭଳି । କଠ ଉପନିଷଦରେ କୁହାଯାଇଛି - **'ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ'** । ମଲା ପରେ ତ ଶରୀର ନାହିଁ ଜୀବାତ୍ମା ପାଖରେ । ଗାଡ଼ି ନଥିଲେ ଯେମିତି ଇନ୍ଧନ ଦରକାର ନାହିଁ, ଶରୀର ନଥିଲେ ସେମିତି ଖାଦ୍ୟର କ'ଣ ଆବଶ୍ୟକତା ?

**ପ୍ର.କ.**— ସମାଜରେ ଦେଖାଯାଏ ଯେ, ବାପା-ମା ବଞ୍ଚିଥିବା ବେଳେ ତାଙ୍କୁ ଖାଇବା-ପିଇବା ଯେତିକି ନ ମିଳେ, ମଲା ପରେ ବଡ଼ ସୁନ୍ଦର ଭୋଜି କରନ୍ତି ତାଙ୍କ ପାଇଁ । ଏମିତି କାହିଁକି କରନ୍ତି ?

**ସ୍ୱାମୀଜୀ** — ମନେକରନ୍ତୁ ୫ ବର୍ଷ, ୧୦ ବର୍ଷ, ୨୦ ବର୍ଷ ପର୍ଯ୍ୟନ୍ତ ଆପଣ ଆପଣଙ୍କ ବାପା-ବୋଉଙ୍କୁ ଭଲ ଭାବେ ଖାଇବାକୁ ଦେଲେ, ବହୁତ ସେବା କଲେ । ସେମାନେ ମରିଗଲା ପରେ ସେମାନେ ଆପଣଙ୍କୁ ପ୍ରଶଂସା କରିବେ କି ? - ନାହିଁ । ସେମାନେ ତ ବଞ୍ଚି ନଥିବେ ପ୍ରଶଂସା କରିବା ପାଇଁ । ଲୋକେ ବି ନ କରିପାରନ୍ତି । ତେଣୁ ବାପା-ମାଆଙ୍କ ସେବା ନ କରି ସମାଜରୁ ପ୍ରଶଂସା ଚାହୁଁଥିବା ଦଳେ ଧୂର୍ତ୍ତ ଲୋକ ଏ ଅଭିନବ ଯୋଜନା କଲେ । ଯଦି ଭୋଜିଟିଏ ଜାକ-ଜମକରେ କରିଦେଲେ ଗାଁ ଲୋକେ କହିବେ ଇଏ ବହୁତ ପିତୃଭକ୍ତ, କେଡ଼େ ସୁନ୍ଦର ଭୋଜି କରିଛି ବାପା-ମାଆ ପାଇଁ । ତେଣୁ ନିଜେ ପ୍ରଶଂସା ପାଇବା ପାଇଁ ଲୋକେ ଏ କାର୍ଯ୍ୟ କରନ୍ତି । ମା'-ବାପାଙ୍କ ପାଇଁ କିଛି କରନ୍ତି ନାହିଁ । ଏସବୁ ଆତ୍ମପ୍ରବଞ୍ଚନା, ସଂସାର ଆଖିରେ ଧୂଳି ଦେବାର ଦୁଷ୍ପ୍ରୟାସ ମାତ୍ର ।

ଯଦି ବି ବନ୍ଧୁ-ବାନ୍ଧବ ଆପଣଙ୍କୁ ସମବେଦନା ଜଣାଇବା ପାଇଁ ଆସିଛନ୍ତି, ତେବେ ୩-୪ ଦିନରେ ଗୋଟିଏ ଶ୍ରଦ୍ଧାଞ୍ଜଳି ସଭା କରିବେ । ବନ୍ଧୁ-ବାନ୍ଧବ ବାହାରୁ ବହୁତ ଦୂରରୁ ଆସିଛନ୍ତି, ସେମାନେ କ'ଣ ହୋଟେଲରେ ଖାଇ ଫେରିବେ କି ବୋଲି ଯଦି ଆପଣ ଭାବୁଛନ୍ତି, ତେବେ ଶ୍ରଦ୍ଧାଞ୍ଜଳି ସଭା ପରେ ସାମାନ୍ୟ, ନିରାଡ଼ମ୍ବର ଭୋଜନରେ ସେମାନଙ୍କୁ ସତ୍କାର କରିବା ଉଚିତ । ବାପା-ମା'ଙ୍କ ମୃତ୍ୟୁ ପରେ ତାଙ୍କ ଶ୍ରଦ୍ଧାଞ୍ଜଳିରେ ଯଦି ଆପଣ ଆଡ଼ମ୍ବରପୂର୍ଣ୍ଣ ଭୋଜି କରୁଛନ୍ତି, ତେବେ ମୃତାତ୍ମାଙ୍କ ସ୍ମୃତି ପ୍ରତି ଏହା କ୍ରୂର ପରିହାସ । ଜଣେ ସାଧାରଣ ବ୍ୟକ୍ତି ମନରେ ନିଶ୍ଚିତ ଧାରଣା ହେବ- ଏ ବ୍ୟକ୍ତି ମା'-ବାପାଙ୍କ ଦ୍ୱାରା ବହୁତ ଦୁଃଖୀ ଥିଲେ, ବାପା-ମା'ଙ୍କ ସହ ବୋଧେ ଯାଙ୍କର ଶତ୍ରୁତା ଥିଲା, ସେମାନଙ୍କ ବିୟୋଗ ଯାଙ୍କୁ ଦୁଃଖ ନ ଦେଇ ଆନନ୍ଦ ଦେଉଛି । ତେଣୁ ସେମାନେ ମରିଗଲା ପରେ ଆଡ଼ମ୍ବରରେ ଭୋଜି କରୁଛନ୍ତି ।

ଯଦି ମା'-ବାପାଙ୍କୁ ଆପଣ ବାସ୍ତବରେ ଭଲ ପାଉଥିଲେ, ତାଙ୍କର ବିୟୋଗ ଆପଣଙ୍କୁ ଦୁଃଖ ଦେଉଛି,

ତେବେ ତ ଆପଣଙ୍କ ପାଟିକୁ ଭାତ ଯିବନି, ଆପଣ ଭୋଜି କରି ଖିରି-ଖେଚୁଡ଼ି, ଷଡ଼ରସ ବ୍ୟଞ୍ଜନ କେମିତି ଖାଇବେ ଓ ଖୁଆଇବେ ? ଯଦି ମରିଯିବା ବ୍ୟକ୍ତି ଶଙ୍ଖୋଳିବାକୁ ଆସୁଥିବା ଲୋକଙ୍କ ବନ୍ଧୁଥିଲେ, ମିତ୍ର ଥିଲେ, ତାଙ୍କର ବିୟୋଗ ଏମାନଙ୍କୁ ଅସହ୍ୟ, ତେବେ ଏମାନେ ଭୋଜିରେ ୫ ପ୍ରକାର Item କାହିଁକି ହୋଇନି ? ପନିର୍ କେମିତି କଲନି ? ଖିରିଟା ଭଲ ହେଲାନି ଇତ୍ୟାଦି କେମିତି କହିପାରିବେ ?

ମଢ଼ ଖାଇବାକୁ ଯେପରି ଶାଗୁଣା-ବିଲୁଆ ଅନେଇଥାଆନ୍ତି, ସେହିପରି କାହା ଘରେ ମୃତ୍ୟୁ ହେଲେ ମୃତକ ନାମରେ ଖିରି-ଖେଚୁଡ଼ି ଖାଇବାକୁ ଅନାଇଥିବା, ଆଗ୍ରହ ପ୍ରକାଶ କରୁଥିବା ଲୋକେ ଶାଗୁଣା-ବିଲୁଆର ହିଁ ରୂପ କି ?

ଏଣୁ ନିଷ୍କର୍ଷ ଏଇୟା ବାହାରୁଛି ଯେ ଭୋଜିରେ ଏଇୟା-ସେଇୟା କର ବୋଲି ଆଡ଼ମ୍ବରର ଉପଦେଶ ଦେଉଥିବା ଲୋକମାନଙ୍କର ମୃତକ ପ୍ରତି ସମବେଦନା ନାହିଁ, କି ଘର ଲୋକମାନଙ୍କର ବି ତାଙ୍କ ପ୍ରତି ଶ୍ରଦ୍ଧା ନାହିଁ । ଯଦି ଶ୍ରଦ୍ଧା-ସମବେଦନା ଅଛି ଏ ମୃତକ ଭୋଜନର ଆଡ଼ମ୍ବର ନ କରିବା ଉଚିତ ।

ବିବାହାଦି ଆନନ୍ଦ-ଉତ୍ସବରେ ଅନେକ ପ୍ରକାର ବ୍ୟଞ୍ଜନରେ ଆପଣ ଅନ୍ୟଙ୍କୁ ଆପ୍ୟାୟିତ କଲେ, ଏହା ଅଲଗା କଥା । କିନ୍ତୁ କାହାରି ମୃତ୍ୟୁରେ, ବିୟୋଗରେ ଖିରି-ଖେଚୁଡ଼ି କରିବା ମଣିଷପଣିଆ କି ? ଅନ୍ୟମାନେ ମଧ୍ୟ କର୍ତ୍ତାଙ୍କୁ ଏଥିରୁ ନିବୃତ୍ତ କରିବା ଉଚିତ । ହଁ, ମୃତକଙ୍କ ସ୍ମୃତିରେ ଅନାଥାଶ୍ରମରେ ଭୋଜନ, ଗରିବଙ୍କୁ ସହାୟତା, ଗୋସେବା, ବେଦୋକ୍ତ ଧର୍ମ ପ୍ରଚାରରେ ସହାୟତା ଆଦି କରିବା ଉଚିତ କର୍ମ । ଏ ସବୁ ଦ୍ୱାରା ନଶ୍ୱର ଶରୀରରେ ଥାଇ ସଦା ଧର୍ମାଚରଣରେ ସଂଲଗ୍ନ ରହିବାର ପ୍ରେରଣା ମିଳେ ।

**ପ୍ର.କ.**— ଆଉ ଗୋଟିଏ ପ୍ରଶ୍ନ ହେଲା - ଅସ୍ଥିକୁ କେଉଁ ଜାଗାରେ ବିସର୍ଜନ କଲେ ମୃତାତ୍ମାକୁ ମୁକ୍ତି ମିଳିବ ?

**ସ୍ୱାମୀଜୀ** — ଭଲ ଭାବେ ମନେରଖନ୍ତୁ - 'ଅସ୍ଥି ସହିତ ମୁକ୍ତିର କୌଣସି ସମ୍ବନ୍ଧ ନାହିଁ' । ତେବେ ଅସ୍ଥିକୁ କ'ଣ କରିବା ଉଚିତ ? ବେଦରେ କୁହାଯାଇଛି - **'ଭସ୍ମାନ୍ତଂ ଶରୀରମ୍'** (ଯଜୁଃ. ୪୦:୧୫)- ଶରୀରର ଅନ୍ତିମ ପରିଣାମ ମୁଠାଏ ପାଉଁଶ ମାତ୍ର ।

ତୃତୀୟ ଦିନ ଶ୍ମଶାନକୁ ଯାଇ ଚିତାର ଭସ୍ମ ଉପରେ ପାଣି ଢଳାଯାଏ । କାରଣ ତଦ୍ଦ୍ୱାରା ଅବଶିଷ୍ଟ ଅଗ୍ନି ନିର୍ବାପିତ ହୁଏ । ଚିତାର ଭସ୍ମ ଉପରେ କ୍ଷୀର ପକାଇବା ଅନୁଚିତ । ଏଠାରେ ଦୁଧ ଢାଳିବା ଦୁଧର ଦୁରୁପଯୋଗ ମାତ୍ର । ପାଉଁଶ ଉପରେ ଢାଳିବା ପାଇଁ ଭଗବାନ ଗାଈ ଭିତରେ କ୍ଷୀର ତିଆରି କରିନାହାନ୍ତି । ଅସ୍ଥିକୁ ବି କ୍ଷୀରରେ ଧୋଇବା ଅନୁଚିତ । ଏଠାରେ କ୍ଷୀରର ଉପଯୋଗ କଲେ ଦୁଗ୍ଧର ଦୁରୁପଯୋଗ ଜନିତ ପାପ ମିଳେ, ଯେହେତୁ କି ଅସ୍ଥି ଓ ପାଉଁଶ ସବୁକୁ ମାଟିରେ ପୋତାଯିବ ।

ମଣିଷର ଶରୀର ପଞ୍ଚ ତତ୍ତ୍ୱରେ ତିଆରି । ମୃତ୍ୟୁ ପରେ ବାୟୁତତ୍ତ୍ୱ ବାୟୁରେ, ଅନ୍ତ୍ୟେଷ୍ଟି ଦ୍ୱାରା ଅଗ୍ନିତତ୍ତ୍ୱ ଅଗ୍ନିରେ ଓ ଜଳତତ୍ତ୍ୱ ବାଷ୍ପ ହୋଇ ପୁନଃ ଜଳରେ ମିଶେ । ବାକି ରହିଲା ଅସ୍ଥି ଓ ଭସ୍ମ ରୂପକ ପୃଥ୍ୱୀ ତତ୍ତ୍ୱ । ତାକୁ ମାଟିରେ ମିଶାଇବା ଉଚିତ । ଏଣୁ ଚିତାରୁ ପାଉଁଶ ଓ ଅସ୍ଥିର ଅବଶେଷଗୁଡ଼ିକୁ ଏକତ୍ରିତ କରି ସେଠାରୁ ନେଇ ଅନ୍ୟତ୍ର ଗାତ ଖୋଳି ପୋତି ଦିଆଯାଏ । ଅସ୍ଥିକୁ କୌଣସି ଜଳରେ ନ ପକାଇବା ଉଚିତ । କାରଣ ଅସ୍ଥିକୁ ଜଳରେ ପକାଇଲେ ଜଳ ଅଶୁଦ୍ଧ, ବିକୃତ ଓ ଅନୁପଯୋଗୀ ହୁଏ । ଏଣୁ ଜଳରେ ଅସ୍ଥି ବିସର୍ଜନ କଲେ ପୁଣ୍ୟ ବଦଳରେ ପାପ ମିଳେ । କେତେକ କହନ୍ତି ଯେ ମୃତକର ଅସ୍ଥି ଗଙ୍ଗାଦି ପବିତ୍ର ନଦୀରେ ନ ପକାଇଲେ ମୃତକର ଆତ୍ମାର ସଦ୍‌ଗତି ହୁଏ ନାହିଁ । ଏ କଥା ଠିକ୍ ନୁହେଁ । ଆତ୍ମାର ସଦ୍‌ଗତି ବ୍ୟକ୍ତିର କୃତ ପୁଣ୍ୟ କର୍ମ ଦ୍ୱାରା ହୋଇଥାଏ, କୌଣସି ନଦୀରେ ହାଡ଼ ପକାଇବା ସହ ଆତ୍ମାର ସଦ୍‌ଗତିର ଆଦୌ ସମ୍ପର୍କ ନାହିଁ ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ଦାସ**

❖❖❖

# ଅଥ ସତ୍ୟାର୍ଥପ୍ରକାଶଃ

## ଅଥ ପ୍ରଥମସମୁଲ୍ଲାସାରମ୍ଭଃ

ପୂର୍ବାନୁକ୍ରମିକ...

**ମହର୍ଷି ଦୟାନନ୍ଦ ସରସ୍ୱତୀ**

**'କୁବି ଆଚ୍ଛାଦନେ'** ଧାତୁରୁ **'କୁବେର'** ଶବ୍ଦ ସିଦ୍ଧ ହୁଏ । **'ୟଃ ସର୍ବଂ କୁମ୍ବତି ସ୍ୱବ୍ୟାପ୍ତ୍ୟାଚ୍ଛାଦୟତି ସ କୁବେରୋ ଜଗଦୀଶ୍ୱରଃ'** — ଯିଏ ନିଜ ବିସ୍ତୃତିରେ ସମସ୍ତଙ୍କୁ ଆଚ୍ଛାଦିତ କରନ୍ତି, ତେଣୁ ସେ ପରମେଶ୍ୱରଙ୍କ ନାମ **'କୁବେର'** ।

**'ପୃଥୁ ବିସ୍ତାରେ'** ଧାତୁରୁ **'ପୃଥିବୀ'** ଶବ୍ଦ ସିଦ୍ଧ ହୁଏ । **'ୟଃ ପର୍ଥତି ସର୍ବଂ ଜଗଦ୍‌ବିସ୍ତୃଣାତି ତସ୍ମାତ୍ ସ ପୃଥିବୀ'** — ଯିଏ ସମଗ୍ର ବିସ୍ତୃତ ଜଗତକୁ ବିସ୍ତାର କରିଛନ୍ତି, ସେହି ଈଶ୍ୱରଙ୍କ ନାମ **'ପୃଥିବୀ'** ।

**'ଜଲ ଘାତନେ'** ଧାତୁରୁ **'ଜଲ'** ଶବ୍ଦ ସିଦ୍ଧ ହୁଏ । **'ଜଲତି ଘାତୟତି ଦୁଷ୍ଟାନ୍, ସଂଘାତୟତି-ଅବ୍ୟକ୍ତ-ପରମାଣ୍ୱାଦୀନ୍ ତଦ୍ ବ୍ରହ୍ମ ଜଲମ୍'** — ଯିଏ ଦୁଷ୍ଟଙ୍କୁ ତାଡ଼ନ କରନ୍ତି ଏବଂ ଅବ୍ୟକ୍ତ ତଥା ପରମାଣୁଗୁଡ଼ିକୁ ଅନ୍ୟୋଽନ୍ୟ ସଂଯୋଗ ଓ ବିଯୋଗ କରନ୍ତି, ସେହି ପରମାତ୍ମା **'ଜଲ'** ନାମଧାରୀ ଅଟନ୍ତି । **'ୟଦ୍ୱା ୟଜ୍ଜନୟତି ଲାତି ସକଲଂ ଜଗତ୍ ସୁଖଂ ବା ତଦ୍ ବ୍ରହ୍ମ ଜଲମ୍'** — ଅଥବା ଯିଏ ସକଳ ଜଗତର ଜନକ ଓ ସମସ୍ତ ସୁଖ ପ୍ରଦାତା, ସେହି ପରମେଶ୍ୱରଙ୍କ ନାମ **'ଜଲ'** ।

**'କାଶୃ ଦୀପ୍ତୌ'** ଧାତୁରୁ **'ଆକାଶ'** ଶବ୍ଦ ଉତ୍ପନ୍ନ ହୁଏ ।**' ୟଃ ସର୍ବତଃ ସର୍ବଂ ଜଗତ୍ ପ୍ରକାଶୟତି ସ ଆକାଶଃ'** — ଯିଏ ସବୁ ଦିଗରୁ ସକଳ ଜଗତକୁ ପ୍ରକାଶିତ କରନ୍ତି, ଏଣୁ ସେ ପରମାତ୍ମାଙ୍କ ନାମ **'ଆକାଶ'** ।

**'ଅଦ୍ ଭକ୍ଷଣେ'** ଧାତୁରୁ **'ଅନ୍ନ'** ଶବ୍ଦ ଗଠିତ ହୁଏ —

**ଅଦ୍ୟତେଽତ୍ତି ଚ ଭୂତାନି ତସ୍ମାଦନ୍ନଂ ତଦୁଚ୍ୟତେ ।** (ତୈତ୍ତି. ୨:୨)

**ଅହମନ୍ନମହମନ୍ନମହମନ୍ନମ୍ । ଅହମନ୍ନାଦୋଽହମନ୍ନଦୋଽହମନ୍ନାଦଃ ॥** (ତୈତ୍ତି. ୩:୧୦)

**ଅତ୍ତା ଚରାଽଚରଗ୍ରହଣାତ୍ ।** (ବେଦାନ୍ତ. ୧:୨:୯)

ସମସ୍ତଙ୍କୁ ଭିତରେ ରଖିବା, ସମସ୍ତଙ୍କୁ ଗ୍ରହଣ କରିବା ଯୋଗ୍ୟ, ଚରାଚର ଜଗତର ଗ୍ରହଣକର୍ତ୍ତା ହୋଇଥିବା ହେତୁ ଈଶ୍ୱରଙ୍କ ନାମ **'ଅନ୍ନ'**, **'ଅନ୍ନାଦ'** ଓ **'ଅତ୍ତା'** । ଉପନିଷଦ ବାକ୍ୟରେ 'ଅନ୍ନ' ଓ 'ଅନ୍ନାଦ' ଯେଉଁ ତିନିଥର ଅଛି, ତାହା ଆଦର-ସମ୍ମାନ ଦୃଷ୍ଟିରୁ ଅଛି । ଡିମିରି ଫଳରେ ଯେପରି କୃମି ଉତ୍ପନ୍ନ ହୋଇ, ସେହିଥିରେ ରହନ୍ତି ଓ ଶେଷରେ ସେହିଠାରେ ନଷ୍ଟ ହୋଇଯାନ୍ତି, ସେହିପରି ପରମେଶ୍ୱରଙ୍କ ଭିତରେ ସମଗ୍ର ଜଗତ ଉତ୍ପନ୍ନ ହୋଇ ଅବସ୍ଥାନ କରେ ଓ ପ୍ରଳୟ ସମୟରେ ପୁଣି ନଷ୍ଟ ହୋଇଯାଏ ।

**'ବସ ନିବାସେ'** ଧାତୁରୁ **'ବସୁ'** ଶବ୍ଦ ସିଦ୍ଧ ହୋଇଛି । **'ବସନ୍ତି ଭୂତାନି ୟସ୍ମିନ୍, ଅଥବା ୟଃ ସର୍ବେଷୁ ଭୂତେଷୁ ବସତି ସ ବସୁରୀଶ୍ୱରଃ'** — ଆକାଶାଦି ସମସ୍ତ ଭୂତ ଯାହାଙ୍କ ମଧ୍ୟରେ ବାସ କରନ୍ତି ଏବଂ ଯିଏ ସମସ୍ତଙ୍କ ଭିତରେ ବାସ କରୁଛନ୍ତି, ସେହି ଈଶ୍ୱରଙ୍କ ନାମ **'ବସୁ'** ।

**'ରୁଦିର୍ ଅଶ୍ରୁବିମୋଚନେ'** ଧାତୁରେ **'ରୋଦେର୍ଣ୍ଣିଲୁକ୍ ଚ'** (ଉଣାଦି. ୨:୨୨) ସୂତ୍ର ଅନୁସାରେ **'ଣିଚ୍'** ଓ **'ରକ୍'** ପ୍ରତ୍ୟୟ ଯୋଗରେ **'ରୁଦ୍ର'** ଶବ୍ଦ ସିଦ୍ଧ ହୁଏ । **'ଯୋ ରୋଦୟତ୍ୟନ୍ୟାୟକାରିଣୋ ଜନାନ୍ ସ ରୁଦ୍ରଃ'** —ଯିଏ ଅନ୍ୟାୟକାରୀ, ପାପାଚରଣକାରୀଙ୍କୁ ରୋଦନ କରାନ୍ତି, ଅତଃ ସେହି ପରମେଶ୍ୱରଙ୍କ ନାମ **'ରୁଦ୍ର'** ।

**ଯନ୍ମନସା ଧ୍ୟାୟତି ତଦ୍ୱାଚା ବଦତି, ଯଦ୍ୱାଚା ବଦତି ତତ୍ କର୍ମଣା କରୋତି, ଯତ୍ କର୍ମଣା କରୋତି ତଦଭିସମ୍ପଦ୍ୟତେ ।।** ତୁଳନା (ଶତପଥ. ୧୪:୬:୭:୭)

ମନୁଷ୍ୟ ମନରେ ଯାହା ଚିନ୍ତା କରେ, ତାହା ବାଣୀରେ କହେ; ବାଣୀରେ ଯାହା ପ୍ରକାଶ କରେ, ତାହା କାମରେ କରେ; କାର୍ଯ୍ୟରେ ଯାହା କରେ, ତାହା ହିଁ ପ୍ରାପ୍ତ କରେ । ଏଥିରୁ ନିଷ୍କର୍ଷ ବାହାରୁଛି ଯେ **ଜୀବ ଯେପରି କର୍ମ କରେ, ସେପରି ହିଁ ଫଳ ପାଏ ।** ପାପକର୍ମ କରିଥିବା ଜୀବମାନେ ଯେତେବେଳେ ଈଶ୍ୱରଙ୍କ ବ୍ୟବସ୍ଥା ଅନୁସାରେ ଦୁଃଖ ରୂପକ ଫଳ ପାଇଥାନ୍ତି, ସେତେବେଳେ କାନ୍ଦିଥାନ୍ତି । ଏହିଭଳି ଭାବେ ଈଶ୍ୱର ସେମାନଙ୍କୁ ରୋଦନ କରାଇଥାନ୍ତି । ଏଣୁ ଈଶ୍ୱରଙ୍କ ନାମ **'ରୁଦ୍ର'** ।

**ଆପୋ ନାରା ଇତି ପ୍ରୋକ୍ତା ଆପୋ ବୈ ନରସୂନବଃ ।**
**ତା ଯଦସ୍ୟାୟନଂ ପୂର୍ବଂ ତେନ ନାରାୟଣଃ ସ୍ମୃତଃ ।।** (ମନୁ. ୧:୧୦)

'ଜଳ' ଓ 'ଜୀବ'ର ନାମ 'ନାରା' । ଏମାନେ ଅୟନ ଅର୍ଥାତ୍ ନିବାସସ୍ଥାନ ଅଟନ୍ତି ଯାହାର, ସେ 'ନାରାୟଣ' । ଅତଃ ଜୀବଗଣ ସେ ଈଶ୍ୱରଙ୍କ ନିବାସ ସ୍ଥାନ ହୋଇଥିବାରୁ ଅର୍ଥାତ୍ ସମସ୍ତ ଜୀବଙ୍କ ଭିତରେ ବ୍ୟାପକ ହୋଇଥିବାରୁ ପରମାତ୍ମାଙ୍କ ନାମ **'ନାରାୟଣ'** ।

**'ଚଦି ଆହ୍ଲାଦେ'** ଧାତୁରୁ **'ଚନ୍ଦ୍ର'** ଶବ୍ଦ ନିଷ୍ପନ୍ନ । **'ଯଶ୍ଚନ୍ଦତି ଚନ୍ଦୟତି ବା ସ ଚନ୍ଦ୍ରଃ'** — ଈଶ୍ୱର ଆନନ୍ଦସ୍ୱରୂପ ହୋଇଥିବାରୁ ଓ ସମସ୍ତଙ୍କୁ ଆନନ୍ଦ ଦେଉଥିବାରୁ ତାଙ୍କ ନାମ **'ଚନ୍ଦ୍ର'** ।

**'ମଗି ଗତ୍ୟର୍ଥକ'** ଧାତୁରୁ **'ମଙ୍ଗେରଲଚ୍'** (ଉଣାଦି. ୫:୭୦) ଏ ଉଣାଦି ସୂତ୍ର ଅନୁସାରେ **'ମଙ୍ଗଳ'** ଶବ୍ଦ ସିଦ୍ଧ ହୁଏ । **'ଯୋ ମଙ୍ଗତି ମଙ୍ଗୟତି ବା ସ ମଙ୍ଗଲଃ'** — ଯିଏ ନିଜେ ମଙ୍ଗଳସ୍ୱରୂପ ଓ ସକଳ ଜୀବଙ୍କ ମଙ୍ଗଳକର୍ତ୍ତା, ସେହି ପରମେଶ୍ୱରଙ୍କ ନାମ **'ମଙ୍ଗଳ'** ।

**'ବୁଧ ଅବଗମନେ'** ଧାତୁରୁ **'ବୁଧ'** ଶବ୍ଦ ସିଦ୍ଧ ହୁଏ । **'ଯୋ ବୁଧ୍ୟତେ ବୋଧୟତି ବା ସ ବୁଧଃ'** — ଯିଏ ନିଜେ ବୋଧ ବା ଜ୍ଞାନସ୍ୱରୂପ ଏବଂ ଜୀବଙ୍କ ବୋଧ ବା ଜ୍ଞାନପ୍ରାପ୍ତିର କାରଣ, ସେହି ପରମେଶ୍ୱରଙ୍କ ନାମ **'ବୁଧ'** । **'ବୃହସ୍ପତି'** ଶବ୍ଦର ଅର୍ଥ ପୂର୍ବରୁ କରିଦିଆଯାଇଛି ।

**'ଈଶୁଚିର୍ ପୂତୀଭାବେ'** ଧାତୁରୁ **'ଶୁକ୍ର'** ଶବ୍ଦ ସିଦ୍ଧ ହୋଇଛି । **'ଯଃ ଶୁଚ୍ୟତି ଶୋଚୟତି ବା ସ ଶୁକ୍ରଃ'** — ଯିଏ ଅତ୍ୟନ୍ତ ପବିତ୍ର ତଥା ଯାହାଙ୍କ ସଙ୍ଗ ଲାଭ କରି ଜୀବ ବି ପବିତ୍ର ହୋଇଯାଏ, ସେହି ଈଶ୍ୱରଙ୍କ ନାମ **'ଶୁକ୍ର'** ।

**'ଚର ଗତିଭକ୍ଷଣୟୋଃ'** ଧାତୁରେ **'ଶନୈସ୍'** ଅବ୍ୟୟ ଉପପଦ ଯୁକ୍ତ ହୋଇ **'ଶନୈଶ୍ଚର'** ଶବ୍ଦ ସିଦ୍ଧ ହୋଇଛି । **'ଯଃ ଶନୈଶ୍ଚରତି ସ ଶନୈଶ୍ଚରଃ'** — ଯିଏ ସକଳ ବସ୍ତୁରେ ସହଜରେ ପ୍ରାପ୍ତ ଏବଂ ଧୈର୍ଯ୍ୟଶାଳୀ ଅଟନ୍ତି, ସେହି ପରମେଶ୍ୱରଙ୍କ ନାମ **'ଶନୈଶ୍ଚର'** ।

**'ରହ ତ୍ୟାଗେ'** ଧାତୁରୁ **'ରାହୁ'** ଶବ୍ଦ ଉତ୍ପନ୍ନ ହୁଏ । **'ଯୋ ରହତି ପରିତ୍ୟଜତି ଦୁଷ୍ଟାନ୍, ରାହୟତି**

**ତ୍ୟାଜୟତି ବା ସ ରାହୁରୀଶ୍ୱରଃ'** — ଯିଏ ଏକାନ୍ତସ୍ୱରୂପ, ଯାହାଙ୍କ ସ୍ୱରୂପରେ ଅନ୍ୟ କୌଣସି ପଦାର୍ଥ ସଂଯୁକ୍ତ ବା ମିଶ୍ରିତ ନୁହେଁ, ଯିଏ ଦୁଷ୍ଟଙ୍କୁ ତ୍ୟାଗ କରନ୍ତି ଏବଂ ଅନ୍ୟକୁ ଦୁଷ୍ଟଙ୍କ ଦାଉରୁ ରକ୍ଷା କରନ୍ତି, ସେ ପରମେଶ୍ୱରଙ୍କ ନାମ **'ରାହୁ'** ।

**'କିତ ନିବାସେ ରୋଗାପନୟନେ ଚ'** ଧାତୁରୁ **'କେତୁ'** ଶବ୍ଦ ସିଦ୍ଧ ହୁଏ । **'ୟଃ କେତୟତି ଚିକତ୍ସତି ବା ସ କେତୁରୀଶ୍ୱରଃ'** — ଯିଏ ସକଳ ଜଗତର ନିବାସ ସ୍ଥାନ, ସମସ୍ତ ରୋଗରୁ ରହିତ ଏବଂ ମୁମୁକ୍ଷୁଙ୍କୁ ମୁକ୍ତି ସମୟରେ ସକଳ ରୋଗରୁ ମୁକ୍ତ ରଖନ୍ତି, ସେହି ପରମାତ୍ମାଙ୍କ ନାମ **'କେତୁ'** ।

**'ୟଜ ଦେବପୂଜାସଙ୍ଗତିକରଣଦାନେଷୁ'** ଧାତୁରୁ **'ୟଜ୍ଞ'** ଶବ୍ଦ ସିଦ୍ଧ ହୁଏ **'ୟଜ୍ଞୋ ବୈ ବିଷ୍ଣୁଃ'** । (ଶତ. ୧:୧:୨:୧୩, ଗୋପଥ. ଉତ୍ତର. ୪:୬) । **'ୟୋ ୟଜତି ବିଦ୍ୱଦ୍‌ଭିରିଜ୍ୟତେ ବା ସ ୟଜ୍ଞଃ'** — ଯିଏ ସକଳ ଜଗତର ପଦାର୍ଥସମୂହକୁ ସଂଯୁକ୍ତ କରନ୍ତି ଏବଂ ସମସ୍ତ ବିଦ୍ୱାନଙ୍କ ପୂଜ୍ୟ, ବ୍ରହ୍ମାଙ୍କଠାରୁ ଆରମ୍ଭ କରି ପରବର୍ତ୍ତୀ ସର୍ବ ଋଷି-ମୁନିଙ୍କ ପୂଜ୍ୟ ଥିଲେ, ଅଛନ୍ତି ଓ ରହିବେ, ସେହି ପରମାତ୍ମାଙ୍କ ନାମ **'ୟଜ୍ଞ'** । ପରମାତ୍ମାଙ୍କ ନାମ **'ୟଜ୍ଞ'**, ଯେହେତୁକି ସେ ସର୍ବତ୍ର ବ୍ୟାପକ ।

**'ହୁ ଦାନାଽଦନୟୋଃ, ଆଦାନେ ଚେତ୍ୟେକେ'** ଧାତୁରୁ **'ହୋତା'** ଶବ୍ଦ ନିଷ୍ପନ୍ନ । **'ୟୋ ଜୁହୋତି ସ ହୋତା'** — ଯିଏ ସକଳ ଜୀବଙ୍କୁ ଦାନଯୋଗ୍ୟ ପଦାର୍ଥଗୁଡ଼ିକ ଦିଅନ୍ତି ଏବଂ ଗ୍ରହଣଯୋଗ୍ୟ ପଦାର୍ଥ ଜୀବଙ୍କଠାରୁ ଗ୍ରହଣ କରନ୍ତି, ସେହି ଈଶ୍ୱରଙ୍କ ନାମ **'ହୋତା'** ।

**'ବନ୍ଧ ବନ୍ଧନେ'** ଧାତୁରୁ **'ବନ୍ଧୁ'** ଶବ୍ଦ ଉତ୍ପନ୍ନ ହୋଇଛି । **'ୟଃ ସ୍ୱସ୍ମିନ୍ ଚରାଚରଂ ଜଗଦ୍ ବଧ୍ନାତି, ବନ୍ଧୁବଦ୍ ଧର୍ମାତ୍ମନାଂ ସୁଖାୟ ସହାୟ ବା ବର୍ତ୍ତତେ ସ ବନ୍ଧୁଃ'** — ଯିଏ ନିଜ ଭିତରେ ସକଳ ଲୋକଲୋକାନ୍ତରକୁ ନିୟମରେ ବାନ୍ଧି ରଖିଛନ୍ତି, ଯେପରିକି କୌଣସି ଲୋକ-ଲୋକାନ୍ତର ନିଜର ପରିଧି ବା ନିୟମକୁ ଲଂଘନ କରିପାରିବେ ନାହିଁ; ଏବଂ ଭାଇ ଭାଇର ସହାୟକ ହେଲା ଭଳି ଯିଏ ସହୋଦର ସମ ସମସ୍ତଙ୍କ ସହାୟକ, ପୃଥିବୀ ଆଦି ଲୋକକୁ ଧାରଣ, ରକ୍ଷଣ କରୁଥିବା ଓ ସୁଖ ପ୍ରଦାନ କରୁଥିବା ସେ ଈଶ୍ୱର **'ବନ୍ଧୁ'** ସଂଜ୍ଞକ ଅଟନ୍ତି ।

**'ପା ରକ୍ଷଣେ'** ଧାତୁରୁ **'ପିତା'** ଶବ୍ଦର ଉତ୍ପତ୍ତି । **'ୟଃ ପାତି ସର୍ବାନ୍ ସ ପିତା'** — ସମସ୍ତଙ୍କ ରକ୍ଷକ ହୋଇଥିବାରୁ ତଥା ପିତା ଯେପରି ସନ୍ତାନଙ୍କ ଉପରେ ସଦା ଦୟାଳୁ ହୋଇ ସେମାନଙ୍କ ଉନ୍ନତି କାମନା କରନ୍ତି, ପରମେଶ୍ୱର ସେହିପରି ସର୍ବ ଜୀବଙ୍କ ଉନ୍ନତି ଚାହୁଁଥିବାରୁ ଈଶ୍ୱରଙ୍କ ନାମ **'ପିତା'** ଅଟେ ।

**'ୟଃ ପିତୃଣାଂ ପିତା ସ ପିତାମହଃ'** — ପରମେଶ୍ୱର ଆମ ପିତାଙ୍କର ବି ପିତା ହୋଇଥିବାରୁ ତାଙ୍କ ନାମ **'ପିତାମହ'** ।

**'ୟଃ ପିତାମହାନାଂ ପିତା ସ ପ୍ରପିତାମହଃ'** — ଯିଏ ପିତାଙ୍କ ପିତୃଗଣଙ୍କର ବି ପିତା, ସେହି ଈଶ୍ୱରଙ୍କ ନାମ **'ପ୍ରପିତାମହ'** ।

**'ମାଙ୍ ମାନେ ଶବ୍ଦେ ଚ'** ଧାତୁରୁ **'ମାତା'** ଶବ୍ଦ ନିର୍ମାଣ ହୁଏ । **'ୟୋ ମିମୀତେ ମାନୟତି ସର୍ବାଞ୍ଜୀବାନ୍ ସ ମାତା'** — ଜନନୀ ଯେପରି କୃପାମୟୀ ହୋଇ ସନ୍ତାନଙ୍କ ସୁଖ ଓ ଉନ୍ନତି ନିମନ୍ତେ ପ୍ରୟତ୍ନ କରେ, ପରମେଶ୍ୱର ମଧ୍ୟ ସେହିପରି ସକଳ ଜୀବଙ୍କ ଉନ୍ନତିରେ ସତତ ସଂଲଗ୍ନ ଥିବାରୁ ତାଙ୍କ ନାମ **'ମାତା'** ।

**'ଆଙ୍'** ପୂର୍ବକ **'ଚର ଗତିଭକ୍ଷଣୟୋଃ'** ଧାତୁରୁ **'ଆଚାର୍ଯ୍ୟ'** ଶବ୍ଦ ସିଦ୍ଧ ହୁଏ । **'ୟ ଆଚାରଂ ଗ୍ରାହୟତି,**

**ସର୍ବା ବିଦ୍ୟା ବୋଧୟତି ସ ଆଚାର୍ୟ୍ୟ ଈଶ୍ୱରଃ'** — ଯିଏ ସତ୍ୟ ଆଚାର ଗ୍ରହଣ କରାନ୍ତି ଏବଂ ସକଳ ବିଦ୍ୟା ପ୍ରାପ୍ତିର କାରଣ ହୋଇ ସମସ୍ତ ବିଦ୍ୟା ପ୍ରାପ୍ତ କରାନ୍ତି, ସେହି ଈଶ୍ୱରଙ୍କ ନାମ **'ଆଚାର୍ଯ୍ୟ'** ।

**'ଗୃ ଶବ୍ଦେ'** ଧାତୁରୁ **'ଗୁରୁ'** ଶବ୍ଦର ଉତ୍ପତ୍ତି । **'ୟୋ ଧର୍ମ୍ୟାନ୍ ଶବ୍ଦାନ୍ ଗୃଣାତ୍ୟୁପଦିଶତି ସ ଗୁରୁଃ'** ।

**ସ ଏଷ ପୂର୍ବେଷାମପି ଗୁରୁଃ କାଲେନାନବଚ୍ଛେଦାତ୍ ।** (ଯୋଗ. ୧:୨୬)

ଯିଏ ସତ୍ୟଧର୍ମ ପ୍ରତିପାଦକ, ସକଳ ବିଦ୍ୟାଯୁକ୍ତ ବେଦର ଉପଦେଶ କରନ୍ତି; ଯିଏକି ସୃଷ୍ଟି ପ୍ରାରମ୍ଭରେ ଅଗ୍ନି, ବାୟୁ, ଆଦିତ୍ୟ, ଅଙ୍ଗିରା ତଥା ବ୍ରହ୍ମା ଆଦି ଗୁରୁଙ୍କର ବି ଗୁରୁ ଏବଂ ଯାହାଙ୍କ ବିନାଶ କେବେ ବି ହୁଏ ନାହିଁ, ସେହି ଈଶ୍ୱରଙ୍କ ନାମ **'ଗୁରୁ'** ।

**'ଅଜ ଗତିକ୍ଷେପଣୟୋଃ'** ଓ **'ଜନୀ ପ୍ରାଦୁର୍ଭାବେ'** ଧାତୁରୁ **'ଅଜ'** ଶବ୍ଦ ତିଆରି ହୁଏ । **'ୟୋଽଜତି ସୃଷ୍ଟିଂ ପ୍ରତି ସର୍ବାନ୍ ପ୍ରକୃତ୍ୟାଦୀନ୍ ପଦାର୍ଥାନ୍ ପ୍ରକ୍ଷିପତି, ଜନୟତି, କଦାଚିନ୍ନ ଜାୟତେ ସୋଽଜଃ'** — ଯିଏ ପ୍ରକୃତିର ସକଳ ଅବୟବ ଆକାଶାଦି ଭୂତର ପରମାଣୁଗୁଡ଼ିକୁ ଯଥାଯଥ ଭାବେ ମିଶାନ୍ତି, ଶରୀର ସହ ଜୀବାତ୍ମାର ସଂଯୋଗ କରି ପ୍ରାଣୀମାନଙ୍କୁ ଜନ୍ମ ଦିଅନ୍ତି, କିନ୍ତୁ ନିଜେ କେବେ ବି ଜନ୍ମଗ୍ରହଣ କରନ୍ତି ନାହିଁ, ତେଣୁ ସେ ଈଶ୍ୱରଙ୍କ ନାମ **'ଅଜ'** ।

**'ବୃହ ବୃହି ବୃଦ୍ଧୌ'** ଏ ଧାତୁରୁ **'ବ୍ରହ୍ମା'** ଶବ୍ଦ ସିଦ୍ଧ ହୁଏ । **'ୟୋଽଖିଲଂ ଜଗନ୍ନିର୍ମାଣେନ ବର୍ହତି ବୃହଂତି ବର୍ଦ୍ଧୟତି ସ ବ୍ରହ୍ମା'** — ଯିଏ ସମଗ୍ର ଜଗତକୁ ନିର୍ମାଣ କରି ବଢ଼ାନ୍ତି, ସେହି ଈଶ୍ୱରଙ୍କ ନାମ **'ବ୍ରହ୍ମା'** ।

**ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ ।** (ତୈତ୍ତି. ୨:୧)

**'ସନ୍ତୀତି ସନ୍ତଃ, ତେଷୁ ସତ୍ସୁ ସାଧୁ ତତ୍‌ସତ୍ୟମ୍ । ୟଜ୍ଜାନାତି ଚରାଽଚରଂ ଜଗତ୍ ତଜ୍ଜ୍ଞାନମ୍ । ନ ବିଦ୍ୟତେଽନ୍ତୋଽବଧିର୍ମର୍ଯ୍ୟାଦା ୟସ୍ୟ ତଦନନ୍ତମ୍ । ସର୍ବେଭ୍ୟୋ ବୃହତ୍ତ୍ୱାଦ୍ ବ୍ରହ୍ମ'** — ଯେଉଁ ପଦାର୍ଥ ବିଦ୍ୟମାନ ଥାଏ, ତାକୁ 'ସତ୍' କହନ୍ତି । ଏସବୁ ବିଦ୍ୟମାନ ସତ୍ତା ଭିତରେ ଶ୍ରେଷ୍ଠ ହୋଇଥିବାରୁ ପରମେଶ୍ୱରଙ୍କ ନାମ **'ସତ୍ୟ'** । ଯେହେତୁ ଈଶ୍ୱର ସମଗ୍ର ଚରାଚର ଜଗତକୁ ଜାଣନ୍ତି, ଏଣୁ ପରମେଶ୍ୱରଙ୍କ ନାମ **'ଜ୍ଞାନ'** । ଯାହାର ଅନ୍ତ, ଅବଧି, ମର୍ଯ୍ୟାଦା ଅର୍ଥାତ୍ ଏତିକି ଲମ୍ୱା, ଏତିକି ଚଉଡ଼ା, ଛୋଟ-ବଡ଼ ଏପରି ପରିମାଣ ନାହିଁ, ତାହା ଅନନ୍ତ । ଈଶ୍ୱରଙ୍କର ଅନ୍ତ ନାହିଁ, ଏଣୁ ପରମେଶ୍ୱରଙ୍କ ନାମ **'ଅନନ୍ତ'** । ସବୁଠୁ ବଡ଼ ହୋଇଥିବାରୁ ଈଶ୍ୱରଙ୍କ ନାମ **'ବ୍ରହ୍ମ'** । ଅତଏବ ଏହିପରି ଭାବେ ଈଶ୍ୱରଙ୍କ ନାମ **'ସତ୍ୟ, ଜ୍ଞାନ, ଅନନ୍ତ ଓ ବ୍ରହ୍ମ'** ଅଟେ ।

**'ଆଙ୍'** ପୂର୍ବକ **'ଡୁଦାଞ୍ ଦାନେ'** ଧାତୁରୁ **'ଆଦି'** ଶବ୍ଦ ଉତ୍ପନ୍ନ ହୁଏ । **'ଆଦି'** ଶବ୍ଦ ପୂର୍ବରୁ **'ନଞ୍'** ଯୋଗ ହେଲେ **'ଅନାଦି'** ଶବ୍ଦ ସିଦ୍ଧ ହୁଏ । **'ୟସ୍ମାତ୍ ପୂର୍ବଂ ନାସ୍ତି ପରଂ ଚାସ୍ତି ସ ଆଦିରିତ୍ୟୁଚ୍ୟତେ । ନ ବିଦ୍ୟତେ ଆଦିଃ କାରଣଂ ୟସ୍ୟ ସୋଽନାଦିରୀଶ୍ୱରଃ'** — ଯାହା ପୂର୍ବରୁ କିଛି ନ ଥାଏ ଓ ପରେ ଥାଏ, ତାହାକୁ 'ଆଦି' କହନ୍ତି । ଯାହାଙ୍କ ଆଦି କାରଣ କେହି ନାହିଁ, ଏଣୁ ସେ ଈଶ୍ୱରଙ୍କ ନାମ **'ଅନାଦି'** ।

**'ଅସ ଭୁବି'** ଧାତୁରୁ **'ସତ୍'** ଶବ୍ଦ ସିଦ୍ଧ ହୁଏ । **'ୟଦସ୍ତି, ତ୍ରିଷୁ କାଲେଷୁ ନ ବାଧ୍ୟତେ ତତ୍ ସଦ୍ ବ୍ରହ୍ମ'** — ଯିଏ ସର୍ବଦା ବିଦ୍ୟମାନ; ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏ ତ୍ରିକାଳରେ ଯିଏ ବାଧିତ ନୁହନ୍ତି, ସେହି ପରମେଶ୍ୱରଙ୍କୁ **'ସତ୍'** କୁହାଯାଏ ।

**'ଚିତୀ ସଂଜ୍ଞାନେ'** ଧାତୁରୁ **'ଚିତ୍'** ଶବ୍ଦ ସିଦ୍ଧ ହୁଏ । **'ୟଶ୍ଚେତତି ଚେତୟତି ସଂଜ୍ଞାପୟତି ସର୍ବାନ୍**

**ସଜ୍ଜନାନ୍ ଯୋଗିନଶ୍ଚେତ୍ ପରଂ ବ୍ରହ୍ମ'** — ଯିଏ ଚେତନସ୍ୱରୂପ ଅଟନ୍ତି ଏବଂ ସକଳ ସଜ୍ଜନ ଓ ଯୋଗୀଙ୍କୁ ଚେତାନ୍ତି, ସତ୍ୟ-ଅସତ୍ୟର ବୋଧ କରାନ୍ତି, ସେହି ପରମାତ୍ମାଙ୍କ ନାମ **'ଚିତ୍'** ।

**'ଆଙ୍'** ପୂର୍ବକ **'ଟୁନଦି ସମୃଦ୍ଧୌ'** ଧାତୁରୁ **'ଆନନ୍ଦ'** ଶବ୍ଦ ସିଦ୍ଧ ହୁଏ । **'ଆନନ୍ଦନ୍ତି ସର୍ବେ ମୁକ୍ତା ଯସ୍ମିନ୍, ଯଦ୍ୱା ଯଃ ସର୍ବାନ୍ ଜୀବାନାନନ୍ଦୟତି ସ ଆନନ୍ଦଃ'** — ଯିଏ ସ୍ୱୟଂ ଆନନ୍ଦସ୍ୱରୂପ ଅଟନ୍ତି, ଯାହାଙ୍କଠାରେ ସମସ୍ତ ମୁକ୍ତ ଜୀବ ଆନନ୍ଦ ପ୍ରାପ୍ତ କରନ୍ତି ଏବଂ ଯିଏ ସକଳ ଧର୍ମାତ୍ମାଙ୍କୁ ଆନନ୍ଦିତ କରନ୍ତି , ସେ ଈଶ୍ୱରଙ୍କ ନାମ **'ଆନନ୍ଦ'** ।

'ସତ୍', 'ଚିତ୍' ଓ 'ଆନନ୍ଦ' ଏ ତିନୋଟି ଶବ୍ଦର ବିଶେଷଣ ହୋଇଥିବାରୁ ପରମେଶ୍ୱରଙ୍କୁ **'ସଚ୍ଚିଦାନନ୍ଦସ୍ୱରୂପ'** କୁହାଯାଏ ।

**'ଯୋ ଧ୍ରୁବୋଽଚଲୋଽବିନାଶୀ ସ ନିତ୍ୟଃ'** — ନିଶ୍ଚଳ, ଅବିନାଶୀ ହୋଇଥିବାରୁ ଈଶ୍ୱରଙ୍କ ନାମ **'ନିତ୍ୟ'** ।

**'ଶୁନ୍ଧ ଶୁଦ୍ଧୌ'** ଧାତୁରୁ **'ଶୁଦ୍ଧ'** ଶବ୍ଦ ନିଷ୍ପନ୍ନ । **'ଯଃ ଶୁନ୍ଧତି ସର୍ବାନ୍ ଶୋଧୟତି ବା ସ ଶୁଦ୍ଧ ଈଶ୍ୱରଃ'** — ଯିଏ ନିଜେ ପବିତ୍ର, ସବୁ ଅଶୁଦ୍ଧିରୁ ରହିତ ଏବଂ ସବୁ ପଦାର୍ଥକୁ ଶୁଦ୍ଧ କରନ୍ତି, ସେହି ଈଶ୍ୱରଙ୍କ ନାମ **'ଶୁଦ୍ଧ'** ।

**'ବୁଧ ଅବଗମନେ'** ଧାତୁରେ **'କ୍ତ'** ପ୍ରତ୍ୟୟ ଯୋଗ ହେଲେ **'ବୁଦ୍ଧ'** ଶବ୍ଦ ଉତ୍ପନ୍ନ ହୁଏ । **'ଯୋ ବୁଦ୍ଧବାନ୍ ସଦୈବ ଜ୍ଞାତାଽସ୍ତି ସ ବୁଦ୍ଧୋ ଜଗଦୀଶ୍ୱରଃ'** — ଯିଏ ସର୍ବଦା ସମସ୍ତଙ୍କୁ ଜାଣନ୍ତି, ସେହି ଈଶ୍ୱରଙ୍କ ନାମ **'ବୁଦ୍ଧ'** ।

**'ମୁଚ୍‌ଲୃ ମୋଚନେ'** ଧାତୁରୁ **'ମୁକ୍ତ'** ଶବ୍ଦ ନିଷ୍ପନ୍ନ । **'ଯୋ ମୁଞ୍ଚତି ମୋଚୟତି ବା ମୁମୁକ୍ଷୂନ୍ ସ ମୁକ୍ତୋ ଜଗଦୀଶ୍ୱରଃ'** — ଯିଏ ସର୍ବଦା ସକଳ ଅପବିତ୍ରତାରୁ ରହିତ ଅଟନ୍ତି ଏବଂ ସକଳ ମୁମୁକ୍ଷୁଙ୍କୁ କ୍ଲେଶରୁ ମୁକ୍ତ କରିଦିଅନ୍ତି, ସେହି ପରମାତ୍ମାଙ୍କ ନାମ **'ମୁକ୍ତ'** ।

**'ଅତ ଏବ ନିତ୍ୟଶୁଦ୍ଧବୁଦ୍ଧମୁକ୍ତସ୍ୱଭାବୋ ଜଗଦୀଶ୍ୱରଃ'** — ଅତଏବ ପରମେଶ୍ୱରଙ୍କ ସ୍ୱଭାବ ନିତ୍ୟ, ଶୁଦ୍ଧ, ବୁଦ୍ଧ ଓ ମୁକ୍ତ ।

**'ନିର୍'** ଓ **'ଆଙ୍'** ପୂର୍ବକ **'ଡୁକୃଞ୍ କରଣେ'** ଧାତୁରୁ **'ନିରାକାର'** ଶବ୍ଦ ସିଦ୍ଧ ହୁଏ । **'ନିର୍ଗତ ଆକାରାତ୍ ସ ନିରାକାରଃ'** — ଯାହାଙ୍କର କୌଣସି ଆକାର ନାହିଁ କି ଯିଏ କଦାପି ଶରୀର ଧାରଣ କରନ୍ତି ନାହିଁ, ସେହି ପରମେଶ୍ୱରଙ୍କ ନାମ **'ନିରାକାର'** ।

**'ଅଂଜୂ ବ୍ୟକ୍ତିମ୍ରକ୍ଷଣକାନ୍ତିଗତିଷୁ'**ଧାତୁରୁ **'ଅଞ୍ଜନ'** ଶବ୍ଦ ଗଠିତ । ତା' ପୂର୍ବରୁ **'ନିର୍'** ଉପସର୍ଗ ଯୁକ୍ତ ହେଲେ **'ନିରଞ୍ଜନ'** ଶବ୍ଦ ସିଦ୍ଧ ହୁଏ । **'ଅଞ୍ଜନଂ ବ୍ୟକ୍ତିର୍ମ୍ରକ୍ଷଣଂ କୁକାମନାଭିଃ-ଇନ୍ଦ୍ରିୟୈଃ ପ୍ରାପ୍ତିଶ୍ଚେତ୍ୟସ୍ମାଦ୍ ଯୋ ନିର୍ଗତଃ ପୃଥଗ୍‌ଭୂତଃ ସ ନିରଞ୍ଜନଃ'** — ଯିଏ ବ୍ୟକ୍ତି ଅର୍ଥାତ୍ ଆକୃତି, ମ୍ରକ୍ଷାଚାର(ପାଖଣ୍ଡ ବା ଛଳ-କପଟଯୁକ୍ତ ଆଚରଣ), ଦୁଷ୍ଟକାମନା ଏବଂ ଇନ୍ଦ୍ରିୟଗୁଡ଼ିକର ବିଷୟସମୂହ (ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ)ରୁ ପୃଥକ୍, ସେହି ଈଶ୍ୱରଙ୍କ ନାମ **'ନିରଞ୍ଜନ'** ।

**'ଗଣ ସଂଖ୍ୟାନେ'** ଧାତୁରୁ **'ଗଣ'** ଶବ୍ଦ ସିଦ୍ଧ ହୁଏ । ଏହା ସହ **'ଈଶ'** ଓ **'ପତି'** ଶବ୍ଦ ଯୋଡ଼ିଲେ ଯଥାକ୍ରମେ **'ଗଣେଶ'** ଏବଂ **'ଗଣପତି'** ଶବ୍ଦ ଉତ୍ପନ୍ନ ହୁଏ । **'ଯେ ପ୍ରକୃତ୍ୟାଦୟୋ ଜଡ଼ା ଜୀବାଶ୍ଚ ଗଣ୍ୟନ୍ତେ ସଂଖ୍ୟାୟନ୍ତେ, ତେଷାମୀଶଃ ସ୍ୱାମୀ ପତିଃ ପାଲକୋ ବା ସ ଗଣେଶୋ ଗଣପତିର୍ବା'** — ପ୍ରକୃତି ଆଦି ଜଡ଼ ପଦାର୍ଥ ଓ ସକଳ

ଜୀବଗଣଙ୍କର ଯିଏ ସ୍ୱାମୀ ବା ପାଳନକର୍ତ୍ତା ଅଟନ୍ତି, ସେହି ଈଶ୍ୱରଙ୍କ ନାମ **'ଗଣେଶ'** ବା **'ଗଣପତି'** ଅଟେ ।

**'ଯୋ ବିଶ୍ୱମୀଷ୍ଟେ ସ ବିଶ୍ୱେଶ୍ୱରଃ'** — ଯିଏ ବିଶ୍ୱବ୍ରହ୍ମାଣ୍ଡର ଅଧିଷ୍ଠାତା, ସେ ଈଶ୍ୱରଙ୍କ ନାମ **'ବିଶ୍ୱେଶ୍ୱର'** ।

**'ଯଃ କୂଟେଽନେକବିଧବ୍ୟବହାରେ ସ୍ୱସ୍ୱରୂପେଣୈବ ତିଷ୍ଠତି ସ କୂଟସ୍ଥଃ ପରମେଶ୍ୱରଃ'** — ଯିଏ ସକଳ ବ୍ୟବହାରରେ ପରିବ୍ୟାପ୍ତ ଏବଂ ସମସ୍ତ ବ୍ୟବହାରର ଆଧାର ହୋଇ ସୁଦ୍ଧା କେଉଁଥିରେ ବି ସ୍ୱ ସ୍ୱରୂପକୁ ପରିବର୍ତ୍ତନ କରନ୍ତି ନାହିଁ, ଅତଃ ସେହି ଈଶ୍ୱରଙ୍କ ନାମ **'କୂଟସ୍ଥ'** ।

**'ଦେବ'** ଶବ୍ଦର ଯାହା-ଯାହା ଅର୍ଥ ଲେଖାଯାଇଛି, **'ଦେବୀ'** ଶବ୍ଦର ଅର୍ଥ ବି ତାହା । ପୁଂଲିଙ୍ଗରେ 'ଦେବ' ଶବ୍ଦ ହେଉଥିବା ବେଳେ ସ୍ତ୍ରୀଲିଙ୍ଗରେ 'ଦେବୀ' ଶବ୍ଦ ହୁଏ । ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଳୀବଲିଙ୍ଗ ଏ ତିନୋଟି ଯାକ ଲିଙ୍ଗରେ ପରମେଶ୍ୱରଙ୍କ ନାମ ବିଦ୍ୟମାନ । ଯଥା— **'ବ୍ରହ୍ମ ଚିତିରୀଶ୍ୱରଶ୍ଚେତି'** । 'ଈଶ୍ୱର' ଶବ୍ଦର ବିଶେଷଣ ରୂପେ ପ୍ରଯୁକ୍ତ ହେଲେ 'ଦେବ' ଶବ୍ଦ ପ୍ରଯୁକ୍ତ ହୁଏ, 'ଚିତି' ଶବ୍ଦର ବିଶେଷଣ ରୂପେ ପ୍ରଯୁକ୍ତ ହେଲେ 'ଦେବୀ' ଶବ୍ଦ ବ୍ୟବହୃତ ହୁଏ । ଏଣୁ ଈଶ୍ୱରଙ୍କ ନାମ **'ଦେବୀ'** ।

**'ଶକ୍ଳୃ ଶକ୍ତୌ'** ଧାତୁରୁ **'ଶକ୍ତି'** ଶବ୍ଦର ଉତ୍ପତ୍ତି । **'ଯଃ ସର୍ବଂ ଜଗତ୍ କର୍ତ୍ତୁଂ ଶକ୍ନୋତି ସ ଶକ୍ତିଃ'** — ଯିଏ ସକଳ ଜଗତକୁ ନିର୍ମାଣ କରିବାରେ ସମର୍ଥ, ସେହି ପରମେଶ୍ୱରଙ୍କ ନାମ **'ଶକ୍ତି'** ।

**'ଶ୍ରିଞ୍ ସେବାୟାମ୍'** ଧାତୁରୁ **'ଶ୍ରୀ'** ଶବ୍ଦ ତିଆରି । **'ଯଃ ଶ୍ରୀୟତେ ସେବ୍ୟତେ ସର୍ବେଣ ଜଗତା ବିଦ୍ୱଦ୍‌ଭି-ର୍ୟୋଗିଭିଶ୍ଚ ସ ଶ୍ରୀରୀଶ୍ୱରଃ'** — ଯିଏ ସକଳ ଜଗତ, ବିଦ୍ୱାନ୍ ଓ ଯୋଗୀଜନଙ୍କ ସେବ୍ୟ ସେହି ପରମାତ୍ମାଙ୍କ ନାମ **'ଶ୍ରୀଃ'** ।

**'ଲକ୍ଷ ଦର୍ଶନାଙ୍କନୟୋଃ'** ଧାତୁରୁ **'ଲକ୍ଷ୍ମୀ'** ଶବ୍ଦ ସିଦ୍ଧ ହୁଏ । **'ଯୋ ଲକ୍ଷୟତି ପଶ୍ୟତ୍ୟଙ୍କତେ ଚିହ୍ନୟତି ଚରାଽଚରଂ ଜଗତ୍, ଅଥବା ବେଦୈରାପ୍ତୈର୍ୟୋଗିଭିଶ୍ଚ ଯୋ ଲକ୍ଷ୍ୟତେ ସ ଲକ୍ଷ୍ମୀଃ ସର୍ବପ୍ରିୟେଶ୍ୱରଃ'** — ଯିଏ ସକଳ ଚରାଚର ଜଗତକୁ ଦେଖନ୍ତି, ବିବିଧ ଚିହ୍ନ ଦ୍ୱାରା ଚିହ୍ନିତ କରନ୍ତି, ଯଥା— ଶରୀରରେ ଚକ୍ଷୁ, ନାସିକା ଆଦି ଅଙ୍ଗପ୍ରତ୍ୟଙ୍ଗ; ବୃକ୍ଷରେ ପତ୍ର, ପୁଷ୍ପ, ଫଳ, ମୂଳ; ପୃଥିବୀ, ଜଳରେ କୃଷ୍ଣ, ରକ୍ତ, ଶ୍ୱେତ ମୃତ୍ତିକା, ପାଷାଣ ଆଦି; ଚନ୍ଦ୍ର-ସୂର୍ଯ୍ୟାଦି ଚିହ୍ନ ତିଆରି କରନ୍ତି, ସମସ୍ତଙ୍କୁ ଦେଖାନ୍ତି ତଥା ସର୍ବ ଶୋଭାର ଶୋଭା ଏବଂ ଯିଏ ବେଦାଦି ଶାସ୍ତ୍ର, ଧାର୍ମିକ ବିଦ୍ୱାନ୍ ଓ ଯୋଗୀଜନଙ୍କ ଲକ୍ଷ୍ୟ ଅର୍ଥାତ୍ ଦର୍ଶନ ଯୋଗ୍ୟ ଅଟନ୍ତି, ସେହି ପରମେଶ୍ୱରଙ୍କ ନାମ **'ଲକ୍ଷ୍ମୀ'** ।

**'ସୃ ଗତୌ'** ଧାତୁରୁ **'ସରସ୍'** ଶବ୍ଦ ଏବଂ ଏଥିରେ **'ମତୁପ୍'** ଓ **'ଙୀପ୍'** ପ୍ରତ୍ୟୟ ଯୋଗ ହୋଇ **'ସରସ୍ୱତୀ'** ଶବ୍ଦ ଉତ୍ପନ୍ନ ହୁଏ । **'ସରୋ ବିବିଧଂ ଜ୍ଞାନଂ ବିଦ୍ୟତେ ୟସ୍ୟାଂ ଚିତୌ ସା ସରସ୍ୱତୀ'** — ଯାହାଙ୍କଠାରେ ବିବିଧ ବିଜ୍ଞାନ ଅର୍ଥାତ୍ ଶବ୍ଦ-ଅର୍ଥ-ସମ୍ବନ୍ଧ ଓ ପ୍ରୟୋଗର ଜ୍ଞାନ ଯଥାଯଥ ରୂପେ ବିଦ୍ୟମାନ, ସେ ଈଶ୍ୱରଙ୍କ ନାମ **'ସରସ୍ୱତୀ'** ।

**'ସର୍ବାଃ ଶକ୍ତୟୋ ବିଦ୍ୟନ୍ତେ ୟସ୍ମିନ୍ ସ ସର୍ବଶକ୍ତିମାନୀଶ୍ୱରଃ'** — ଯିଏ ନିଜର କାର୍ଯ୍ୟ କରିବାରେ ଲେଶମାତ୍ର ବି ଅନ୍ୟର ସହାୟତାର ଇଚ୍ଛା ରଖନ୍ତି ନାହିଁ, ନିଜ ସାମର୍ଥ୍ୟ ବଳରେ ହିଁ ନିଜର ସକଳ କାର୍ଯ୍ୟ ସମ୍ପାଦନ କରନ୍ତି, ସେହି ପରମାତ୍ମାଙ୍କ ନାମ **'ସର୍ବଶକ୍ତିମାନ୍'** ।

**'ଣୀଞ୍ ପ୍ରାପଣେ'** ଧାତୁରୁ **'ନ୍ୟାୟ'** ଶବ୍ଦ ସିଦ୍ଧ ହୁଏ । **'ପ୍ରମାଣୈରର୍ଥପରୀକ୍ଷଣଂ ନ୍ୟାୟଃ'** (ନ୍ୟାୟ. ବାତ୍ସାୟନ. ୧:୧:୧) ଓ **'ପକ୍ଷପାତରାହିତ୍ୟାଚରଣଂ ନ୍ୟାୟଃ'** —ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ପରୀକ୍ଷା କରିବା ପରେ

ଯାହା ସତ୍ୟ ପ୍ରମାଣିତ ହୁଏ ଏବଂ ଯାହା ପକ୍ଷପାତରହିତ ଧର୍ମରୂପକ ଆଚରଣ, ତାହା 'ନ୍ୟାୟ' । **'ନ୍ୟାୟଂ କର୍ତ୍ତୁଂ ଶୀଲମସ୍ୟ ସ ନ୍ୟାୟକାରୀଶ୍ୱରଃ'** — ନ୍ୟାୟ ଅର୍ଥାତ୍ ପକ୍ଷପାତରହିତ ଧର୍ମ ଆଚରଣ ହିଁ ଯାହାଙ୍କ ସ୍ୱଭାବ, ସେ ଈଶ୍ୱରଙ୍କ ନାମ **'ନ୍ୟାୟକାରୀ'** ।

**'ଦୟ ଦାନଗତିରକ୍ଷଣହିଂସାଦାନେଷୁ'** ଧାତୁରୁ **'ଦୟା'** ଶବ୍ଦ ସିଦ୍ଧ ହୁଏ । **'ଦୟତେ ଦଦାତି ଜାନାତି ଗଚ୍ଛତି ରକ୍ଷତି ହିନସ୍ତି ଯୟା ସା ଦୟା, ବହ୍ୱୀ ଦୟା ବିଦ୍ୟତେ ଯସ୍ୟ ସ ଦୟାଲୁଃ ପରମେଶ୍ୱରଃ'** — ଯିଏ ଅଭୟ ପ୍ରଦାତା, ସତ୍ୟ-ଅସତ୍ୟ ସକଳ ବିଦ୍ୟାର ଜ୍ଞାତା, ସଜ୍ଜନମାନଙ୍କ ରକ୍ଷାକର୍ତ୍ତା ଏବଂ ଦୁଷ୍ଟମାନଙ୍କୁ ଯଥାଯଥ ଦଣ୍ଡ ଦାତା, ସେହି ଈଶ୍ୱରଙ୍କ ନାମ **'ଦୟାଳୁ'** ।

**'ଦ୍ୱୟୋର୍ଭାବୋ ଦ୍ୱାଭ୍ୟାମିତଂ ସା ଦ୍ୱିତା ଦ୍ୱୀତଂ ବା, ସୈବ ତଦେବ ବା ଦ୍ୱୈତମ୍ । ନ ବିଦ୍ୟତେ ଦ୍ୱୈତଂ ଦ୍ୱିତୀୟେଶ୍ୱରଭାବୋ ଯସ୍ମିଂସ୍ତଦଦ୍ୱୈତମ୍ ।'** ଅର୍ଥାତ୍ **'ସଜାତୀୟବିଜାତୀୟସ୍ୱଗତଭେଦଶୂନ୍ୟଂ ବ୍ରହ୍ମ'** — ଦୁଇର ବିଦ୍ୟମାନତା ବା କୌଣସି ବସ୍ତୁ ସହ 'ଦୁଇ' ସଂଖ୍ୟା ଯୋଡ଼ି ହେବା ସ୍ଥିତି ଦ୍ୱିତା ବା ଦ୍ୱୀତ କିମ୍ବା ଦ୍ୱୈତ ଅଟେ । ଯାହା ଦ୍ୱୈତରୁ ରହିତ ତାହା 'ଅଦ୍ୱୈତ' । ଗୋଟିଏ ଜାତିର ଦୁଇଟି ପଦାର୍ଥ ମଧ୍ୟରେ ଥିବା ପ୍ରଭେଦ, ଯଥା— ମଣିଷ ଜାତି ଭିତରେ ମଣିଷ-ମଣିଷ ମଧ୍ୟରେ ଥିବା ପାର୍ଥକ୍ୟ, **ସଜାତୀୟ** ଭେଦ ଅଟେ । ଦୁଇଟି ଅଲଗା ଜାତି ମଧ୍ୟରେ ଥିବା ପ୍ରଭେଦ, ଯଥା — ମନୁଷ୍ୟ ଏବଂ ବୃକ୍ଷ, ପାଷାଣ ଆଦି ଭିତରେ ଥିବା ପାରସ୍ପରିକ ପାର୍ଥକ୍ୟ, **ବିଜାତୀୟ** ଭେଦ । ଏକ ପଦାର୍ଥର ଭିନ୍ନ-ଭିନ୍ନ ଅବୟବ ମଧ୍ୟରେ ଥିବା ପ୍ରଭେଦ, ଯଥା — ମଣିଷ ଶରୀରରେ ଥିବା ଆଖି, ନାକ, କାନ ମଧ୍ୟରେ ଥିବା ପ୍ରଭେଦ, **ସ୍ୱଗତ** ଭେଦ ଅଟେ । ପରମେଶ୍ୱର ଅନ୍ୟ ସଜାତୀୟ ଈଶ୍ୱର, ବିଜାତୀୟ ଈଶ୍ୱର ଏବଂ ନିଜ ସ୍ୱରୂପରେ ଅନ୍ୟ ତତ୍ତ୍ୱର ଉପସ୍ଥିତିରୁ ରହିତ, ଏକରସ ହୋଇଥିବାରୁ, ସେହି ପରମାତ୍ମାଙ୍କ ନାମ **'ଅଦ୍ୱୈତ'** ।

**'ଗୁଣ୍ୟନ୍ତେ ଯେ ତେ ଗୁଣା ବା ଯୈର୍ଗୁଣୟନ୍ତି ତେ ଗୁଣାଃ, ଯୋ ଗୁଣେଭ୍ୟୋ ନିର୍ଗତଃ ସ ନିର୍ଗୁଣ ଈଶ୍ୱରଃ'** — ସତ୍ତ୍ୱ, ରଜ, ତମ, ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଅଦି ଯେତେସବୁ ଜଡ଼ ପଦାର୍ଥର ଗୁଣ ଅଛି ଏବଂ ଅବିଦ୍ୟା, ଅଳ୍ପଜ୍ଞତା, ରାଗ, ଦ୍ୱେଷ ତଥା ଅସ୍ମିତା କ୍ଲେଶ ପ୍ରଭୃତି ଜୀବାତ୍ମାର ଗୁଣ ରହିଛି, ଏସବୁଥିରୁ ଯିଏ ପୃଥକ୍ ସେ ଈଶ୍ୱର ଅଟନ୍ତି । ଏ ସମ୍ବନ୍ଧରେ ଉପନିଷଦରେ ପ୍ରମାଣ ଅଛି — **'ଅଶବ୍ଦମସ୍ପର୍ଶମରୂପମବ୍ୟୟମ୍'** (କଠ. ୩:୧୫) । ଯେହେତୁ ଈଶ୍ୱର ଶବ୍ଦ, ସ୍ପର୍ଶ, ରୂପ ଆଦି ଗୁଣରୁ ରହିତ, ଏଣୁ ପରମାତ୍ମାଙ୍କ ନାମ **'ନିର୍ଗୁଣ'** ।

**'ଯୋ ଗୁଣୈଃ ସହ ବର୍ତ୍ତତେ ସ ସଗୁଣଃ'** — ସର୍ବଜ୍ଞତା, ସକଳ ସୁଖ, ପବିତ୍ରତା, ଅନନ୍ତ ବଳ ଆଦି ଗୁଣରେ ଯୁକ୍ତ ହୋଇଥିବାରୁ ଈଶ୍ୱରଙ୍କ ନାମ **'ସଗୁଣ'** । ଗନ୍ଧାଦି ଗୁଣଯୁକ୍ତ ହୋଇଥିବାରୁ ଯେପରି ପୃଥିବୀ 'ସଗୁଣ' ଏବଂ ଇଚ୍ଛା ଆଦି ଗୁଣରୁ ରହିତ ହୋଇଥିବାରୁ 'ନିର୍ଗୁଣ', ସେହିପରି ଜଗତ ଓ ଜୀବର ଗୁଣରୁ ରହିତ ହୋଇଥିବାରୁ ଈଶ୍ୱର 'ନିର୍ଗୁଣ' ଏବଂ ସର୍ବଜ୍ଞତା ଆଦି ଗୁଣଯୁକ୍ତ ହୋଇଥିବାରୁ 'ସଗୁଣ' ଅଟନ୍ତି । ଅର୍ଥାତ୍ ନିଷ୍କର୍ଷ ହେଲା ଯେ ଏପରି କୌଣସି ପଦାର୍ଥ ନାହିଁ ଯାହା ସଗୁଣତା ଓ ନିର୍ଗୁଣତାରୁ ଅଲଗା ରହିପାରିବ । ଯେପରି ଚେତନ ପଦାର୍ଥର ଗୁଣରୁ ରହିତ ହେବାରୁ ଜଡ଼ ପଦାର୍ଥ 'ନିର୍ଗୁଣ', କିନ୍ତୁ ନିଜ ଗୁଣ ସହିତ ଯୁକ୍ତ ରହିଥିବାରୁ 'ସଗୁଣ', ସେପରି ହିଁ ଜଡ଼ର ଗୁଣସମୂହରୁ ପୃଥକ୍ ହୋଇଥିବାରୁ ଜୀବ 'ନିର୍ଗୁଣ' ଓ ଇଚ୍ଛାଦି ସ୍ୱ ଗୁଣ ସହ ସଂଯୁକ୍ତ ଥିବାରୁ 'ସଗୁଣ' । ପରମେଶ୍ୱରଙ୍କ କ୍ଷେତ୍ରରେ ମଧ୍ୟ ଏପରି ହିଁ ବୁଝିବା ଉଚିତ ।

**'ଅନ୍ତର୍ଯନ୍ତୁଂ ନିୟନ୍ତୁଂ ଶୀଲଂ ଯସ୍ୟ ସୋଽୟମନ୍ତର୍ଯାମୀ'** — ଯିଏ ପ୍ରାଣୀ-ଅପ୍ରାଣୀ ସମସ୍ତ ଜଗତରେ ବ୍ୟାପକ ହୋଇ ସମସ୍ତଙ୍କୁ ନିୟମନ କରନ୍ତି, ସେ ପରମେଶ୍ୱରଙ୍କ ନାମ **'ଅନ୍ତର୍ଯାମୀ'** ।

**'ଯୋ ଧର୍ମେ ରାଜତେ ସ ଧର୍ମରାଜଃ'** — ଯିଏ ଅଧର୍ମରୁ ରହିତ ଓ ଧର୍ମରେ ହିଁ ପ୍ରକାଶମାନ, ଧର୍ମର ହିଁ ପ୍ରକାଶ କରନ୍ତି, ସେହି ଈଶ୍ୱରଙ୍କ ନାମ **'ଧର୍ମରାଜ'** ।

**'ଯମୁ ଉପରମେ'** ଧାତୁରୁ **'ଯମ'** ଶବ୍ଦର ଉତ୍ପତ୍ତି । **'ଯଃ ସର୍ବାନ୍ ପ୍ରାଣୀନୋ ନିୟଚ୍ଛତି ସ ଯମଃ'** — ଯିଏ ସମସ୍ତ ପ୍ରାଣୀଙ୍କୁ ସେମାନଙ୍କ କର୍ମ ଅନୁସାରେ ଫଳ ଦିଅନ୍ତି, କୌଣସି ଅନ୍ୟାୟ କରନ୍ତି ନାହିଁ, ସଦା ନ୍ୟାୟ ଅନୁସାରେ କର୍ମ କରନ୍ତି, ସେହି ଈଶ୍ୱରଙ୍କ ନାମ **'ଯମ'** ।

**'ଭଜ ସେବାୟାମ୍'** ଧାତୁରୁ **'ଭଗ'** ଶବ୍ଦ ଉତ୍ପନ୍ନ ହୁଏ । ଏଥିରେ **'ମତୁପ୍'** ପ୍ରତ୍ୟୟ ଯୋଗ ହେଲେ **'ଭଗବାନ୍'** ଶବ୍ଦ ସିଦ୍ଧ ହୁଏ । **'ଭଗଃ ସକଲୈଶ୍ୱର୍ଯ୍ୟଂ ସେବନଂ ବା ବିଦ୍ୟତେ ଯସ୍ୟ ସ ଭଗବାନ୍'** — ଯିଏ ସକଳ ଐଶ୍ୱର୍ଯ୍ୟ ସଂପନ୍ନ, ଯିଏ ଭଜନ ଯୋଗ୍ୟ, ସେ ଈଶ୍ୱରଙ୍କ ନାମ **'ଭଗବାନ୍'** ।

**'ମନ ଜ୍ଞାନେ'** ଧାତୁରୁ **'ମନୁ'** ଶବ୍ଦ ତିଆରି ହୁଏ । **'ଯୋ ମନ୍ୟତେ ସ ମନୁଃ'** — ଯିଏ ଜ୍ଞାନସ୍ୱରୂପ ଓ ମାନନୀୟ, ସେହି ଈଶ୍ୱରଙ୍କ ନାମ **'ମନୁ'** ।

**'ପୃ ପାଳନପୂରଣୟୋଃ'** ଧାତୁରୁ **'ପୁରୁଷ'** ଶବ୍ଦ ସିଦ୍ଧ ହୁଏ । **'ଯଃ ସ୍ୱବ୍ୟାପ୍ତ୍ୟା ଚରାଽଚରଂ ଜଗତ୍ ପୃଣାତି ପୂରୟତି ବା ସଃ ପୁରୁଷଃ'** — ଯିଏ ସ୍ୱ ବ୍ୟାପ୍ତିରେ ସକଳ ଚରାଚର ଜଗତରେ ପୂରି ରହିଛନ୍ତି, ସେହି ଈଶ୍ୱରଙ୍କ ନାମ **'ପୁରୁଷ'** ।

**'ବିଶ୍ୱ'** ପୂର୍ବକ **'ଡୁଭୃଞ୍ ଧାରଣପୋଷଣୟୋଃ'** ଧାତୁରୁ **'ବିଶ୍ୱମ୍ଭର'** ଶବ୍ଦ ଉତ୍ପନ୍ନ ହୁଏ । **'ଯୋ ବିଶ୍ୱଂ ବିଭର୍ତ୍ତି ଧରତି ପୁଷ୍ଣାତି ବା ସ ବିଶ୍ୱମ୍ଭରୋ ଜଗଦୀଶ୍ୱରଃ'** — ଜଗତର ଧାରଣ ଓ ପୋଷଣ କରୁଥିବାରୁ ସେହି ଈଶ୍ୱରଙ୍କ ନାମ **'ବିଶ୍ୱମ୍ଭର'** ।

**'କଲ ସଂଖ୍ୟାନେ'** ଧାତୁରୁ **'କାଳ'** ଶବ୍ଦ ନିଷ୍ପନ୍ନ । **'କଲୟତି ସଂଖ୍ୟାତି ସର୍ବାନ୍ ପଦାର୍ଥାନ୍ ସ କାଳଃ'** — ଜଗତର ସମସ୍ତ ପଦାର୍ଥ ଓ ଜୀବାତ୍ମାଙ୍କ ସଂଖ୍ୟା ବା କଳନା କରିପାରୁଥିବାରୁ ସେହି ଈଶ୍ୱରଙ୍କ ନାମ **'କାଳ'** ।

**'ଶିଷ୍ଲୃ ବିଶେଷଣେ'** ଧାତୁରୁ **'ଶେଷ'** ଶବ୍ଦ ସିଦ୍ଧ ହୁଏ । **'ଯଃ ଶିଷ୍ୟତେ ସ ଶେଷଃ'** — ଉତ୍ପତ୍ତି ଓ ପ୍ରଳୟରେ ଯିଏ ଶେଷ, ଅବଶିଷ୍ଟ ବା ବଳକା ରହିଯାନ୍ତି ଅର୍ଥାତ୍ ଯିଏ ଉତ୍ପତ୍ତି-ପ୍ରଳୟ ପ୍ରକ୍ରିୟାର ଅନ୍ତର୍ଗତ ନୁହନ୍ତି, ଯାହା ଉପରେ ଉତ୍ପତ୍ତି-ପ୍ରଳୟର କୌଣସି ପ୍ରଭାବ, ବିକାର ପଡ଼େ ନାହିଁ, ସେହି ନିର୍ବିକାର ପରମାତ୍ମାଙ୍କ ନାମ **'ଶେଷ'** ।

**'ଆପ୍ଲୃ ବ୍ୟାପ୍ତୌ'** ଧାତୁରୁ **'ଆପ୍ତ'** ଶବ୍ଦ ସିଦ୍ଧ ହୁଏ । **'ଯଃ ସର୍ବାନ୍ ଧର୍ମାତ୍ମନ ଆପ୍ନୋତି ବା ସର୍ବୈ-ର୍ଧର୍ମାତ୍ମଭିରାପ୍ୟତେ ଛଲାଦିରହିତଃ ସ ଆପ୍ତଃ'** — ଯିଏ ସତ୍ୟୋପଦେଶକ, ସକଳ ବିଦ୍ୟାଯୁକ୍ତ, ସର୍ବ ଧର୍ମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି ଏବଂ ସମସ୍ତ ଧର୍ମାତ୍ମାଙ୍କ ଦ୍ୱାରା ପ୍ରାପ୍ତଯୋଗ୍ୟ ତଥା ଛଳ-କପଟ ଆଦି ବ୍ୟବହାରରୁ ରହିତ, ତେଣୁ ସେହି ପରମାତ୍ମାଙ୍କ ନାମ **'ଆପ୍ତ'** ।

**'ଶମ୍'** ପୂର୍ବକ **'ଡୁକୃଞ୍ କରଣେ'** ଧାତୁରୁ **'ଶଙ୍କର'** ଶବ୍ଦ ସିଦ୍ଧ ହୁଏ । **'ଯଃ ଶଂ କଲ୍ୟାଣଂ ସୁଖଂ କରୋତି ସ ଶଙ୍କରଃ'** — କଲ୍ୟାଣକାରୀ ବା ସୁଖଦାତା ହୋଇଥିବାରୁ ସେହି ଈଶ୍ୱରଙ୍କ ନାମ **'ଶଙ୍କର'** ।

**'ମହତ୍'** ଶବ୍ଦ ପୂର୍ବକ **'ଦେବ'** ଶବ୍ଦରୁ **'ମହାଦେବ'** ଶବ୍ଦ ଉତ୍ପନ୍ନ ହୁଏ । **'ଯୋ ମହତାଂ ଦେବଃ ସ**

**ମହାଦେବଃ'** — ଯିଏ ମହାନ୍ ଦେବଙ୍କର ବି ଦେବ ଅର୍ଥାତ୍ ବିଦ୍ୱାନ୍‌ଙ୍କର ବି ବିଦ୍ୱାନ୍, ସୂର୍ଯ୍ୟାଦି ପଦାର୍ଥଗୁଡ଼ିକର ପ୍ରକାଶକ, ସେହି ପରମାତ୍ମାଙ୍କ ନାମ **'ମହାଦେବ'** ।

**'ପ୍ରୀଞ୍ ତର୍ପଣେ କାନ୍ତୌ ଚ'** ଧାତୁରୁ **'ପ୍ରିୟ'** ଶବ୍ଦ ସିଦ୍ଧ ହୁଏ । **'ୟଃ ପ୍ରୀଣାତି ପ୍ରୀୟତେ ବା ସ ପ୍ରିୟଃ'** — ଯିଏ ସମସ୍ତ ଧର୍ମାତ୍ମା, ମୁମୁକ୍ଷୁ ଓ ସଜ୍ଜନଙ୍କୁ ପ୍ରସନ୍ନ କରନ୍ତି ଏବଂ ସମସ୍ତଙ୍କର କାମ୍ୟ, ସେହି ଈଶ୍ୱରଙ୍କ ନାମ **'ପ୍ରିୟ'** ।

**'ସ୍ୱୟଂ'** ପୂର୍ବକ **'ଭୂ ସତ୍ତାୟାମ୍'** ଧାତୁରୁ **'ସ୍ୱୟମ୍ଭୂ'** ଶବ୍ଦ ସିଦ୍ଧ ହୁଏ । **'ୟଃ ସ୍ୱୟଂ ଭବତି ସ ସ୍ୱୟମ୍ଭୂରୀଶ୍ୱରଃ'** — ଯିଏ ସ୍ୱ ସତ୍ତାରେ ସ୍ୱୟଂ ସଦା ବିଦ୍ୟମାନ ଅଛନ୍ତି, କାହାଠାରୁ କେବେ ଉତ୍ପନ୍ନ ହୋଇନାହାନ୍ତି, ସେହି ପରମାତ୍ମାଙ୍କ ନାମ **'ସ୍ୱୟମ୍ଭୂ'** ।

**'କୁ ଶବ୍ଦେ'** ଧାତୁରୁ **'କବି'** ଶବ୍ଦ ଉତ୍ପନ୍ନ ହୁଏ । **'ୟଃ କୌତି ଶବ୍ଦୟତି ସର୍ବା ବିଦ୍ୟାଃ ସ କବିରୀଶ୍ୱରଃ'** — ଯିଏ ସର୍ବ ବିଦ୍ୟାର ବେତ୍ତା ଓ ବେଦ ଦ୍ୱାରା ସକଳ ବିଦ୍ୟାର ଉପଦେଶ ଦିଅନ୍ତି, ସେହି ପରମେଶ୍ୱରଙ୍କ ନାମ **'କବି'** ।

**'ଶିବୁ କଲ୍ୟାଣେ'** ଧାତୁରୁ **'ଶିବ'** ଶବ୍ଦ ନିଷ୍ପନ୍ନ । **'ବହୁଲମେତନ୍ନିଦର୍ଶନମ୍'** ଅନୁସାରେ **'ଶିବୁ'** ଧାତୁ ସ୍ୱୀକାର କରାଯାଏ । **'ୟଃ ମଙ୍ଗଲମୟୋ ଜୀବାନାଂ ମଙ୍ଗଲକାରୀ ଚ ସଃ ଶିବଃ'**— ସ୍ୱୟଂ କଲ୍ୟାଣସ୍ୱରୂପ ଓ ସମସ୍ତଙ୍କ କଲ୍ୟାଣକାରୀ ହୋଇଥିବାରୁ ଈଶ୍ୱରଙ୍କ ନାମ **'ଶିବ'** ।

ଏଠାରେ ପରମେଶ୍ୱରଙ୍କ ଏ ଶହେଟି ନାମ ଲେଖାଗଲା । କିନ୍ତୁ ପରମେଶ୍ୱରଙ୍କ ଏତିକି ମାତ୍ର ନାମ ନାହିଁ । ଏତଦ୍ ବ୍ୟତୀତ ତାଙ୍କର ଆହୁରି ଅସଂଖ୍ୟ ନାମ ଅଛି । **କାରଣ ପରମେଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବ ଅନନ୍ତ । ପ୍ରତ୍ୟେକ ଗୁଣ, କର୍ମ ଓ ସ୍ୱଭାବ ଆଧାରରେ ତାଙ୍କର ଗୋଟିଏ-ଗୋଟିଏ ନାମ ଥିବାରୁ ତାଙ୍କର ନାମ ଅସଂଖ୍ୟ ।** ଏଠାରେ ଲେଖାଯାଇଥିବା ନାମଗୁଡ଼ିକ ସିନ୍ଧୁ ସମ୍ମୁଖରେ ଏକ ବିନ୍ଦୁ ମାତ୍ର । ବେଦାଦି ଶାସ୍ତ୍ରରେ ପରମାତ୍ମାଙ୍କର ଅସଂଖ୍ୟ ଗୁଣ-କର୍ମ-ସ୍ୱଭାବ ବର୍ଣ୍ଣିତ ହୋଇଛି । ସେସବୁ ଗ୍ରନ୍ଥର ଅଧ୍ୟୟନ-ଅଧ୍ୟାପନା ଦ୍ୱାରା ଏସବୁର ଜ୍ଞାନ ହୋଇଥାଏ । ତା' ସହ ଅନ୍ୟାନ୍ୟ ପଦାର୍ଥର ଜ୍ଞାନ ବି ସେମାନଙ୍କୁ ଉତ୍ତମ ରୂପେ ହୋଇଥାଏ, ଯେଉଁମାନେ ବେଦାଦି ଶାସ୍ତ୍ର ପଢ଼ନ୍ତି ।

## ମଙ୍ଗଳାଚରଣ ସମୀକ୍ଷା

**ପ୍ରଶ୍ନ** — ଅନ୍ୟ ଗ୍ରନ୍ଥକାରମାନେ ପୁସ୍ତକ ରଚନା କରିବା ସମୟରେ ଗ୍ରନ୍ଥର ଆରମ୍ଭରେ, ମଝିରେ ଓ ଶେଷରେ ମଙ୍ଗଳାଚରଣ କରିଥାନ୍ତି; କିନ୍ତୁ ଆପଣ କାହିଁକି ସେପରି କିଛି ବି କରିନାହାନ୍ତି, ଲେଖିନାହାନ୍ତି ?

**ଉତ୍ତର** — ଏପରି କରିବା ଉଚିତ ନୁହେଁ । କାରଣ ଯିଏ ପୁସ୍ତକର ଆରମ୍ଭରେ, ମଝିରେ ଓ ଶେଷରେ ମଙ୍ଗଳ କରିବେ, ତାଙ୍କ ଗ୍ରନ୍ଥର ଆରମ୍ଭ ଓ ମଝି ଭିତରେ ଏବଂ ମଝି ଓ ଶେଷ ଭିତରେ ଯାହା କିଛି ଲେଖା ହୋଇଥିବ, ସେ ସବୁ ଅମଙ୍ଗଳ ହିଁ ରହିବ । ଏଣୁ **'ମଙ୍ଗଲାଚରଣଂ ଶିଷ୍ଟାଚାରତ୍ ଫଲଦର୍ଶନାଚ୍ଛ୍ରୁତିତଶ୍ଚେତି'** (ସାଂଖ୍ୟ. ୫:୧) — ଅର୍ଥାତ୍ ଯାହା ନ୍ୟାୟ, ପକ୍ଷପାତରହିତ, ସତ୍ୟ, ବେଦୋକ୍ତ ଈଶ୍ୱରଙ୍କ ଆଦେଶ, ତାହାକୁ ଯଥାଯଥ ଭାବେ ସର୍ବତ୍ର ଓ ସର୍ବଦା ଆଚରଣ କରିବାକୁ ମଙ୍ଗଳାଚରଣ କୁହାଯାଏ । ଗ୍ରନ୍ଥର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସତ୍ୟାଚାର କରିବା ହିଁ ମଙ୍ଗଳାଚରଣ, କେଉଁ ସ୍ଥାନରେ ମଙ୍ଗଳ ତ ଆଉ କେଉଁ ସ୍ଥାନରେ ଅମଙ୍ଗଳ ଲେଖିବା ମଙ୍ଗଳାଚରଣ ନୁହେଁ । ଦେଖନ୍ତୁ ମହଦାଶୟସମ୍ପନ୍ନ ମହର୍ଷିଗଣ ଲେଖିଛନ୍ତି—

**ଯାନ୍ୟନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି, ନୋ ଇତରାଣି ।** (ତୈତ୍ତି. ୧:୧୧)

ହେ ସନ୍ତାନଗଣ ! ଯାହାସବୁ 'ଅନବଦ୍ୟ' ଅନିନ୍ଦନୀୟ ଅର୍ଥାତ୍ ଧର୍ମଯୁକ୍ତ କର୍ମ, ସେସବୁ ହିଁ ତୁମ ପକ୍ଷେ କରଣୀୟ, ଅଧର୍ମଯୁକ୍ତ କର୍ମ କରଣୀୟ ନୁହେଁ ।

ଏଣୁ ଆଧୁନିକ ଗ୍ରନ୍ଥମାନଙ୍କରେ ଯେଉଁ **'ଶ୍ରୀଗଣେଶାୟ ନମଃ', 'ସୀତାରାମାଭ୍ୟାଂ ନମଃ', 'ରାଧାକୃଷ୍ଣାଭ୍ୟାଂ ନମଃ', 'ଶ୍ରୀଗୁରୁଚରଣାରବିନ୍ଦାଭ୍ୟାଂ ନମଃ', 'ହନୁମତେ ନମଃ', 'ଦୁର୍ଗାୟୈ ନମଃ', 'ବଟୁକାୟ ନମଃ', 'ଭୈରବାୟ ନମଃ', 'ଶିବାୟ ନମଃ', 'ସରସ୍ୱତୈ ନମଃ', 'ନାରାୟଣାୟ ନମଃ'** ଇତ୍ୟାଦି ଲେଖା ଦେଖିବାକୁ ମିଳେ, ସେସବୁ ବେଦ ଓ ଶାସ୍ତ୍ରର ବିରୁଦ୍ଧ ହୋଇଥିବାରୁ ବୁଦ୍ଧିମାନ୍ ବ୍ୟକ୍ତିମାନେ ଏସବୁକୁ ମିଥ୍ୟା ବିବେଚନା କରିଥାନ୍ତି । **କାରଣ ବେଦ ଓ ଋଷି-ମୁନିକୃତ ଗ୍ରନ୍ଥମାନଙ୍କରେ କୁତ୍ରାପି ଏପରି ମଙ୍ଗଳାଚରଣ ଦେଖାଯାଇନଥାଏ । ଆର୍ଷ ଗ୍ରନ୍ଥରେ 'ଓ୩ମ୍' ତଥା 'ଅଥ' ଶବ୍ଦ ତ ଦେଖିବାକୁ ମିଳେ । ଯଥା—**

**'ଅଥ ଶବ୍ଦାନୁଶାସନମ୍' । ଅଥେତ୍ୟୟଂ ଶବ୍ଦୋଽଧିକାରାର୍ଥଃ ପ୍ରଯୁଜ୍ୟତେ ।** (ବ୍ୟାକରଣ ମହାଭାଷ୍ୟ. ପସ୍ପଶାହ୍ନିକ)

**'ଅଥାତୋ ଧର୍ମଜିଜ୍ଞାସା' । ଅଥେତ୍ୟାନନ୍ତର୍ୟେ ବେଦାଧ୍ୟୟନାନନ୍ତରମ୍ ।** (ପୂର୍ବ ମୀମାଂସା. ୧:୧:୧)

**'ଅଥାତୋ ଧର୍ମଂ ବ୍ୟାଖ୍ୟାସ୍ୟାମଃ' ।**

**ଅଥେତି ଧର୍ମକଥନାନନ୍ତରଂ ଧର୍ମଲକ୍ଷଣଂ ବିଶେଷେଣ ବ୍ୟାଖ୍ୟାସ୍ୟାମଃ ।** (ବୈଶେଷିକ. ୧:୧:୧)

**'ଅଥ ଯୋଗାନୁଶାସନମ୍' । ଅଥେତ୍ୟୟମଧିକାରାର୍ଥଃ ।** (ଯୋଗ. ୧:୧)

**'ଅଥ ତ୍ରିବିଧଦୁଃଖାତ୍ୟନ୍ତନିବୃତ୍ତିରତ୍ୟନ୍ତପୁରୁଷାର୍ଥଃ' । ସାଂସାରିକବିଷୟଭୋଗାନନ୍ତରଂ ତ୍ରିବିଧଦୁଃଖାତ୍ୟନ୍ତନିବୃତ୍ତ୍ୟର୍ଥଃ ପ୍ରୟତ୍ନଃ କର୍ତ୍ତବ୍ୟଃ ।** (ସାଂଖ୍ୟ. ୧:୧)

**'ଅଥାତୋ ବ୍ରହ୍ମଜିଜ୍ଞାସା' । ଚତୁଷ୍ଟୟସାଧନସମ୍ପତ୍ତ୍ୟନନ୍ତରଂ ବ୍ରହ୍ମ ଜିଜ୍ଞାସ୍ୟମ୍ ।** (ବେଦାନ୍ତ. ୧:୧:୧)

**'ଓମିତ୍ୟେତଦକ୍ଷରମୁଦ୍‌ଗୀଥମୁପାସୀତ' ।** (ଛାନ୍ଦୋଗ୍ୟ. ୧:୧:୧)

**'ଓମିତ୍ୟେତଦକ୍ଷରମିଦଂ ସର୍ବଂ ତସ୍ୟୋପବ୍ୟାଖ୍ୟାନମ୍' ।** (ମାଣ୍ଡୂକ୍ୟ. ୧)

ଏପରି ହିଁ ଅନ୍ୟ ଋଷି-ମୁନିକୃତ ଗ୍ରନ୍ଥମାନଙ୍କରେ **'ଓମ୍'** ଓ **'ଅଥ'** ଶବ୍ଦ ଲେଖାଯାଇଛି । ସେହିପରି ହିଁ ଏ ଶବ୍ଦଗୁଡ଼ିକ **(ଅଗ୍ନି, ଇଟ୍, ଅଗ୍ନି, ଯେ ତ୍ରିଷପ୍ତାଃ ପରିୟନ୍ତି)** ଚାରି ବେଦର ଆରମ୍ଭରେ ଲେଖାଯାଇଛି । **'ଶ୍ରୀଗଣେଶାୟ ନମଃ'** ଇତ୍ୟାଦି ଲେଖା ଆର୍ଷ ଗ୍ରନ୍ଥରେ ଆରମ୍ଭରେ କେଉଁଠି ବି ନାହିଁ । ଆଉ ଗୋଟିଏ କଥା ଯେ ଯେଉଁମାନେ ବେଦର ଆରମ୍ଭରେ **'ହରିଃ ଓମ୍'** ଲେଖନ୍ତି ବା ପଢ଼ନ୍ତି, ସେମାନେ ତାହା ପୌରାଣିକ ଓ ତାନ୍ତ୍ରିକ ମାନଙ୍କ ମିଥ୍ୟା କଳ୍ପନାରୁ ଶିଖିଛନ୍ତି । ବେଦାଦି ଶାସ୍ତ୍ରରେ **'ହରି'** ଶବ୍ଦ ଆରମ୍ଭରେ କେଉଁଠି ବି ନାହିଁ । ଏଣୁ କେବଳ **'ଓ୩ମ୍'** ବା **'ଅଥ'** ଶବ୍ଦ ହିଁ ଗ୍ରନ୍ଥର ଆରମ୍ଭରେ ଲେଖିବା ଉଚିତ ।

ଏଠାରେ ଈଶ୍ୱରଙ୍କ ନାମ ବିଷୟରେ ଅଳ୍ପକିଛି ଲେଖାଗଲା । ଏହାପରେ ଆଗକୁ ଶିକ୍ଷା ବିଷୟରେ ଲେଖାଯିବ ।

**ଇତି ଶ୍ରୀମଦ୍ଦୟାନନ୍ଦ ସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ**
**ସୁଭାଷାବିଭୂଷିତ ଈଶ୍ୱରନାମବିଷୟେ**
**ପ୍ରଥମଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥ ୧ ॥**

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❖❖❖

# ହାର୍ଦ୍ଦିକ କୃତଜ୍ଞତା ପ୍ରକାଶ

ପରମପିତା ପରମାତ୍ମାଙ୍କ ଆଦେଶ - **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପ୍ରଥମ ସଂଖ୍ୟାରେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ପ୍ରଥମ ସଂଖ୍ୟାରେ ହିଁ ଏତେ ସଂଖ୍ୟକ ପାଠକ ଏହାର ସଦସ୍ୟ ହୋଇଛନ୍ତି ତାହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା-

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧ | ଗଞ୍ଜାମ | ୮୯ | ୨୦୨ | ୨୯୧ | ୧୭ | ବୌଦ୍ଧ | ୦୫ | ୩୩ | ୩୮ |
| ୦୨ | ଖୋର୍ଦ୍ଧା | ୫୭ | ୧୨୫ | ୧୮୨ | ୧୮ | କନ୍ଧମାଳ | ୦୫ | ୩୧ | ୩୬ |
| ୦୩ | ବରଗଡ଼ | ୫୭ | ୧୦୨ | ୧୫୯ | ୧୯ | ନୟାଗଡ଼ | ୦୩ | ୨୫ | ୨୮ |
| ୦୪ | ସୁନ୍ଦରଗଡ଼ | ୪୯ | ୨୦୦ | ୨୪୯ | ୨୦ | ଜଗତସିଂହପୁର | ୦୩ | ୧୬ | ୧୯ |
| ୦୫ | କଟକ | ୪୨ | ୭୧ | ୧୧୩ | ୨୧ | ଗଜପତି | ୦୩ | ୦୫ | ୦୮ |
| ୦୬ | କୋରାପୁଟ | ୩୯ | ୬୭ | ୧୦୬ | ୨୨ | ଯାଜପୁର | ୦୨ | ୨୯ | ୩୧ |
| ୦୭ | ବଲାଙ୍ଗିର | ୨୭ | ୮୭ | ୧୧୪ | ୨୩ | କେନ୍ଦ୍ରାପଡ଼ା | ୦୨ | ୦୮ | ୧୦ |
| ୦୮ | ବାଲେଶ୍ୱର | ୨୧ | ୧୨ | ୩୩ | ୨୪ | ଢେଙ୍କାନାଳ | ୦୨ | ୦୬ | ୦୮ |
| ୦୯ | ରାୟଗଡ଼ା | ୧୪ | ୫୦ | ୬୪ | ୨୫ | କଳାହାଣ୍ଡି | ୦୨ | ୦୫ | ୦୭ |
| ୧୦ | ପୁରୀ | ୧୪ | ୧୫ | ୨୯ | ୨୬ | କେନ୍ଦୁଝର | ୦୨ | ୦୫ | ୦୭ |
| ୧୧ | ଭଦ୍ରକ | ୧୪ | ୧୦ | ୨୪ | ୨୭ | ଝାରସୁଗୁଡ଼ା | ୦୧ | ୦୩ | ୦୪ |
| ୧୨ | ସୁବର୍ଣ୍ଣପୁର | ୧୧ | ୩୦ | ୪୧ | ୨୮ | ନୂଆପଡ଼ା | ୦୧ | ୦୩ | ୦୪ |
| ୧୩ | ମାଲକାନଗିରି | ୧୧ | ୨୮ | ୩୯ | ୨୯ | ଦେବଗଡ଼ | ୦ | ୧୦ | ୧୦ |
| ୧୪ | ମୟୂରଭଞ୍ଜ | ୧୦ | ୩୩ | ୪୩ | ୩୦ | ନବରଙ୍ଗପୁର | ୦ | ୦୩ | ୦୩ |
| ୧୫ | ସମ୍ବଲପୁର | ୦୯ | ୫୫ | ୬୪ | ୩୧ | ଅନ୍ୟାନ୍ୟ | ୧୬ | ୧୫ | ୩୧ |
| ୧୬ | ଅନୁଗୁଳ | ୦୯ | ୨୧ | ୩୦ | | **ମୋଟ** | **୫୨୦** | **୧୩୦୫** | **୧୮୨୫** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ଆମେ ସମସ୍ତ

ସହଯୋଗୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ ତଥା ପ୍ରତ୍ୟେକ ସଦସ୍ୟଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ପ୍ରତ୍ୟେକେ ବେଦ-ପ୍ରଚାର କାର୍ଯ୍ୟକ୍ରମର ଏହି ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ଈଶ୍ୱରୀୟ କାର୍ଯ୍ୟର ଏକ ଦିବ୍ୟ ସୈନିକ ରୂପେ ନିଜକୁ ବିବେଚନା କରି ନିଜେ ଆଜୀବନ ସଦସ୍ୟ ହେବା ସହ ଅନ୍ୟୂନ ଆଉ ୨/୩ଟି ଆଜୀବନ ସଦସ୍ୟ କରିବା ପାଇଁ ପ୍ରଚେଷ୍ଟା କରନ୍ତୁ, ଯଦ୍ଦ୍ୱାରା ପତ୍ରିକାଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ନ ହୋଇ ନିର୍ବାଧ ରୂପେ ପ୍ରକାଶିତ ହୋଇଚାଲିବ ଏବଂ ଈଶ୍ୱରୀୟ ଜ୍ଞାନର ପବିତ୍ର ମନ୍ଦାକିନୀରେ ନିରନ୍ତର ଅବଗାହନ କରି ଅଶାନ୍ତିର ଜ୍ୱାଳାରେ ସନ୍ତପ୍ତ ସାମ୍ପ୍ରତିକ ସମାଜ ଦିବ୍ୟ ଶାନ୍ତି ଲାଭ କରିପାରିବ। ବେଦପ୍ରଚାରର ଏହି ଦିବ୍ୟ କାର୍ଯ୍ୟରେ ନିଜର ସହଯୋଗ ପ୍ରଦାନ କରିବା ପ୍ରତ୍ୟେକ ବ୍ୟକ୍ତି ପରମାତ୍ମାଙ୍କ ଅମୃତ ଆଶିଷ ଲାଭର ଅଧିକାରୀ ଅବଶ୍ୟ ହୋଇପାରିବେ। ବର୍ତ୍ତମାନ ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି-

## ଗଞ୍ଜାମ ଜିଲ୍ଲା

| | | | |
|---|---|---|---|
| ୦୧ | ଶ୍ରୀମାନ୍ ଦୟାସାଗର ସାହୁ | ୧୬ | ଶ୍ରୀମାନ୍ ସୁବାସ ଚନ୍ଦ୍ର ବରାଳ |
| ୦୨ | ଶ୍ରୀମାନ୍ ପ୍ରିୟଦର୍ଶୀ ଦାସ | ୧୭ | ଶ୍ରୀମତୀ ମମତା ଶତପଥୀ |
| ୦୩ | ଶ୍ରୀମାନ୍ ନାରାୟଣ ପଣ୍ଡା | ୧୮ | ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି |
| ୦୪ | ଡକ୍ଟର ରୁଦ୍ରପ୍ରସନ୍ନ ମହାପାତ୍ର | ୧୯ | ଶ୍ରୀମତୀ ଅସ୍ମିତା ପାଣିଗ୍ରାହୀ |
| ୦୫ | ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ୨୦ | ଶ୍ରୀମତୀ ଅମୃତା ପରିଚ୍ଛା |
| ୦୬ | ଶ୍ରୀମାନ୍ ଆର. ମୋହନ ରେଡ୍ଡି | ୨୧ | ଶ୍ରୀମତୀ ସାରଦା ବିଷୋଇ |
| ୦୭ | ଶ୍ରୀମାନ୍ ବିଷ୍ଣୁପ୍ରସାଦ ମୁନି | ୨୨ | ଶ୍ରୀମାନ୍ ତ୍ରିନାଥ ନାୟକ |
| ୦୮ | ଶ୍ରୀମାନ୍ ପ୍ରକାଶଚନ୍ଦ୍ର ଦାସ | ୨୩ | ଶ୍ରୀମତୀ ଟି. ବବିତା |
| ୦୯ | ଶ୍ରୀମାନ୍ ଗୋବିନ୍ଦ ମହାରଣା | ୨୪ | ଡକ୍ଟର ଉଷା ପାଢ଼ୀ |
| ୧୦ | ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ୨୫ | ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ |
| ୧୧ | ଶ୍ରୀମାନ୍ ବିପିନ ବିହାରୀ ଦୀକ୍ଷିତ | ୨୬ | ଶ୍ରୀମାନ୍ ଗୋପବନ୍ଧୁ ସାହୁ |
| ୧୨ | ଶ୍ରୀମାନ୍ ଭି. କମଳା ଦେବୀ | ୨୭ | ଶ୍ରୀମାନ୍ ଅଜିତ କୁମାର ପଣ୍ଡା |
| ୧୩ | ଶ୍ରୀମାନ୍ ଜି. ଶ୍ରୀନିବାସ ଆଚାରୀ | ୨୮ | ସୁଶ୍ରୀ ରାଜଲକ୍ଷ୍ମୀ ସାହୁ |
| ୧୪ | ଶ୍ରୀମାନ୍ ସୁରେଶଚନ୍ଦ୍ର ପାଣିଗ୍ରାହୀ | ୨୯ | ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି |
| ୧୫ | ଶ୍ରୀମାନ୍ ଇ.ବାବୁଲା | ୩୦ | ଶ୍ରୀମତୀ ଡି. ଭାନୁମତି ଦୋରା |

## ସୁନ୍ଦରଗଡ଼ ଜିଲ୍ଲା

| | | | |
|---|---|---|---|
| ୦୧ | ଶ୍ରୀମତୀ ରାସେଶ୍ୱରୀ ଦେଇ | ୦୭ | ଶ୍ରୀମାନ୍ ଅରୁଣ ନାୟକ |
| ୦୨ | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ୦୮ | ଶ୍ରୀମାନ୍ ପୀତବାସ ଦଳେଇ |
| ୦୩ | ଶ୍ରୀମାନ୍ ବିଜୟ କୁମାର ବେହେରା | ୦୯ | ଶ୍ରୀମାନ୍ ପ୍ରସନ୍ନ କୁମାର ମହାପାତ୍ର |
| ୦୪ | ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ୧୦ | ଶ୍ରୀମାନ୍ ଦିବାକର ବାରିକ |
| ୦୫ | ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ୧୧ | ଶ୍ରୀମାନ୍ ଗଣେଶ ବାରିକ |
| ୦୬ | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ୧୨ | ଶ୍ରୀମତୀ ଆଶାଲତା ଦାସ |

**କ୍ରମଶଃ.....**

# ଋଷିମେଳାରେ ସ୍ୱାମୀ ସୁଧାନନ୍ଦ

ପରୋପକାରିଣୀ ସଭା, ଅଜମେରର ତତ୍ତ୍ୱାବଧାନରେ ୧୩୨ ତମ ଋଷି ବଳିଦାନ ଉତ୍ସବ ଗତ ନଭେମ୍ବର ୨୦ରୁ୨୨ ତାରିଖ ୩ ଦିନ ଧରି ଋଷିଉଦ୍ୟାନ, ପୁଷ୍କର ମାର୍ଗ, ଅଜମେରଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଋଷିମେଳାରେ ଆମନ୍ତ୍ରିତ ଅତିଥି ରୂପେ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ (ଅଧ୍ୟକ୍ଷ, ଶ୍ରୁତିନ୍ୟାସ), 'ଶ୍ରୁତିସୌରଭ'ର ସମ୍ପାଦକ, ସହ-ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟଙ୍କ ସହ ଭାଗ ନେଇଥିଲେ । ୨୦ ତାରିଖ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଧ୍ୱଜାରୋହଣ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା । ଉଦ୍‌ଘାଟନ ଉତ୍ସବର ପ୍ରଥମ ଅଧିବେଶନର ବିଷୟ ରହିଥିଲା 'ବେଦରେ ଗୋମାଂସ ଭକ୍ଷଣ ନୁହେଁ - ଗୋରକ୍ଷା' । ଆଚାର୍ଯ୍ୟ ସୋମଦେବଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗଦେବ ବିଦ୍ୟାଳଙ୍କାର ଅଧ୍ୟକ୍ଷତା କରିଥିବା ବେଳେ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା ରୂପେ ଅଂଶଗ୍ରହଣ କରିଥିଲେ । ଅନ୍ୟତମ ବକ୍ତା ଥିଲେ ଗୁରୁକୁଳ ଝଝର (ହରିଆନା)ର ଆଚାର୍ଯ୍ୟ ବିଜୟପାଲ୍ । ସ୍ୱାମୀଜୀ କହିଲେ ବେଦରେ ସ୍ପଷ୍ଟ ଉଲ୍ଲେଖ ରହିଛି-**'ଅନ୍ତକାୟ ଗୋଘାତମ୍'** (ଯଜୁଃ. ୩୦:୧୮) । ପ୍ରଶାସନର ଦାୟିତ୍ୱ ହେଲା ଗୋହତ୍ୟାକାରୀକୁ ପ୍ରାଣଦଣ୍ଡ ଦେବା । ସେହିଭଳି ଅଥର୍ବ ବେଦରେ କୁହାଯାଇଛି- **'ଯଦି ନୋ ଗାଂ ହଂସି ଯଦ୍ୟଶ୍ୱଂ ଯଦି ପୂରୁଷମ୍ । ତଂ ତ୍ୱା ସିସେନ ବିଧ୍ୟାମୋ ଯଥା ନାସୋ ଅବୀରହା'** (ଅଥର୍ବ.୧:୧୬:୪) । ଅର୍ଥାତ୍ ଗୋହତ୍ୟା କରୁଥିବା ଲୋକଙ୍କୁ ଗୁଳି ମାରିଦେବା ଉଚିତ । କାରଣ ଗାଈ କେବଳ ଏକ ପଶୁ ନୁହେଁ, ଏହା ରାଷ୍ଟ୍ରର ଅର୍ଥନୈତିକ ମେରୁଦଣ୍ଡ । ଗାଈ ବଞ୍ଚିଲେ କୃଷି ବଞ୍ଚିବ, ଗାଈ ବଞ୍ଚିଲେ କୃଷକ ବଞ୍ଚିବ, ଗାଈ ବଞ୍ଚିଲେ ସଂସାର ବଞ୍ଚିବ, ପ୍ରକୃତିର ସନ୍ତୁଳନ ରକ୍ଷା ହେବ ।

ସେହପରି ଅପରାହ୍ନରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନର ବିଷୟ ରହିଥିଲା 'ଆର୍ଯ୍ୟସମାଜ-ଦଶା ଓ ଦିଶା' । ଏହାର ସଂଯୋଜନା କରିଥିଲେ ଶ୍ରୀଯୁକ୍ତ ସତ୍ୟେନ୍ଦ୍ରସିଂହ ଆର୍ଯ୍ୟ । ବକ୍ତା ରୂପେ ଅଂଶଗ୍ରହଣ କରିଥିଲେ ଶ୍ରୀଯୁକ୍ତ ରାମନିବାସ ଗୁଣଗ୍ରାହକ, ଯଶସ୍ୱୀ ଲେଖକ ପ୍ରାଧ୍ୟାପକ ରାଜେନ୍ଦ୍ର ଜିଜ୍ଞାସୁ ଏବଂ ମହାରାଷ୍ଟ୍ର ଆର୍ଯ୍ୟ ପ୍ରତିନିଧି ସଭାର ସଂପାଦକ ଶ୍ରୀଯୁକ୍ତ ମାଧବ ଦେଶପାଣ୍ଡେ । ଆର୍ଯ୍ୟସମାଜର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଅଧ୍ୟକ୍ଷୀୟ ଭାଷଣରେ ସ୍ୱାମୀଜୀ କିଛି ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ଉପସ୍ଥାପନ କରିଥିଲେ- **୧.** ପରିବାରରେ ପ୍ରତ୍ୟହ ସଦସ୍ୟମାନେ ସମ୍ମିଳିତ ସନ୍ଧ୍ୟୋପାସନା ଆଦି କରିବା, **୨.** ସମ୍ପୂର୍ଣ୍ଣ ପରିବାରକୁ ନେଇ ସାପ୍ତାହିକ ସତ୍‌ସଙ୍ଗକୁ ଯିବା, **୩.** ସତ୍‌ସଙ୍ଗରେ ମହିଳାମାନଙ୍କୁ ପ୍ରମୁଖ ରୂପେ କାର୍ଯ୍ୟକ୍ରମାଦିର ସଂଚାଳନ ଦାୟିତ୍ୱ ଦେବା, **୪.** ସତ୍‌ସଙ୍ଗକୁ ଆକର୍ଷଣୀୟ କରିବା ପାଇଁ ପୂର୍ବରୁ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବା, **୫.** ବେଦବିରୋଧୀ ବିଚାରକୁ ଘରେ ଆଦୌ ପ୍ରଶୟ ନ ଦେବା, **୬.** ସତ୍‌ସଙ୍ଗକୁ ପୂର୍ଣ୍ଣ ଗଣବେଶରେ ଯିବା, **୭.** ପ୍ରତ୍ୟେକ ବ୍ୟକ୍ତି ବେଦ ପ୍ରଚାର ଅଭିଯାନର ଜଣେ କର୍ତ୍ତବ୍ୟନିଷ୍ଠ ସୈନିକ ରୂପେ ବିବେଚନା କରି ସତ୍‌ସଙ୍ଗଟିଏ ପରିଚାଳନା କରିବା ପାଇଁ ଯୋଗ୍ୟତା ନିର୍ମାଣ କରିବା ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ଯଜ୍ଞ କରିବା, ୨/୩ଟି ଭଜନ ଗାଇବା, ୨-୩ଟି ବିଷୟରେ ୧୫-୨୦ ମିନିଟ୍‌ର ବିଚାର ଉପସ୍ଥାପନା କରିବା ପାଇଁ ନିଜକୁ ପ୍ରସ୍ତୁତ କରିବା ।

ଶ୍ରୁତିସୌରଭ ପତ୍ରିକାର ପ୍ରଥମ ସଂଖ୍ୟା ହିଁ ଓଡ଼ିଶାର ପାଠକ ଦରବାରରେ ଆଦୃତି ଲାଭ କରି ଗ୍ରାହକ ସଂଖ୍ୟା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଥିବାରୁ ସମ୍ପୂର୍ଣ୍ଣ ଆର୍ଯ୍ୟଜଗତ ତରଫରୁ ଶ୍ରୁତିନ୍ୟାସର ଏହି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରାଯାଇଥିଲା । ବିଭିନ୍ନ ସତ୍ରରେ ଡଃ. ଧର୍ମବୀର, ଡଃ. ସୁରେନ୍ଦ୍ର କୁମାର (କୁଳପତି, ଗୁରୁକୁଳ କାଙ୍ଗଡ଼ି ବିଶ୍ୱବିଦ୍ୟାଳୟ, ହରିଦ୍ୱାର), ଡଃ. ବେଦପାଳ (ବଡୌତ), ଡଃ. ରାଜେନ୍ଦ୍ର ବିଦ୍ୟାଳଙ୍କାର (କୁରୁକ୍ଷେତ୍ର), ଆଚାର୍ଯ୍ୟା ସୂର୍ଯ୍ୟାଦେବୀ (ଶିବଗଞ୍ଜ), ପଣ୍ଡିତ ସତ୍ୟାନନ୍ଦ ବେଦବାଗୀଶ ପ୍ରମୁଖ ବିଦ୍ୱାନ୍‌ମାନେ ବିଚାର ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର-ହଜାର ଋଷିଭକ୍ତ ଭାଗନେଇଥିଲେ ।







ବେଦ ପ୍ରଚାର ସମିତି, ବୌଦ୍ଧ ପକ୍ଷରୁ ଜୀବନ ନିର୍ମାଣ ଶିବିର ।






ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର ପକ୍ଷରୁ ଜୀବନ ନିର୍ମାଣ ଶିବିର ।






ବେଦ ପ୍ରଚାର ସମିତି, ଟିଟିଲାଗଡ଼ ପକ୍ଷରୁ ଜୀବନ ନିର୍ମାଣ ଶିବିର ।

*With Best Compliments From :*

**MAT-LAB**

**Engg. Material Testing Lab.**

*(Deals with : Engineering material testing, Sub-soil Exploration,*
*Digital Signature Certificate & e-tender related activities)*
*Krushna Nagar, Goilundi,, Berhampur-760004*
*Phone : 0680-2280007, 9438009646, 9437259202,*
*Email : matlab.bam@gmail.com*

RNI Regn. No. : ODIODI/2015/65938
₹ 20/- Shruti Sourabha Vol. 1 Issue 2 Jan.-Feb. 2016




ଶ୍ରୁତିନ୍ୟାସର ମହିଳା ବିଭାଗ ଦ୍ୱାରା ଯଜ୍ଞ ସଂଚାଳନ ।



ଅତିଥିମାନଙ୍କ ଦ୍ୱାରା ଶିବିର ଉଦ୍‌ଘାଟନ ।



ଶିବିରରେ ଉପସ୍ଥିତ ଥିବା ଶିବିରାର୍ଥୀଗଣ ।



ଶିବିରରେ ଉପସ୍ଥିତ ଥିବା ଶିବିରାର୍ଥୀଗଣ ।



'ଆର୍ଯ୍ୟସମାଜ–ଦଶା ଓ ଦିଶା' ବିଷୟରେ ସ୍ୱାମୀ ସୁଧାନନ୍ଦଙ୍କ ବିଚାର ଉପସ୍ଥାପନ । ମଞ୍ଚାସୀନ ପ୍ର. ରାଜେନ୍ଦ୍ର ଜିଜ୍ଞାସୁ ।




'ବେଦରେ ଗୋମାଂସ ଭକ୍ଷଣ ନୁହେଁ – ଗୋରକ୍ଷା' ବିଷୟରେ ସ୍ୱାମୀ ସୁଧାନନ୍ଦଙ୍କ ବ୍ୟାଖ୍ୟାନ । ମଞ୍ଚରେ ସୋମଦେବ ଆର୍ଯ୍ୟ ।

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, Sailashree Vihar, PO - Chandrasekharpur, BBSR - 21
**Editor : Padmanabha Swain**